52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

| RNI NO-42004 | Vol. : 45/ Issue : 194 | Brahmapur | Tuesday 25 August 2026 | ବର୍ଷ: ୪୫/ ଅଙ୍କ: ୧୯୪ | ମଙ୍ଗଳବାର ୨୫ ଅଗଷ୍ଟ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦ |
|---|---|---|---|---|---|---|---|---|

## ବ୍ୟବହୃତ ଜଳ ପରିଚାଳନା ଉପରେ ବୈଷୟିକ ସମ୍ମିଳନୀ

### ବର୍ଜ୍ୟଜଳ ବିଶୋଧନ, ପୁନଃବ୍ୟବହାର ଓ ସ୍ଥାୟୀ ସହରାଞ୍ଚଳ ଜଳ ପରିଚାଳନାକୁ ଫୋକସ୍

ଭୁବନେଶ୍ୱର, ୨୪।୮: ଓଡ଼ିଶା ଅର୍ବାନ କନକ୍ଲେଭ୍ ୨୦୨୬ ଅଂଶବିଶେଷ ଭାବେ ବ୍ୟବହୃତ ଜଳ ପରିଚାଳନା ଉପରେ ଆୟୋଜିତ ବୈଷୟିକ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। । ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ସିପିଏଚଇଇଓ ର ଡଃ ଭି. କେ. ଚୌରାସିଆ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାପାତ୍ର ଙ୍କ ସମେତ ବରିଷ୍ଠ ସରକାରୀ ଅଧିକାରୀ, ଯନ୍ତ୍ରୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ପ୍ରଯୁକ୍ତିବିତ୍ ଏବଂ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇ ବର୍ଜ୍ୟଜଳ ବିଶୋଧନ, ପୁନଃବ୍ୟବହାର ଏବଂ ସମ୍ପଦ ପୁନରୁଦ୍ଧାର ପାଇଁ ସ୍ଥାୟୀ, ନିରାପଦ ତଥା ଆର୍ଥିକ ଦୃଷ୍ଟିକୋଣରୁ ସୁଲଭ ଉପାୟ ଉପରେ ଆଲୋଚନା କରିଥିଲେ । ନିଜ ବକ୍ତବ୍ୟରେ ମନ୍ତ୍ରୀ କହିଥିଲେ, ଦ୍ରୁତ ସହରୀକରଣ ପରିପ୍ରେକ୍ଷୀରେ ପ୍ରଭାବଶାଳୀ ବ୍ୟବହୃତ ଜଳ ପରିଚାଳନାର ବର୍ଦ୍ଧିତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମନ୍ତ୍ରୀ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଶୋଧିତ ବର୍ଜ୍ୟଜଳ ଓ ସ୍ଲଜ୍ (କାଦୁଅ/ଅବଶେଷ)ର ନିରାପଦ ଓ ମିତବ୍ୟୟୀ ପରିଚାଳନାକୁ ଗୁରୁତ୍ବ ଦିଅନ୍ତୁ। ଏଥିପାଇଁ ସରକାରୀ ସଂସ୍ଥା, ବୈଷୟିକ ପ୍ରତିଷ୍ଠାନ, କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଡଃ ମହାପାତ୍ର ଦର୍ଶାଇଥିଲେ । ଆଇଆଇଟି ରୁରକିର ହାଇଡ୍ରୋଲୋଜି ବିଭାଗର ପ୍ରଫେସର ଭାସ୍କର ଜ୍ୟୋତି ଡେକା ପୁନଃବ୍ୟବହାର ଏବଂ ସମ୍ପଦ ପୁନରୁଦ୍ଧାର ପାଇଁ ଅଭିନବ ବର୍ଜ୍ୟଜଳ ବିଶୋଧନ ପ୍ରକ୍ରିୟା ଉପରେ ବକ୍ତବ୍ୟ ରଖିଥିଲେ । ଆଇଆଇଟି ଭୁବନେଶ୍ୱରର ପ୍ରଫେସର ରାଜେଶ ରୋଶନ ଦାଶ ନୂତନ ଏରୋବିକ୍ ଏବଂ ଅନ୍-ଏରୋବିକ୍ ବର୍ଜ୍ୟଜଳ ବିଶୋଧନ ପ୍ରକ୍ରିୟା ଏବଂ ସହରାଞ୍ଚଳ ବର୍ଜ୍ୟଜଳ ପରିଚାଳନାର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବାରେ ଏହାର ପ୍ରୟୋଗ ଉପରେ ଆଲୋଚନା କରିଥିଲେ। କାଉନସିଲ ଅନ୍ ଏନର୍ଜି, ଏନଭାଇରନମେଣ୍ଟ ଆଣ୍ଡ ୱାଟରର ଡଃ ନୀତିନ ବାସି ବିଶୋଧିତ ବର୍ଜ୍ୟଜଳର ପୁନଃବ୍ୟବହାର ସମ୍ପର୍କିତ ନୀତି ଉପରେ ମତ ରଖିଥିଲେ।



## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

# ୧୯ ପାଳି ସୁଦ୍ଧା ୯୫% ସମାଧାନ

ଭୁବନେଶ୍ୱର ,୨୪।୮ : ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଜି (ସୋମବାର) ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ଟି ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ହୋଇଥିବା ଆପତ୍ତି ଅଭିଯୋଗ ଓ ଆବେଦନଗୁଡ଼ିକର ବିଚାର କରାଯାଇ ୯୫ ପ୍ରତିଶତ ସମାଧାନ କରାଯାଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୬ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି।

ଆଜିର ଶୁଣାଣି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମ ଆଗରେ ବିବୃତ୍ତି ରଖି କହିଛନ୍ତି, ଆମ ଶାସନ ବ୍ୟବସ୍ଥାର ମୂଳନୀତି ହେଉଛି- ସହାନୁଭୂତି, ସମବେଦନା ଓ ସହୃଦୟତା। ଲୋକଙ୍କ ସମସ୍ୟା ଶୁଣି, ତା'ର ସମାଧାନ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ୨୦୨୪ ମସିହାର ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଘୋଷଣା କରି ଆମେ ସହାୟତା ପ୍ରଦାନ କରିଥିଲୁ। ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ ପ୍ରଦାନ କରିଛୁ। ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ ପାଢୀ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ ୯୫ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି। ଏଥି ସହିତ ଜିଲ୍ଲାସ୍ତରରେ ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲାସ୍ତରରେ ଜୁଲାଇ ମାସ ଶେଷ ସୁଦ୍ଧା ୨,୬୯,୩୯୪ ଅଭିଯୋଗ ଶୁଣାଣି ହୋଇ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି।

### ଲଘୁଚାପ ବର୍ଷାରେ ଫୁଲୁଛି ନଦୀ

# ଉତ୍ତର ଓଡ଼ିଶାରେ ପୁଣି ବନ୍ୟା ଆଶଙ୍କା

ଭୁବନେଶ୍ୱର, ୨୪।୮: ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟରେ ଜାରି ରହିଛି ଲଗାଣ ବର୍ଷା । ଲଗାଣ ବର୍ଷାର ପ୍ରଭାବ ଏବେ ସିଧାସଳଖ ଦେଖିବାକୁ ମିଳିଛି ନଦୀ ଜଳସ୍ତରରେ । ବିଭିନ୍ନ ପ୍ରମୁଖ ନଦୀର ଜଳସ୍ତର ଦ୍ରୁତ ଗତିରେ ବଢୁଥିବାରୁ ଉପକୂଳ ଓ ଉତ୍ତର ଓଡ଼ିଶାର ଅନେକ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଘନୀଭୂତ ହୋଇଛି ।



ଲଘୁଚାପ, ଲଗାଣ ବର୍ଷା ଆଉ ତା' ସହ ଦ୍ରୁତ ଗତିରେ ବଢୁଛି ନଦୀର ଜଳସ୍ତର । ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳପ୍ରବାହ ବଢ଼ିବା ସହ ତଳିଆ ଅଞ୍ଚଳକୁ ଘାରିଛି ବନ୍ୟା ଭୟ । ବିଶେଷକରି ଉପକୂଳ ଓ ଉତ୍ତର ଓଡ଼ିଶାର ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷା ଓ ନଦୀ ଜଳସ୍ତର ବୃଦ୍ଧି ପରିସ୍ଥିତିକୁ ଅଧିକ ଜଟିଳ କରିଛି ।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟରେ ଲାଗି ରହିଥିବା ଲଗାଣ ବର୍ଷା କାରଣରୁ ବିଭିନ୍ନ ପ୍ରମୁଖ ନଦୀର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଉପକୂଳ ତଥା ଉତ୍ତର ଓଡ଼ିଶାର ଅନେକ ତଳିଆ ଅଞ୍ଚଳରେ ଏବେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସମ୍ଭାବ୍ୟ ବନ୍ୟା ସ୍ଥିତି, ନଦୀଗୁଡ଼ିକର ବର୍ଦ୍ଧିତ ଜଳସ୍ତର ଏବଂ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ରାଜ୍ୟ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି । ନଦୀର ଜଳସ୍ତର କେବେ ବିପଦ ସଙ୍କେତ ଛୁଇଁବ, କେଉଁ ଅଞ୍ଚଳରେ ଅଧିକ ପ୍ରଭାବ ପଡ଼ିବ, ସେନେଇ ନଜର ରଖିଛି ଜଳସମ୍ପଦ ବିଭାଗ ବୋଲି ସୂଚନା ଦେଇଛନ୍ତି, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ।

ବର୍ତ୍ତମାନର ବର୍ଷା ଓ ବିଭିନ୍ନ ନଦୀର ଜଳସ୍ତର ଉପରେ ବିଭାଗ ନିରନ୍ତର ନଜର ରଖିଛି । ସମ୍ଭାବ୍ୟ ବନ୍ୟାକୁ ମୁକାବିଲା ପାଇଁ ବିଭାଗୀୟ ସ୍ତରରେ ଆବଶ୍ୟକ ପ୍ରସ୍ତୁତି କରାଯାଇଛି ।ବନ୍ୟା ଆସିବା ପୂର୍ବରୁ ପ୍ରସ୍ତୁତି । ଏବେ ଏହା ହିଁ ବଡ଼ ଚ୍ୟାଲେଞ୍ଜ । ନଦୀବନ୍ଧର ସ୍ଥିତି, ଜଳସ୍ତର, ଜଳପ୍ରବାହ ଓ ଦୁର୍ବଳ ସ୍ଥାନ ଉପରେ ରହିଛି ବିଭାଗର ନଜର।

ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତରଣ ସସ ବନ୍ୟା ପ୍ରଭାବିତ ଅଞ୍ଚଳରେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରସ୍ତୁତ ରହିଛି ପ୍ରଶାସନ । କିନ୍ତୁ ଆଗାମୀ କିଛି ଘଣ୍ଟାରେ ବର୍ଷାର ତୀବ୍ରତା କେତେ ରହିବ ଏବଂ ନଦୀଗୁଡ଼ିକରେ ଜଳପ୍ରବାହ କେତେ ବଢ଼ିବ ତା' ଉପରେ ନିର୍ଭର କରିବ ବନ୍ୟା ସ୍ଥିତିର ଗମ୍ଭୀରତା ।

## ଭେଜାଲ ପନିର କାରବାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ: ମନ୍ତ୍ରୀ

ଭୁବନେଶ୍ୱର ୨୪।୮: ଭେଜାଲ ଛେନା, ପନିର ପଛରେ ଏକ ବଡ଼ ରାକେଟ୍ କାମ କରୁଛି । ଏନେଇ ଗୃହ ବିଭାଗ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ଦେଇ କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଆଗାମୀ ଦିନରେ ରାଜ୍ୟରେ ଚଢ଼ାଉ ଜୋରଦାର କରାଯିବ । ଯେଉଁଠାରେ ପନିର ତିଆରି ହେଉଛି ସେଠାରେ ମଧ୍ୟ ଚଢ଼ାଉ କରାଯିବ । ରାଜ୍ୟରେ ସୁସ୍ଥ ଖାଦ୍ୟର ବାତାବରଣ ତିଆରି କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । ସେପଟେ ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ରାଜଧାନୀରେ ନକଲି ଛେନା ଓ ପନିର ନେଇ ଜୋରଦାର ଯାଞ୍ଚ ହେଉଛି । ବିଭିନ୍ନ ମିଠା ଦୋକାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ବିଶେଷକରି କେମିକାଲ୍ ଓ ଅସ୍ୱାସ୍ଥ୍ୟକର ଉପାୟରେ ପ୍ରସ୍ତୁତ ପନିର ବିକ୍ରି ହେଉଛି କି ନାହିଁ, ତା' ଉପରେ ଟିମ୍ର ନଜର ରହିଛି । ଛକ ସମେତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଥିବା ମିଠା ଦୋକାନରେ ଯାଞ୍ଚ କରାଯାଉଛି । ମିଠା ପ୍ରସ୍ତୁତିରେ ବ୍ୟବହୃତ ଛେନା, ପନିର ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ କରୁଛି ସ୍ୱାସ୍ଥ୍ୟ ବିଭାଗ । ନିୟମ ଉଲ୍ଲଂଘନ କିମ୍ବା ନିମ୍ନମାନର ସାମଗ୍ରୀ ମିଳିଲେ ନମୁନା ସଂଗ୍ରହ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୂଚନା ମିଳିଛି । ପାର୍ବଣ ସମୟରେ ମିଠାର ଚାହିଦା ବଢ଼ୁଥିବାରୁ ନକଲି ଛେନା ଓ ପନିରର କାରବାର ଉପରେ ରୋକ୍ ଲଗାଇବାକୁ ଏହି ଚଢ଼ାଉ ଜାରି ରହିଛି । ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ବ୍ୟବସାୟୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଛି ।

# ସଂଶୋଧିତ ହେବ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ

ଭୁବନେଶ୍ୱର, ୨୪।୮ : ରାଜ୍ୟରେ ମଠ, ମନ୍ଦିର ଓ ଧାର୍ମିକ ଅନୁଷ୍ଠାନଗୁଡ଼ିକର ପରିଚାଳନା ନିମନ୍ତେ ପ୍ରଚଳିତ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ ୧୯୫୧ ସଂଶୋଧିତ ହେବ। ମଠ, ମନ୍ଦିରଗୁଡ଼ିକର ପରିଚାଳନା ନିମନ୍ତେ ସ୍ୱଷ୍ଟ ଓ ନିର୍ଦ୍ଦିଷ୍ଟ ନୀତି ଓ ନିୟମ ନିର୍ଦ୍ଧାରଣ କରାଯିବ। ଆଜି ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଆଜିର ଏହି ବୈଠକରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପ୍ରଚଳିତ ଆଇନରେ ଥିବା ବହୁ ଅନାବଶ୍ୟକ ଧାରା ଓ ଉପଧାରାକୁ ଯୁଗୋପଯୋଗୀ ଅନୁଯାୟୀ ସଂଶୋଧନ ନେଇ ଆଲୋଚନା ହୋଇଥିଲା । ଏଥି ସହିତ କମିଶନର, ଅତିରିକ୍ତ କମିଶନର ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କ୍ଷମତା, କ୍ୟାଡର ପୁନର୍ଗଠନ, ଦେବୋତ୍ତର ବିଭାଗରେ ନୂଆ ନିଯୁକ୍ତି ସୃଷ୍ଟି ନେଇ ମଧ୍ୟ ଆଲୋଚନା ହୋଇଥିଲା । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ଯେ ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ମନ୍ଦିର, ମଠ ଏବଂ ଧାର୍ମିକ ଅନୁଷ୍ଠାନର ପ୍ରଶାସନିକ ଓ ଆର୍ଥିକ ସୁପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ । ଏହି ବୈଠକରେ ଲ'କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର କମିଶନର ସତ୍ୟ ନାରାୟଣ ଷଡ଼ଙ୍ଗୀ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଅତିରିକ୍ତ ସରକାରୀ ଅଧିବକ୍ତା ମନ୍ମୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଓ ଡମ୍ପ ଠାବ

ସୁନ୍ଦରଗଡ଼,୨୪।୮: ସୁନ୍ଦରଗଡ଼ର କେ. ବଲାଙ୍ଗ ଥାନା ଅଧୀନସ୍ଥ ସିଲକୁଟା ରିଜର୍ଭ ଫରେଷ୍ଟରେ ଏକ ଗୁପ୍ତ ମାଓ ଡମ୍ପ ଥିବା ସମ୍ପର୍କରେ ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ଜେରା ସମୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। ମିଳିଥିବା ସୂଚନା ଆଧାରରେ ଡିଭିଏଫ ଏବଂ ବିଡିଡିଏସର ଏକ ମିଳିତ ଦଳ ଅପରେସନ ଆରମ୍ଭ କରିଥିଲେ। ଏହି ଅପରେସନ ସମୟରେ ଦଳ ଜଙ୍ଗଲରେ ମାଓ ଡମ୍ପର ସନ୍ଧାନରେ ଲାଗି ପଡ଼ିଥିଲେ। ମିଳିଥିବା ମାଓ ଡମ୍ପରୁ ମାଓବାଦୀଙ୍କ ବିଭିନ୍ନ ଅସ୍ତ୍ରଶସ୍ତ୍ର ସହିତ ଗୁଳିଗୋଳା, ବିସ୍ଫୋରକ, ମାଓ ପୁସ୍ତକ ଏବଂ ବିଭିନ୍ନ ମାଓ ଶିବିର ସମ୍ବନ୍ଧୀୟ ଆର୍ଟିକଲ, ୱାକିଟକି, ଚାର୍ଜର ଆଦି ଜବତ କରାଯାଇଛି।। ମାଓ ନେଟୱାର୍କଗୁଡ଼ିକୁ ଭାଙ୍ଗିବା ପାଇଁ ଲୁଚି ରହିଥିବା ଡମ୍ପର ଉଦ୍ଧାର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ, ୩୧.୦୩.୨୦୨୬ ରେ ଓଡ଼ିଶା ରାଜ୍ୟକୁ ନକ୍ସଲମୁକ୍ତ ଘୋଷଣା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଏବଂ ସ୍ଥାୟୀ ସ୍ଥିରତା ବଜାୟ ରଖିବା ପାଇଁ ସୁରକ୍ଷା ବାହିନୀର ନିରନ୍ତର ପ୍ରୟାସର ଏହା ଏକ ଉଦାହରଣ।

# ଶିକ୍ଷାରେ ଭାରତର ଅଗ୍ରଗତି, ତଥାପି ରହିଛି ବଡ଼ ଅସମାନତା

### ଭିତ୍ତିଭୂମି, ଶିକ୍ଷକ, ଡିଜିଟାଲ ସୁବିଧା ଓ ସାମାଜିକ ସମାବେଶରେ ରାଜ୍ୟ ରାଜ୍ୟ ମଧ୍ୟରେ ବଡ଼ ତଫାତ

ନୂଆଦିଲ୍ଲୀ, ୨୪।୮: ଦେଶର ଶିକ୍ଷା ବ୍ୟବସ୍ଥା ଗତ କିଛି ବର୍ଷରେ ଅନେକ ଦିଗରେ ଅଗ୍ରଗତି କରିଛି । ଛାତ୍ରଛାତ୍ରୀଙ୍କ ନାମଲେଖା ବଢ଼ିବା, ବିଦ୍ୟାଳୟ ଛାଡ଼ିବା ହାର କମିବା, ଶିକ୍ଷକଙ୍କ ଉପଲବ୍ଧତା ବଢ଼ିବା ଏବଂ ବିଦ୍ୟାଳୟର ଭିତ୍ତିଭୂମିରେ ସୁଧାର ଭଳି କ୍ଷେତ୍ରରେ ଦେଶ ଭଲ ପ୍ରଗତି କରିଛି । କିନ୍ତୁ ଏହି ସଫଳତା ସତ୍ତ୍ୱେ ଶିକ୍ଷାରେ ସମାନତା ଏବେ ବି ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି । ୨୦୨୫-୨୬ ଶିକ୍ଷାବର୍ଷର ଏକୀକୃତ ଜିଲ୍ଲା ଶିକ୍ଷା ସୂଚନା ପ୍ରଣାଳୀ ପ୍ଲସ୍ ରିପୋର୍ଟରେ ଦେଶର ବିଦ୍ୟାଳୟ ଶିକ୍ଷାର ବର୍ତ୍ତମାନ ସ୍ଥିତିର ଏକ ବ୍ୟାପକ ଚିତ୍ର ସାମ୍ନାକୁ ଆସିଛି । ଏହି ରିପୋର୍ଟରେ ପ୍ରାୟ ୧୪.୭ ଲକ୍ଷ ବିଦ୍ୟାଳୟ, ୨୪ କୋଟି ଛାତ୍ରଛାତ୍ରୀ ଏବଂ ୧.୦୨ କୋଟି ଶିକ୍ଷକଙ୍କ ସମ୍ପର୍କିତ ତଥ୍ୟ ସାମିଲ ରହିଛି । ରିପୋର୍ଟରୁ ଜଣାପଡ଼ିଛି ଯେ ଦେଶରେ ଶିକ୍ଷାର ପହଞ୍ଚ ବଢ଼ିଛି । ଅଧିକ ସଂଖ୍ୟକ ପିଲା ବିଦ୍ୟାଳୟରେ ନାମ ଲେଖାଉଛନ୍ତି । ପିଲାମାନେ ଶିକ୍ଷା ଜାରି ରଖିବାର ପ୍ରବୃତ୍ତି ମଧ୍ୟ ବଢ଼ିଛି । ବିଦ୍ୟାଳୟ ଛାଡ଼ିବା ହାରରେ ମଧ୍ୟ ହ୍ରାସ ଦେଖାଯାଇଛି । ଶିକ୍ଷକଙ୍କ ସଂଖ୍ୟା



ଏବଂ ବିଦ୍ୟାଳୟରେ ଆବଶ୍ୟକ ସୁବିଧା ବଢ଼ିବା ମଧ୍ୟ ଶିକ୍ଷା ବ୍ୟବସ୍ଥା ପାଇଁ ଏକ ସକାରାତ୍ମକ ସଙ୍କେତ । କିନ୍ତୁ ଦେଶର ସବୁ ଅଞ୍ଚଳ ଓ ସବୁ ସାମାଜିକ ବର୍ଗର ପିଲାଙ୍କ ପାଇଁ ଶିକ୍ଷାର ସୁଯୋଗ ସମାନ ନୁହେଁ । ବିଭିନ୍ନ ରାଜ୍ୟ ମଧ୍ୟରେ ମୋଟ ନାମଲେଖା ହାର, ବିଦ୍ୟାଳୟ ଛାଡ଼ିବା ହାର, ଜଣେ ଶିକ୍ଷକଙ୍କ ପାଖରେ ଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏବଂ ଭିତ୍ତିଭୂମି ସୁବିଧାରେ ଉଲ୍ଲେଖନୀୟ ତଫାତ ରହିଛି । ଏହା ଦର୍ଶାଉଛି ଯେ କେବଳ ବିଦ୍ୟାଳୟରେ ନାମ ଲେଖାଇବା ବଢ଼ିଲେ ହିଁ ଶିକ୍ଷାରେ ସମାନତା ଆସିବ ନାହିଁ । ଶିକ୍ଷାର ଗୁଣବତ୍ତା ସହିତ ଏହାର ପହଞ୍ଚ, ସମାବେଶ ଓ ସୁବିଧାକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ । ସହର ଅଞ୍ଚଳର ଅନେକ ବିଦ୍ୟାଳୟରେ ଯେଉଁ ସୁବିଧା ଉପଲବ୍ଧ ରହିଛି, ଦୂରଦୂରାନ୍ତ ଓ ଗ୍ରାମାଞ୍ଚଳର ଅନେକ ବିଦ୍ୟାଳୟରେ ସେହି ସୁବିଧା ନଥିବା ଦେଖାଯାଉଛି । ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ଶିକ୍ଷା ଅବସର ଉପରେ ପଡୁଛି । ଡିଜିଟାଲ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏଭଳି ଅସମାନତା ରହିଛି । ଇଣ୍ଟରନେଟ୍, କମ୍ପ୍ୟୁଟର ଓ ଅନ୍ୟ ଡିଜିଟାଲ ଉପକରଣ ଥିବା ବିଦ୍ୟାଳୟ ଓ ଏହି ସୁବିଧାରୁ ବଞ୍ଚିତ ବିଦ୍ୟାଳୟ ମଧ୍ୟରେ ତଫାତ ରହିଛି । ଡିଜିଟାଲ ଶିକ୍ଷାର ବ୍ୟବହାର ବଢ଼ୁଥିବା ସମୟରେ ଏହି ତଫାତ ଗରିବ ଓ ପଛୁଆ ଅଞ୍ଚଳର ପିଲାଙ୍କ ପାଇଁ ଆହୁରି ବଡ଼ ସମସ୍ୟା ହୋଇପାରେ । ଶିକ୍ଷକଙ୍କ ଉପଲବ୍ଧତା ମଧ୍ୟ ରାଜ୍ୟ ଅନୁଯାୟୀ ସମାନ ନୁହେଁ । କେତେକ ଅଞ୍ଚଳରେ ଜଣେ ଶିକ୍ଷକଙ୍କ ଉପରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ରହୁଛି । ଏହା ଶିକ୍ଷକଙ୍କ ଉପରେ ଚାପ ବଢ଼ାଇବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଧ୍ୟାନ ଦେବାରେ ବାଧା ସୃଷ୍ଟି କରିପାରେ । ଛାତ୍ରଛାତ୍ରୀଙ୍କ ପରିଚୟ ସମ୍ପର୍କିତ ତଥ୍ୟରେ ମଧ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ବଡ଼ ତଫାତ ଦେଖାଯାଇଛି । ଆଧାର ସହ ଛାତ୍ରଛାତ୍ରୀଙ୍କ ତଥ୍ୟ ଯୋଡ଼ିବା କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ସର୍ବାଧିକ ୯୯.୬ ପ୍ରତିଶତ ସହ ଆଗରେ ରହିଛି । ଚଣ୍ଡିଗଡ଼ରେ ଏହା ୯୯ ପ୍ରତିଶତ ରହିଛି । ଅନ୍ୟପଟେ ମେଘାଳୟରେ ଏହି ହାର ମାତ୍ର ୩୫ ପ୍ରତିଶତ । ଦେଶର ହାରାହାରି ହାର ୯୦.୨ ପ୍ରତିଶତ ରହିଛି । ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ବଣ୍ଟନରେ ମଧ୍ୟ ଅଞ୍ଚଳଗତ ତଫାତ ସାମ୍ନାକୁ ଆସିଛି । ଉତ୍ତରପ୍ରଦେଶରେ ଦେଶର ସର୍ବାଧିକ ସଂଖ୍ୟକ ବିଦ୍ୟାଳୟ ଓ ଛାତ୍ରଛାତ୍ରୀ ରହିଛନ୍ତି ।

ଅନ୍ୟପଟେ ମେଘାଳୟ ଓ ହିମାଚଳପ୍ରଦେଶ ଭଳି ରାଜ୍ୟରେ ବିଦ୍ୟାଳୟ ସଂଖ୍ୟା ତୁଳନାରେ ଛାତ୍ରଛାତ୍ରୀଙ୍କ ଅନୁପାତ ଅଧିକ । ଏହାର ଅର୍ଥ କେତେକ ଅଞ୍ଚଳରେ ବିଦ୍ୟାଳୟ ଉପରେ ଛାତ୍ରଛାତ୍ରୀଙ୍କ ଚାପ ଅଧିକ ରହିଛି । ଶିକ୍ଷାରେ ସାମାଜିକ ସମାବେଶ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ।

ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାର, ଦୂରଦୂରାନ୍ତ ଅଞ୍ଚଳର ପିଲା, ସାମାଜିକ ଭାବେ ପଛୁଆ ବର୍ଗ ଏବଂ ବିଶେଷ ଆବଶ୍ୟକତା ଥିବା ପିଲାମାନେ ଯେପରି ଶିକ୍ଷାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଅଧିକ ଗୁରୁତ୍ୱ ଦେବା ଦରକାର । ଶିକ୍ଷାରେ ସମାନତା ନଆସିଲେ ଦେଶର ଆର୍ଥିକ ଓ ସାମାଜିକ ପ୍ରଗତି ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ତେଣୁ କେବଳ ନାମଲେଖା ବଢ଼ାଇବା ନୁହେଁ, ପ୍ରତ୍ୟେକ ପିଲାଙ୍କୁ ଭଲ ବିଦ୍ୟାଳୟ, ଯୋଗ୍ୟ ଶିକ୍ଷକ, ଆବଶ୍ୟକ ଭିତ୍ତିଭୂମି, ଡିଜିଟାଲ ସୁବିଧା ଓ ଗୁଣାତ୍ମକ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ସାମଗ୍ରିକ ଭାବେ ୨୦୨୫-୨୬ର ରିପୋର୍ଟ ଭାରତୀୟ ଶିକ୍ଷା ବ୍ୟବସ୍ଥାର ଦୁଇଟି ଦିଗ ସାମ୍ନାକୁ ଆଣିଛି । ଗୋଟିଏ ପଟେ ଦେଶ ନାମଲେଖା, ବିଦ୍ୟାଳୟରେ ରହିବା ଓ ଭିତ୍ତିଭୂମି ଭଳି କ୍ଷେତ୍ରରେ ଆଗକୁ ବଢ଼ୁଛି ।

ଅନ୍ୟପଟେ ଅଞ୍ଚଳ, ସାମାଜିକ ବର୍ଗ ଓ ଆର୍ଥିକ ସ୍ଥିତି ଅନୁସାରେ ଶିକ୍ଷାର ସୁଯୋଗରେ ରହିଥିବା ତଫାତ ଏବେ ବି ବଡ଼ ଚ୍ୟାଲେଞ୍ଜ । ଏହି ତଫାତ ଦୂର କରିପାରିଲେ ହିଁ 'ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା'ର ଲକ୍ଷ୍ୟ ପ୍ରକୃତ ଅର୍ଥରେ ସଫଳ ହୋଇପାରିବ ।

### ମଣିପୁରରେ ହିଂସା

## ଜାଳିଦେଲେ ଏକାଧିକ ଘର

ନୂଆଦିଲ୍ଲୀ, ୨୪/୮: ମଣିପୁରର ସେନାପତି ଜିଲ୍ଲାରେ ସୋମବାର ପୁଣିଥରେ ହିଂସା ଓ ଅଗ୍ନିକାଣ୍ଡ ଘଟଣା ସାମ୍ନାକୁ ଆସିଛି। ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ସମୟରେ ଜଣେ ଯବାନ ଆହତ ହୋଇଥିବାବେଳେ ଏକାଧିକ ଘରକୁ ନିଆଁ ଲଗାଇ ଦିଆଯାଇଛି। ପୁଲିସ ଏହି ସୂଚନା ଦେଇଛି। ପୁଲିସର ସୂଚନା ଅନୁସାରେ, ଘଟଣାର ଆରମ୍ଭ ପଡ଼ୋଶୀ କାଙ୍ଗପୋକପି ଜିଲ୍ଲାର ତାଫୌ କୁକି ଗାଁରୁ ହୋଇଥିଲା। ସୋମବାର ଭୋର ପ୍ରାୟ ୨ଟା ୩୦ରେ ଦୁର୍ବୃତ୍ତମାନେ ଏକ ଘରେ ନିଆଁ ଲଗାଇଥିବା ଅଭିଯୋଗ ହୋଇଛି। ଏହା ପରେ ସେନାପତି ଜିଲ୍ଲାର ନାଗା ତାଫୌ ଅଞ୍ଚଳରେ ଭୋର ପ୍ରାୟ ୪ଟାରେ ଏକାଧିକ ଘର ଜଳାଇ ଦିଆଯାଇଥିଲା। ଏହା ପରେ ତାଫୌ ନାଗା ଅଞ୍ଚଳରେ ପ୍ରାୟ ସକାଳ ୯ଟା ୨୦ରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ଗୁଳିବିନିମୟରେ ଜଣେ ଯବାନ ଆହତ ହୋଇଥିଲେ। ତାଙ୍କୁ ସେନାପତି ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ସେ ବିପଦମୁକ୍ତ ଥିବା ଜଣାପଡ଼ିଛି। ଘର ପୋଡ଼ା ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ବଢ଼ିଛି। ସ୍ଥାନୀୟ ଲୋକମାନେ ସେନାପତି ଗେଟ୍ ନିକଟରେ ଏକାଠି ହୋଇ କାଠ ଓ ଟାୟାର ଜାଳି ଜାତୀୟ ରାଜପଥ-୨ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ଘର ପୋଡ଼ିବା ଘଟଣାକୁ ତାଫୌ କୁକି ଭିଲେଜ୍ ଅଥରିଟି ତୀବ୍ର ନିନ୍ଦା କରିବା ସହ ଦୋଷୀଙ୍କୁ ଚିହ୍ନଟ କରି ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି। ମଣିପୁରରେ ୨୦୨୩ ମସିହା ମେ'ରୁ ମେଇତେଇ ଓ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ଜାତିଗତ ସଂଘର୍ଷରେ ଏପର୍ଯ୍ୟନ୍ତ ୨୬୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଏବଂ ହଜାର ହଜାର ଲୋକ ବାସହୀନ ହୋଇଥିବା ରିପୋର୍ଟରେ କୁହାଯାଇଛି। ନୂଆ ହିଂସା ପରେ ସେନାପତି ଓ ଆଖପାଖ ଅଞ୍ଚଳରେ ସୁରକ୍ଷା ଚ୍ୟାଲେଞ୍ଜ ପୁଣି ବଢ଼ିଛି।

# ଜିଲ୍ଲା ଶ୍ରମ ଉପ ଆୟୁକ୍ତଙ୍କ ନିଉ ମଡର୍ଣ୍ଣ ଟେକ୍ନୋମେକ ଶ୍ରମିକଙ୍କ ସମସ୍ୟା ଶୁଣାଣୀ

ବାରିପଦା, ୨୪।୮ (ଆନିସ): ବାରିପଦା ସ୍ଥିତ ନିଉ ମଡର୍ଣ୍ଣ ଟେକ୍ନୋମେକ ପ୍ରାଇଭେଟ୍ ଲିମିଟେଡ କାରଖାନାରେ ୨୫୦ ରୁ ଉର୍ଦ୍ଧ୍ୱ ଶ୍ରମିକ ଦୀର୍ଘ ବର୍ଷରୁ କାମ କରୁଥିଲେ ସୁଦ୍ଧା ସଠିକ୍ ମଜୁରୀ ନ ପାଇବା ଫଳରେ ଶ୍ରମିକ ଅଶାନ୍ତି ଦେଖାଯାଇଛି। ତାର ପ୍ରତିବାଦରେ ଏଆଇଟିୟୁସି ସହବନ୍ଧିତ ନିଉ ମଡର୍ଣ୍ଣ ଟେକ୍ନୋମେକ ଶ୍ରମିକ ୟୁନିଅନ ପକ୍ଷରୁ ଆଜି ତା ୨୪.୮.୨୬ ଠାରୁ ଧାରଣା ଦେବା ପାଇଁ ଜଣାଇଦିଆଯାଇଥିଲା ଜିଲ୍ଲା ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଥିରେ ହସ୍ତକ୍ଷେପ କରି ଶ୍ରମିକ ସଂଘକୁ ଆଲୋଚନା ପାଇଁ ଡକାଇଥିଲେ ଏବଂ ତାହା ଫଳପ୍ରଦ ହୋଇଛି। ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟରତ ଶ୍ରମିକଙ୍କ କାର୍ଯାନୁଯାୟୀ ବର୍ଗୀକରଣ ସହ ମଜୁରୀ ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ମାଲିକଙ୍କ ପକ୍ଷରୁ କେହି ଉପସ୍ଥିତ ଥିବା ଦେଖାଯାଇନାହିଁ। ଶ୍ରମ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସଭାପତି ଶ୍ରୀ ବସନ୍ତ କୁମାର ନାଏକ, ସୁବାସ ଚନ୍ଦ୍ର ମହାନ୍ତ, ସନ୍ତୋଷ କୁମାର ସାହୁ, ମଧୁସୂଦନ ଦଳ ନାଏକ,ମୁକେଶ ମହାନ୍ତ, ତରୁଣ କୁମାର ମହାନ୍ତ, ସରୋଜ, ଦେବେନ୍ଦ୍ର ବେହେରା, ଈଶ୍ୱର ନାଏକ,ଅଜୟ ମହାନ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ସଂଘ ପକ୍ଷରୁ ଧାରଣାକୁ ସ୍ଥଗିତ କରାଯାଇଛି। ଏଆଇଟିୟୁସି ଜିଲ୍ଲା ସଭାପତି ସାଥୀ ଜଗବନ୍ଧୁ ମିଶ୍ର ଓ ସମ୍ପାଦକ ସାଥୀ କାହ୍ନୁଚରଣ ବେହେରା ଉପସ୍ଥିତ ରହି ଶୁଣାଣିକୁ ଅଗ୍ରସର କରିଥିଲେ।




# ବିପନ୍ନଙ୍କ ପାଖରେ ଜେମିନି ଏଡିବଲ ଫ୍ୟାଟସ୍‌ର ସହାୟତାର ହାତ

## ବନ୍ୟାଞ୍ଚଳରେ ରିଲିଫ ସାମଗ୍ରୀ ବଣ୍ଟନ, ମାନବିକତାର ନିଆରା ନଜିର



ବିଂଝାରପୁର ୨୪/୮ (ଆନିସ): ବନ୍ୟାର ବିପତ୍ତିରେ ଦୁର୍ଦ୍ଦଶାରେ ଥିବା ଲୋକଙ୍କ ପାଖରେ ସହାୟତାର ହାତ ବଢ଼ାଇଛି ଜେମିନି ଏଡିବଲ ଫ୍ୟାଟସ୍ ଇଣ୍ଡିଆ ଲିମିଟେଡ୍।

କମ୍ପାନୀ ପକ୍ଷରୁ ରବିବାର ବନ୍ୟା ପ୍ରଭାବିତ ଅଞ୍ଚଳରେ ବିପନ୍ନ ପରିବାରଙ୍କୁ ଆବଶ୍ୟକ ସହାୟତା ଓ ରିଲିଫ ସାମଗ୍ରୀ ପ୍ରଦାନ କରାଯାଇଛି। ବିପଦ ବେଳେ କେବଳ ବ୍ୟବସାୟିକ ଦାୟିତ୍ୱ ନୁହେଁ, ସାମାଜିକ ଦାୟବଦ୍ଧତା ଓ ମାନବିକ ସମ୍ବେଦନଶୀଳତାର ପରିଚୟ ଦେଇଛି କମ୍ପାନୀ। ବନ୍ୟାଜଳରେ ଜୀବନଜୀବିକା ବିପର୍ଯ୍ୟସ୍ତ ହୋଇଥିବା ଲୋକଙ୍କ ଦୁଃସମୟରେ ଏହି ସହାୟତା ନିଶ୍ଚିତ ଭାବେ ଆଶ୍ୱାସନାର ସଞ୍ଚାର କରିଛି। ବିପଦ ସମୟରେ ସମାଜର ପ୍ରତିଟି ସ୍ତରର ଲୋକଙ୍କ ପାଖରେ ଠିଆ ହେବାର ଏହି ପ୍ରୟାସ ମାନବିକତାର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟିଛି। କମ୍ପାନୀ ବିଭିନ୍ନ ସମୟର ବିପର୍ଯ୍ୟୟ ବେଳେ ଦେବଦୂତ ଭଳି ସାହାଯ୍ୟ ସହଯୋଗ କରି ଆସୁଛି। କମ୍ପାନୀର ରାଜ୍ୟ ମୁଖ୍ୟ ଅମିୟ କୁମାର ଧଳଙ୍କ ନେତୃତ୍ୱରେ ଭଗ୍ୟରଞ୍ଜନ ସେଠୀ, ବିରଜା ମହାପାତ୍ର, କମ୍ପାନୀର ସ୍ଥାନୀୟ ବିତରକ ସାଗର କୁମାର ସାହୁ ପ୍ରମୁଖ ଜରି, ବାଙ୍ଗରା, ଗୁଣ୍ଡୁରି ପଦା, କ କଣ୍ଟିତର ବନ୍ୟା ପ୍ରଭାବିତ ଅଞ୍ଚଳରେ ବିପନ୍ନଙ୍କୁ ରିଲିଫ ପ୍ୟାକେଟ ପ୍ରଦାନ କରିବା ସହ ସମବେଦନା ଜଣାଇଥିଲେ। ସମାଜସେବୀ ଭୁବନାନନ୍ଦ ସାମଲ, ପ୍ରାକ୍ତନ ସମିତି ସଭ୍ୟ ବାବୁଲି ମଲ୍ଲିକ, କାଶୀନାଥ ଦାସ ପ୍ରମୁଖ ରିଲିଫ ବଣ୍ଟନରେ ସହଯୋଗ କରିଥିଲେ । ବିପଦ ସମୟରେ କମ୍ପାନୀ ଏତାଦୃଶ ସାହାଯ୍ୟ କରି ମାନବିକତାର ପରିଚୟ ଦେଇଥାଏ ବୋଲି ରାଜ୍ୟ ମୁଖ୍ୟ ଶ୍ରୀ ଧଳ କହିବା ସହ ରିଲିଫ ପରିଚାଳନା କିଛି ଦିନ ଧରି ଚାଲିବ। ସମାଜର ତଳ ସ୍ତରର ବିପନ୍ନଙ୍କୁ ସହାୟତା ଆମର ଲକ୍ଷ୍ୟ ବୋଲି ଶ୍ରୀ ଧଳ କହିଥିଲେ ।

# କନ୍ଧମାଳ ଜିଲ୍ଲା କଂଗ୍ରେସର ସର୍ବଦଳୀୟ ବୈଠକ



ଫୁଲବାଣୀ –୨୪/୦୮ (ଆନିସ): ଓଡିଶାକୁ ସର୍ବସ୍ୱାନ୍ତ କରିବାକୁ ଯାଉଥିବା କଳା ଆଇନ ଏମଏମଡ଼ିଆର୍–୨୦୨୬ ପ୍ରତ୍ୟାହାର ଦାବିରେ ଆଜି ଫୁଲବାଣୀ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବି ଚନ୍ଦ୍ର ଶେଖର ପରିଡ଼ା ଙ୍କ ନେତୃତ୍ୱରେ ସର୍ବଦଳୀୟ ମିଳିତ ବୈଠକ ଅନୁଷ୍ଠିତ ହେଇଯାଇଛି ।

ଉକ୍ତ ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡା, ଜି ଉଦୟଗିରି ମାନ୍ୟବର ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସମାଜବାଦୀ ପାର୍ଟି ରାଜ୍ୟ ଉପସଭାପତି ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହ୍ନର, ଆମ ଆଦମୀ ପାର୍ଟି ଜିଲ୍ଲା ସୋଯଜକ ଗିରିଶ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ହେମନ୍ତ କୁମାର କର, ରଜତ ମହାନ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ନନ୍ଦ କିଶୋର ଦାଶ, ମୁନସିପାଲିଟି ସଭାପତି ସୁବଳ ନାୟକ, ଫୁଲବାଣୀ ବ୍ଲକ କଂଗ୍ରେସ ସଭାପତି ରଂଜିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ସରକାର ତୁରଂତ ପ୍ରତ୍ୟାହାର ନ କଲେ ଆଗକୁ ଆନ୍ଦୋଳନ କରି ବାକୁ ବାଧ ହେବେ ବୋଲି କହିଛନ୍ତି ।

# କନ୍ଧମାଳରେ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ସୁବିଧା ଅବ୍ୟାହତ ରଖିବାକୁ ଦାବି ପ୍ରସ୍ତୁତି

ଫୁଲବାଣୀ, ୨୪/୮(ଆନିସ): ସାମ୍ବାଦିକମାନଙ୍କ ପାଇଁ ଦୀର୍ଘବର୍ଷ ଧରି ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ସ୍ୱତନ୍ତ୍ର ସୁବିଧା ଅବ୍ୟାହତ ରଖିବାକୁ ଦାବି ଜୋରଦାର ହୋଇଛି। ଏହି ସ୍ୱତନ୍ତ୍ର ବ୍ୟବସ୍ଥାକୁ ଅନ୍ୟ ସାଧାରଣ ସ୍ୱାସ୍ଥ୍ୟ ଯୋଜନା ସହିତ ଏକୀକୃତ କରାଯିବା କିମ୍ବା ଏହାର ସ୍ୱରୂପରେ ପରିବର୍ତ୍ତନ ଅଣାଯିବା ନେଇ କନ୍ଧମାଳ ଜିଲ୍ଲାର ସାମ୍ବାଦିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ସାମ୍ବାଦିକ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ସାମ୍ବାଦିକ ଓ ସଦସ୍ୟମାନଙ୍କୁ ନେଇ ରବିବାର ଫୁଲବାଣୀ ସ୍ଥିତ ଜିଲ୍ଲା ପ୍ରେସ କ୍ଲବ ଠାରେ ବରିଷ୍ଠ ସାମ୍ବାଦିକତଥାଜିଲ୍ଲା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ଓ କାର୍ଯ୍ୟ କାରୀ ସଭାପତି ପ୍ରଶାନ୍ତ କୁମାର ବେହେରା ଙ୍କ ନେତୃତ୍ୱ ରେ ବିଭିନ୍ନ ସଙ୍ଘ କର୍ମକର୍ତ୍ତା ମାନଙ୍କୁ ନେଇ ଏକ ମିଳିତ ମଞ୍ଚ ଗଠନ କରିବା ସହ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ସୁବିଧା ଓ ବୃତ୍ତିଗତ ସୁରକ୍ଷାପ୍ରଦାନ ପାଇଁ ସାମୂହିକ ଭାବେ ପ୍ରତିବାଦ ଓ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ସଦସ୍ୟ ଓ ସାମ୍ବାଦିକମାନେ ଏହି ବୈଠକରେ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ରଖିଥିଲେ ।

ସାମ୍ବାଦିକ ମାନଙ୍କ କହିବା କଥା ହେଲା ଯେ, ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା କେବଳ ଏକ ସାଧାରଣ ବୀମା ସୁବିଧା ନୁହେଁ, ବରଂ ରାଜ୍ୟର ସାମ୍ବାଦିକ କଲ୍ୟାଣ ବ୍ୟବସ୍ଥାର ଏକ ସ୍ୱତନ୍ତ୍ର ଅଂଶ। ବିଶେଷକରି ଜିଲ୍ଲା ଓ ଗ୍ରାମାଞ୍ଚଳରେ ସୀମିତ ସାଧନ ମଧ୍ୟରେ କାର୍ଯ୍ୟରତ ସ୍ୱତନ୍ତ୍ର ଓ ସ୍ୱଳ୍ପ ପାରିଶ୍ରମିକପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ଏହି ସୁବିଧା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସୁବିଧାରେ କୌଣସି ପରିବର୍ତ୍ତନ ହେଲେ ବର୍ତ୍ତମାନର ବୀମା କଭରେଜ୍, ପରିବାର ସଦସ୍ୟଙ୍କ ସୁବିଧା, କ୍ୟାଶଲେସ୍ ଚିକିତ୍ସା, ହସ୍ପିଟାଲ ସୁବିଧା, ଓ ଚିକିତ୍ସା ଦାବି ପ୍ରକ୍ରିୟା ଉପରେ ପ୍ରଭାବ ପଡ଼ିବ ବୋଲି କହିଛନ୍ତି ବିଭିନ୍ନ ସଙ୍ଗଠନ ର କର୍ମକର୍ତ୍ତା ବିଶେଷକରି ସ୍ୱତନ୍ତ୍ର ଭାବେ କାର୍ଯ୍ୟରତ ଓ ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନେ ଏଥିରେ ପ୍ରଭାବିତ ହେବାର ଆଶଙ୍କା ରହିଛି।

ସାମ୍ବାଦିକ ସଂଗଠନଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ, ସାମ୍ବାଦିକମାନଙ୍କ ପାଇଁ ଦୀର୍ଘଦିନ ଧରି ରହିଥିବା ସ୍ୱତନ୍ତ୍ର କଲ୍ୟାଣମୂଳକ ବ୍ୟବସ୍ଥାର ସୁବିଧା କୌଣସି ପ୍ରକାରେ ହ୍ରାସ ନପାଇବା ଓ ସାମ୍ବାଦିକଙ୍କ ଅଧିକାର ସୁରକ୍ଷିତ ରହିବା ଆବଶ୍ୟକ। ବୈଠକରେ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ସୁବିଧାର ସ୍ଥିତି, ପ୍ରସ୍ତାବିତ ପରିବର୍ତ୍ତନର ସମ୍ଭାବ୍ୟ ପ୍ରଭାବ, ସାମ୍ବାଦିକମାନଙ୍କ ଅଧିକାର ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା କରାଯିବା ଏହା ସହିତ ଜିଲ୍ଲାର ସମସ୍ତ ସାମ୍ବାଦିକ ସଂଗଠନକୁ ନେଇ ଏକ ମିଳିତ ମଞ୍ଚ ଗଠନ କରଯାଇଥିଲା ଏବଂ ଆଗମୀ ସେପ୍ଟେମ୍ବର ୨୩ବୁଧବାର ଫୁଲବାଣୀ ଠାରେ ଜିଲ୍ଲାର ସମସ୍ତ ସାମ୍ବାଦିକ ମାନଙ୍କୁ ନେଇ ଏକରଲି ସହ ଧାରଣା ଦିଆଯିବ ଏଥି ସହ ଜିଲ୍ଲା ପ୍ରଶାସନ ମାଧମରେ ମୁଖ୍ୟମନ୍ତ୍ରୀ/ରାଜ୍ୟପାଳ ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଛି । ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ସରକାର ସାମ୍ବାଦିକ ସଂଗଠନଗୁଡ଼ିକ ସହ ଆଲୋଚନା କରି ଏକ ସ୍ୱଷ୍ଟ ଓ ସାମ୍ବାଦିକ–ହିତୈଷୀ ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ଦାବି ହୋଇଛି। ସେହିପରି, ପୂର୍ବରୁ ମିଳୁଥିବା ସମସ୍ତ ସ୍ୱାସ୍ଥ୍ୟ ବୀମା ସୁବିଧା ଅକ୍ଷୁଣ୍ଣ ରଖିବା ସହ ସ୍ୱତନ୍ତ୍ର ଓ ଜିଲ୍ଲାସ୍ତରୀୟ ସାମ୍ବାଦିକମାନଙ୍କ ସ୍ୱାର୍ଥକୁ ବିଶେଷ ଗୁରୁତ୍ୱ ଦେବାକୁ ସାମ୍ବାଦିକ ମହଲରୁ ଦାବି ଉଠିଛି। ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ସୁଜିତ୍ କୁମାର ବେହେରା, ରଞ୍ଜନ ପ୍ରଧାନ, ଅଶୋକ ମହାନ୍ତି, ମୋନୋଜ୍ ଗୌଡ, ତ୍ରିନାଥ ସାହୁ, ସୋନ୍ତଶ ଦିଗାଲ, ସୂର୍ଯ୍ୟ ନାରାୟଣ ବେହେରା, ଅଜିତ କୁମାର ମହାରଣା ପ୍ରଭାତ ନନ୍ଦ, ଓ ଅନ୍ୟ ମାନେ ଉପସ୍ଥିତ ଥିଲେ

## ■ କେନ୍ଦ୍ରାପଡ଼ାରେ ବନ୍ୟା ପରିସ୍ଥିତି ସଙ୍ଗୀନ

# ୫ଟି ବ୍ଲକ ଜଳମଗ୍ନ, ଅଳଭାଠାରେ ବିପଦ ସଙ୍କେତ ଉପରେ ବ୍ରାହ୍ମଣୀ

କେନ୍ଦ୍ରାପଡ଼ା, ୨୪।୮ (ଆନିସ): ଲଗାଣ ବର୍ଷା ଓ ଉପରମୁଣ୍ଡରୁ ଆସୁଥିବା ବନ୍ୟାଜଳ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରୂପ ଧାରଣ କରିଛି। ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ଅଳଭାଠାରେ ବିପଦ ସଙ୍କେତ ଟପି ପ୍ରବାହିତ ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ତଳିଆ ଅଞ୍ଚଳରେ

## ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଉଦ୍ଧାର

ବନ୍ୟାଜଳ ପଶି ବ୍ୟାପକ ସମସ୍ୟା ସୃଷ୍ଟି କରିଛି। ସକାଳ ୧୧ଟା ସୁଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଥିବା ସ୍ଥିତି ରିପୋର୍ଟ ଅନୁଯାୟୀ, ଜିଲ୍ଲାର ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଏବଂ ରାଜକନିକାଏହି ୫ଟି ମୁଖ୍ୟ ବ୍ଲକ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଏହି ବ୍ଲକଗୁଡ଼ିକର ୬୩ଟି ଗ୍ରାମ ପଞ୍ଚାୟତର ୧୪୯ଟି ଗ୍ରାମ ବନ୍ୟାଜଳରେ ବୁଡ଼ି ରହିଥିବା ବେଳେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟ ଜଳମଗ୍ନ ହୋଇ ସାଧାରଣ ଜୀବନଯାତ୍ରାକୁ ବାଧାପ୍ରାପ୍ତ କରିଛି। ବନ୍ୟା ଘେରରେ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଅଭିଯାନ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ସମୁଦାୟ ୬୫ଟି ଉଦ୍ଧାର କେନ୍ଦ୍ର ମାଧ୍ୟମରେ ୧୦,୫୫୩ ଜଣ ବନ୍ୟାବିପନ୍ନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର, ଲୋକଙ୍କୁ ସ୍ଥାନାନ୍ତରଣ ଏବଂ ରିଲିଫ୍ ସାମଗ୍ରୀ ପରିବହନ କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ୨ଟି ଏସଆରସି ପାୱାର ବୋଟ୍, ୮୭ଟି ଦେଶୀ ଡଙ୍ଗା ଏବଂ ୫ଟି ମେକାନାଇଜ୍‌ଡ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି। ବନ୍ୟାଜଳ ରାସ୍ତାଘାଟ ଉପରେ ପ୍ରବାହିତ ହେଉଥିବାରୁ ଜିଲ୍ଲାର ୯୭ଟି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି, ଯାହାଫଳରେ ଅନେକ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପ୍ରଭାବିତ ଲୋକଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ରିଲିଫ୍ ସହାୟତା ଯୋଗାଇ ଦିଆଯାଉଛି। ଜିଲ୍ଲାରେ ସମୁଦାୟ ୧୧୧ଟି ମାଗଣା ରୋଷେଇ ଓ ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ଆଜି ୧୩ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହି ୪,୯୭୫ ଜଣ ହିତାଧିକାରୀଙ୍କୁ ରନ୍ଧାଖାଦ୍ୟ ଓ ରିଲିଫ୍ ପ୍ରଦାନ କରାଯାଉଛି। ଏପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ୧,୨୮୪.୫୫ କ୍ୱିଣ୍ଟାଲ ଚାଉଳ, ୧୧୪.୫ କ୍ୱିଣ୍ଟାଲ ଚୁଡ଼ା ଏବଂ ୩,୫୦୦ କ୍ୱିଣ୍ଟାଲ ଗୁଡ଼ ଓ ଚିନି ବଣ୍ଟନ ସରିଛି। ଏହା ବ୍ୟତୀତ ୭୦,୧୯୨ ପ୍ୟାକେଟ ବିସ୍କୁଟ, ୨,୬୭,୩୫୮ଟି ପାଣି ବୋତଲ ଏବଂ ୮୩,୨୦୦ଟି ପାଣି ପାଉଚ୍ ବଣ୍ଟନ କରାଯାଇଛି। ଆଜି ଗୋଟିଏ ଦିନରେ ହିଁ ୧୧ କ୍ୱିଣ୍ଟାଲ ଚୁଡ଼ା ଓ ୧୮,୩୨୦ଟି ପାଣି ବୋତଲ ପ୍ରଭାବିତଙ୍କୁ ବଣ୍ଟାଯାଇଛି। ସଂକ୍ରାମକ ରୋଗ ବ୍ୟାପିବାରୁ ରୋକିବା ପାଇଁ ୧୨ଟି ବିଶେଷ ମେଡିକାଲ ଟିମ୍ ନିୟୋଜିତ କରାଯାଇଛି, ଯେଉଁଥିରେ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ୧ଟି, ରାଜନଗରରେ ୩ଟି ଓ ରାଜକନିକାରେ ୨ଟି ଟିମ୍ କାର୍ଯ୍ୟରତ ଅଛନ୍ତି। ଏହି ବନ୍ୟାରେ ଜିଲ୍ଲାର ଗୋପାଳନ ଓ ପଶୁସମ୍ପଦ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ମୋଟ ୯୮,୨୮୪ଟି ପଶୁସମ୍ପଦ ପ୍ରଭାବିତ ହୋଇଥିବା ବେଳେ ସେଥିମଧ୍ୟରେ ୫୬,୦୨୧ଟି ବଡ଼ ପଶୁ, ୨୨,୨୫୮ଟି ଛୋଟ ପଶୁ ଏବଂ ୨୦,୦୦୫ଟି କୁକୁଡ଼ା ରହିଛନ୍ତି। ବନ୍ୟାଜଳ ଯୋଗୁଁ ଗୋଟିଏ ବଡ଼ ପଶୁର ମୃତ୍ୟୁ ଘଟିଛି। ପଶୁମାନଙ୍କ ଚିକିତ୍ସା ପାଇଁ ୬ଟି ପଶୁଚିକିତ୍ସା ଟିମ୍ ବିଭିନ୍ନ ଅଞ୍ଚଳରେ ନିୟୋଜିତ ଅଛନ୍ତି। ବିଦ୍ୟୁତ୍ ସେବା କ୍ଷେତ୍ରରେ ୧୫ଟି ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ସେଣ୍ଟର ବିଚ୍ଛିନ୍ନ ରହିବା ଯୋଗୁଁ ୪୮୫ ଜଣ ଉପଭୋକ୍ତା ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନ ସୁଦ୍ଧା କୌଣସି ବଡ଼ ଧରଣର ଭିତ୍ତିଭୂମି କ୍ଷୟକ୍ଷତି ହୋଇନାହିଁ। ବନ୍ୟାଜଳ ସମ୍ପୂର୍ଣ୍ଣ ହ୍ରାସ ପାଇବା ପରେ ହିଁ ଫସଲ ଏବଂ ଘରବାଡ଼ି କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ କରାଯିବ। ନଦୀଗୁଡ଼ିକର ଜଳସ୍ତର ଉପରେ ଜିଲ୍ଲା ପ୍ରଶାସନ ନିରନ୍ତର ନଜର ରଖିଛି। ବ୍ରାହ୍ମଣୀ ନଦୀ ଅଳଭାଠାରେ ବିପଦ ସଙ୍କେତ ୪.୮୮ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୫.୪୫ ମିଟରରେ ପ୍ରବାହିତ ହେଉଛି। ତେବେ ଗୋପାଳପୁରଠାରେ ଜଳସ୍ତର ୯.୨୪ ମିଟର, ଜେନାପୁର ଆନିକଟ୍‌ଠାରେ ୬୨.୫୦ ଫୁଟ୍ ଏବଂ ଇନ୍ଦୁପୁରଠାରେ ୭.୬୭ ମିଟର ରହି ବିପଦ ସଙ୍କେତ ତଳେ ରହିଛି। ସେହିପରି ବୈତରଣୀ ନଦୀ ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବା ବେଳେ ଜଳସ୍ତର ୧୮.୦୧ ମିଟର ରହିଛି ଏବଂ ମୁଣ୍ଡଳୀଠାରେ ୨,୩୬,୧୯୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଜିଲ୍ଲାରେ ମୋଟ ୨୮୩.୦ ମିମି ବର୍ଷା ରେକର୍ଡ କରାଯାଇଛି, ଯାହାର ହାରାହାରି ପରିମାଣ ୩୧.୪୪ ମିମି। ବ୍ଲକୱାରୀ ବର୍ଷା ପରିମାଣ ଦେଖିଲେ ପଟ୍ଟାମୁଣ୍ଡାଇରେ ସର୍ବାଧିକ ୬୪ ମିମି, ରାଜନଗରରେ ୬୩ ମିମି, ଆଳିରେ ୩୬ ମିମି, ଗରଦପୁରରେ ୨୯ ମିମି, କେନ୍ଦ୍ରାପଡ଼ାରେ ୨୮ ମିମି, ଡେରାବିଶରେ ୨୭ ମିମି, ରାଜକନିକାରେ ୧୫ ମିମି, ମାର୍ଶାଘାଇରେ ୧୧ ମିମି ଏବଂ ମହାକାଳପଡ଼ାରେ ୧୦ ମିମି ବର୍ଷା ହୋଇଛି। ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗ ସହ ସମନ୍ୱୟ ରଖି ରିଲିଫ୍, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଓ ପୁନରୁଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଦିଆଯାଉଛି।

# ଅମିତ କୁମାର ଦାସ ହେଲେ ଖୋର୍ଦ୍ଧା ଛାତ୍ର ବିଜେଡି ଜିଲ୍ଲା ସଭାପତି

ଖୋର୍ଦ୍ଧା,୨୪।୮ (ଆନିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଛାତ୍ର ଜନତା ଦଳ ର ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ ଅମିତ କୁମାର ଦାସ ଙ୍କୁ ନିଯୁକ୍ତ କରିଛନ୍ତି। ଅମିତ ଜଣେ ଛାତ୍ର ସଂଗଠକ ଭାବେ ଖୋର୍ଦ୍ଧାଜିଲ୍ଲା ର ପ୍ରାଣନାଥ ମହାବିଦ୍ୟାଳୟ ଓ ବିଭିନ୍ନ କଲେଜ ରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ।ଅମିତ ଖୋର୍ଦ୍ଧା ପଲ୍ଲା ର ଲକ୍ଷ୍ମୀପ୍ରିୟା ପଟ୍ଟନାୟକ ଓ ରାଧାରମାଣ ଦାସ ଙ୍କ ର ପୁତ୍ର ଅଟନ୍ତି ଓ ପି ଏନ କଲେଜ ରୁ ନିଜର ସ୍ନାତକୋତର ସମ୍ପୂର୍ଣ୍ଣ କରିଛନ୍ତି।ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ରେ ରକ୍ତଦାନ ଶିବିର , ବୃକ୍ଷ ରୋପଣ, ମାସ୍କ ବଣ୍ଟନ, କଲେଜ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କ ରେ ଆଡ଼ମିସନ, ହଷ୍ଟେଲ ର ମୌଳିକ ସୁବିଧା ପ୍ରଦାନ, ଛାତ୍ର ବୃତ୍ତି ରେ ସହାୟତା, କଲେଜ ମାନଙ୍କ ରେ ବିଭୀଦ ସୁବିଧାପ୍ରଦାନ ଭଳି କାର୍ଯ୍ୟ କରି ଛାତ୍ରସମାଜ ରେ ଆଦୃତ ହୋଇପାରିଛନ୍ତି।ଅମିତ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର ସାହୁ, ଛାତ୍ର ବିଜେଡି ରାଜ୍ୟ ସଭାପତି ଇପ୍ସିତା ସାହୁ, ଛାତ୍ର ବ୍ୟାପାର ରେ ଥିବା ବରିଷ୍ଠ ନେତୃବୃନ୍ଦ ଙ୍କୁ କୃତଜ୍ଞତା ଜଣାଇବା ସହ ଦଳର ସୁପ୍ରିମୋ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଜିଲ୍ଲା ସଭାପତି ଦାଇତ୍ୱ ଦେଇଥିବାରୁ ବହୁତ ଖୁସି ବ୍ୟକ୍ତ କରିଛନ୍ତି। ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର ସାହୁ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ,ବେଗୁନିଆ ବିଧାୟକ ପ୍ରଦୀପ ସାହୁ,ଜଟଣୀ ବିଧାୟକ ବିଭୁତିଭୂଷଣ ବଳବନ୍ତରାୟ,ଖୋର୍ଦ୍ଧା ଜିଲ୍ଲା ବିଜେଡି ର କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ, ରାଜ୍ୟ ସଭାପତି ଇପ୍ସିତା ସାହୁ , ଖୋର୍ଦ୍ଧା ସମବାୟ ବ୍ୟାଙ୍କ ଲିଃ ର ସଭାପତି ଅଭିଷେକ ସିଂସାମନ୍ତ, ରାଜ୍ୟ ଯୁବ ବିଜେଡି ଉପସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ସାଧାରଣ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ ଓ ବହୁ ଛାତ୍ର ସଂଗଠନ ର ମୁଖ୍ୟ ଏବଂ ବୁଦ୍ଧିଜୀବୀମାନେ ଅମିତ ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅମିତ ତାଙ୍କ ପ୍ରତିକ୍ରିୟା ରେ ଆଗାମୀ ଦିନରେ ଛାତ୍ର ବିଜେଡି ଛାତ୍ର ଛାତ୍ରୀ ମାନଙ୍କ ହକ ପାଇଁ ଜୋରଦାର କାର୍ଯ୍ୟ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ପଟ୍ଟାମୁଣ୍ଡାଇରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୮୬ଟି ଅଭିଯୋଗରୁ ୨୦ଟିର ତତ୍କାଳ ସମାଧାନ

## ଚାରି ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୨୪।୮ (ଆନିସ): ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ଦ୍ୱାରରେ ପହଞ୍ଚାଇବା ଲକ୍ଷ୍ୟରେ ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ପ୍ରେରଣ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟର ଅଭିଯୋଗଗୁଡ଼ିକର ଗୁରୁତ୍ୱକୁ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରତ୍ୟେକ ମାମଲାର ଗୁଣାତ୍ମକ ଓ ସମୟବଦ୍ଧ ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ



ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଆସିଥିବା ଅଭିଯୋଗକାରୀମାନେ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପସ୍ଥାପନ କରିଥିଲେ। ମୋଟ ୮୬ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୭୨ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗ ଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୨୦ଟି ମାମଲାର ସ୍ଥଳରେ ତୁରନ୍ତ ସମାଧାନ କରାଯାଇଥିଲା। ସେହିପରି ୪ଜଣଙ୍କୁ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୋଟ ₹୧୬,୦୦୦ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ଏବଂ ପ୍ରଭାବଶାଳୀ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ତୁରନ୍ତ ଅଧିକାରୀ ଅଜାମ୍ବର ମହାନ୍ତି,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ,ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲ, ତହସିଲଦାର ପଞ୍ଚାନନ ନାୟକ, ଡେପୁଟି କଲେକ୍ଟର ସରୋଜ କୁମାର ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ସୂଚନାଯୋଗ୍ୟ ଯେ, ପରବର୍ତ୍ତୀ ଅଭିଯୋଗ ଶୁଣାଣି ୩୧ ଅଗଷ୍ଟରେ ଅନୁଷ୍ଠିତ ହେବ । ଏହି ଶିବିରଗୁଡ଼ିକରେ ଜନସାଧାରଣ ଉପସ୍ଥିତ ରହି ସେମାନଙ୍କର ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# କୃଷି ସମସ୍ୟା ସମାଧାନ ଓ ଏମଏମଡିଆର ବିରୋଧରେ ଟାଙ୍ଗୀ - ଚୌଦ୍ୱାର ବ୍ଲକରେ ବିକ୍ଷୋଭ

ଟାଙ୍ଗୀ –ଚୌଦ୍ୱାର, ୨୪।୮ (ଆନିସ): ଖରିଫ ଧାନ ସଂଗ୍ରହ ପାଇଁ ପଞ୍ଜିକରଣ ବ୍ୟବସ୍ଥା ରେ ମାଲିକ ଚାଷୀ ମାନଙ୍କ ଜମି ରେକର୍ଡ ନେଇ ଅନାବଶ୍ୟକ ସର୍ତ୍ତ ରଖିବା,ଭାଗ ଚାଷୀ ଙ୍କ ପଞ୍ଜିକରଣ ପାଇଁ ଅସମ୍ଭବ ନୀତି ତିଆରି କରି ଭାଗ ଚାଷୀ ଙ୍କୁ ବ୍ୟବସ୍ଥା ରୁ ବାହାର କରିବା,ଭାଗ ଚାଷୀ ଙ୍କୁ ସରକାରୀ ବ୍ୟବସ୍ଥା ରୁ ସାର ନଦେଇ ସାର ପାଇଁ ସେମାନଙ୍କୁ ଘରୋଇ ବ୍ୟବସାୟୀ ମାନଙ୍କ ଶୋଷଣ ପଝାଂ ଭିତରକୁ ଠେଲି ଦେବା, ଚିନି ଦାମ ୭୦ଟଙ୍କା ରେ ପହଂଚିବା ସହ ଅତିଆବଶ୍ୟକ ସାମଗ୍ରୀ ଗୁଡିକର ଅତ୍ୟଧିକ ଦରବୃଦ୍ଧି, ଖଣି ସମୃଦ୍ଧ ଆମ ରାଜ୍ୟ ର ଖଣି ଗୁଡିକ ଉପରୁ ରାଜ୍ୟ ର ଅଧିକାର ଛଡାଇ ନେବା ଉଦେଶ୍ୟ ରେ ୨୦୨୪ମସିହା ଜୁନ ମାସରେ ଖଣିଜ ସମ୍ପଦ ବ୍ୟବହାର ଓ ଉତ୍ତୋଳନ ଇତ୍ୟାଦି ସମ୍ପର୍କରେ ମାନ୍ୟବର ସୁପ୍ରିମ କୋର୍ଟ ରାଜ୍ୟ ମାନଙ୍କୁ ଦେଇଥିବା ଅଧିକାର କୁ ଛଡାଇ ନେଇ ନିଜର କର୍ପୋରେଟ ମିତ୍ର ମାନଙ୍କ ହାତକୁ ସହଜ, ଶସ୍ତା ରେ ଖଣି ଟେକି ଦେବା ପାଇଁ ପାର୍ଲିଆମେଣ୍ଟ ରେ ନିଜର ପଶୁ ବଳ ଜରିଆରେ ଏମ. ଏମ. ଡି. ଆର – ୨୦୨୬ କୁ ବିନା ଆଲୋଚନା ରେ ପାରିତ କରି ରାତାରାତି ରାଷ୍ଟ୍ରପତି ଙ୍କ ଅନୁମୋଦନ କରାଇ ନେଇଥିବା ଆଇନ କୁ ରଦ୍ଦ କରିବା ଓ ପ୍ରତିଶୃତି ମୁତାବକ ଭତ୍ତା ୩ ହଜାର ଟଙ୍କା କରି ୩୦୦ଇୟୁନିଟ ବିଜୁଳି ମାଗଣା ରେ ଦେବା,ଆଗେ ଥଇଥାନ ଓ ପଛେ ଉଛେଦ ନୀତି କୁ କଡାକଡି ଭାବେ ପାଳନ କରିବା ସହ ଅତିଗରିବ ମାନଙ୍କ ପ୍ରତି ବୈଷମ୍ୟ ମୂଳକ କାର୍ଯ୍ୟକ୍ରମ ବନ୍ଦ କରିବା, ଷଣ୍ଢ, ହାତୀ, ମାଙ୍କଡ଼, ବାରାହା ଇତ୍ୟାଦି ଙ୍କ କବଳରୁ ଚାଷୀ ଫସଲ କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା,ଗ୍ରାମାଞ୍ଚଳ ରେ ଜଳ ନିଷ୍କାସନ ବ୍ୟବସ୍ଥା ରେ ଉର୍ନ୍ନତି ଆଣିବା, ଅନଲାଇନ ରେ ଭତ୍ତା ପାଉଥିବା ହିତାଧିକାରୀ ମାନଙ୍କ ଅନିୟମିତ ଭତ୍ତା ଯୋଗାଣ କୁ ନିୟମିତ କରିବା ଇତ୍ୟାଦି ଦାବିରେ ଆଜି ଓଡିଶା କୃଷକ ସଭା ଟାଙ୍ଗୀ ଚୌଦ୍ୱାର ବ୍ଲକ କମିଟି ତରଫରୁ ଟାଙ୍ଗୀ – ଚୌଦ୍ୱାର ବ୍ଲକ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇଛି।କୃଷକ ସଭା ର କଟକ ଜିଲ୍ଲା ସଭାପତି ବିଷ୍ଣୁ ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ କଟକ କୃଷକ ସଭା ଉପସଭାପତି ଡମ୍ବରୁ ଧର ସାହୁ ସଭାପତିତ୍ୱ କରି ଦାବୀ ଗୁଡିକ ପାଠ କରିଥିଲେ। ଏହି ଦାବୀ ଗୁଡିକୁ ସମର୍ଥନ କରି ସି. ପି. ଆଇ (ଏମ ) ନେତା ବଦ୍ରି ନାରାୟଣ ଦାଶ ବକ୍ତବ୍ୟ ରଖି ଡବଲ ଇଂଜିନ ର ମିଛ ପ୍ରତିଶୃତି ଓ କୁଶାସନ ଇତ୍ୟାଦି ସମ୍ପର୍କ ରେ ବହୁ ଉଧାରଣ ମାନ ଉପସ୍ଥାପନା କରିଥିଲେ। ବିଷ୍ଣୁ ବେହେରା, ରମେଶ ବେହେରା ମହେନ୍ଦ୍ର ବେହେରା, ସୁରେନ୍ଦ୍ର ସାହୁ, ଆଦିବାସୀ ନେତା ଚନ୍ଦ୍ରମୋହନ ମାଝୀ, ମୁକୁନ୍ଦ କୁଇନକେଲ,, ନରେନ୍ଦ୍ର ହେମ୍ବ୍ରମ, ପ୍ରମୁଖ ବକ୍ତବ୍ୟ ରଖିଥିଲେ ଏବଂ ଭାଗ ଚାଷୀ ମାନଙ୍କ ଙ୍କୁ ସ୍ୱୀକୃତି ଦେବାପାଇଁ ଦାବୀ କରିଥିଲେ। ଶେଷରେ ଏକ ଦାବିପତ୍ର ମୁଖ୍ୟ ମନ୍ତ୍ରୀ ଙ୍କ ରେ ବିଡ଼ିଓ ଙ୍କ ମାଧ୍ୟମ ରେ ପ୍ରେରଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟସାହୁ,ଯୁବନେତା ନୀଳମଣି ଓଝା, ଚିତ୍ତ ରଞ୍ଜନ ଓଝା, ତ୍ରିନାଥ ମହାରଣା, ପୁରସ୍ତମ ମଲ୍ଲିକ, ପ୍ରମୁଖ ଙ୍କ ନେତୃତ୍ୱ ରେ ଏକ ଶୋଭାଯାତ୍ରା ମଦନ ମୋହନ ସାହି ଛକରୁ ବାହାରି ବ୍ଲକ ପର୍ଯ୍ୟନ୍ତ ଆସିଥିଲା।

## ଗଞ୍ଜାମ ବ୍ଲକରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର



ଛତ୍ରପୁର,୨୪।୮୨୪।୮(ଆନିସ): ଗଞ୍ଜାମ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ହରିଶ ବିସିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ମୋଟ ୧୫୫ଟି ଅଭିଯୋଗର ଶୁଣାଣୀ କରିଥିଲେ। ସେଥିମଧ୍ୟରୁ ୧୨୫ ଟି ବ୍ୟକ୍ତିଗତ ଓ ୩୦ଟି ସାମୂହିକ ଅଭିଯୋଗ ରହିଥିଲା। କେତେକ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରେଡକ୍ରସ ପାଣ୍ଠିରୁ ୫ ଜଣ ହିତାଧିକାରୀଙ୍କୁ ମୋଟ ୪୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ଓ ଅନ୍ୟ ଜଣଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। ସେହିପରି ୧୦ ଜଣଙ୍କୁ ରାସନ କାର୍ଡ ଏବଂ ୧୪ ଜଣଙ୍କୁ ନୂଆ ପେନସନ ଯୋଜନାର ସୁବିଧା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ,ଗଞ୍ଜାମ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଯାନୀ, ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୁମ୍ବାଇ ଯାଇଥିଲେ ପେଟ ପୋଷିବାକୁ, ଶବ ହୋଇ ଫେରିଲ ଓଡ଼ିଆ ଦାଦନ ଶ୍ରମିକ



କୋଦଳା, ୨୪।୮(ଆନିସ): କେବେ ଦାଦନ ଉପରେ ଲାଗିବ ରୋକ୍ ପୁଣି ବାହାର ରାଜ୍ୟରେ ଚାଲିଗଲା ଓଡ଼ିଆ ଶ୍ରମିକଙ୍କ ଜୀବନ । ପରିବାରର ଆର୍ଥିକ ସ୍ଥିତି ସୁଧାରିବା ତଥା ପେଟ ପୋଷିବାକୁ ଯାଇଥିବା ଜଣେ ଦାଦନ ଶ୍ରମିକ କାମ କରିବା ପୂର୍ବରୁ ପ୍ରାଣ ହରାଇଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ପରେ ଚାଲିଗଲା ଜୀବନ। ମୃତ୍ୟୁ ଖବର ଗାଁରେ ପହଞ୍ଚିବା ପରେ ଗାଁ ରେ ଶୋକର ଛାୟା ଖେଳିଯାଇଛି। ଆଜି ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ବିଜେଡ଼ି ନେତ୍ରୀ ଡଃ ରଞ୍ଜିତା ସାହୁ।

ଗଞ୍ଜାମ ବେଗୁନିଆପଡ଼ା ବ୍ଲକରୁ ଆସିଛି ଏଭଳି ଦୁଃଖଦ ଘଟଣା। ବ୍ଲକର ଦିଗାପଡା ପଞ୍ଚାୟତର ରେଗିଂଟିପଲ୍ଲୀ ଗ୍ରାମର ୫୫ ବର୍ଷୀୟ ପ୍ରଭଞ୍ଜନ ବେହେରା।ମାୟା ନଗରୀ ମୁମ୍ବାଇକୁ କାମ ଅନ୍ୱେଷଣରେ ଯାଇଥିବା ବେଳେ କାମ ଖୋଜୁଥିଲେ। ହେଲେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ପରଦିନ ଚାଲିଗଲା ଜୀବନ। ପରିବାର ଲୋକେ ହତବାକ୍ ହୋଇ ପଡିଥିଲେ। ମରଶରୀର ଆଣିବାକୁ ଶତଚେଷ୍ଟା କଲେ ପରିବାର ଲୋକେ।ଗରିବ ଅସହାୟ ପରିବାର ହୋଇଥିବାରୁ ମରଶରୀର ଆଣିବା ଏକ ବଡ଼ ଚ୍ୟାଲେଞ୍ଜ ରହିଥିଲା। ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। କୌଣସି ସୁଫଳ ମିଳିଲାନି। ଖବର ପାଇ ଆସିକା ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁ ସହଯୋଗର ହାତ ବଢାଇବା ପରେ ଗାଁ କୁ ଫେରିଥିଲା ମରଶରୀର। ଆଉ ଏବେ ପରିବାରରେ ଖେଳି ଯାଇଛି କଳା ବାଦଲ। ଘରର ମୁଖିଆ ଚାଲିଯିବା ପରେ ସ୍ତ୍ରୀ କଂ ସମେତ ୨ ପୁଅ, ୨ ଝିଅ ଭାଗିଂ ପଡିଛନ୍ତି। ଗତ ୧୪ ଅଗଷ୍ଟ ଶୁକ୍ରବାର ପ୍ରାଣ ହରାଇଥିଲେ ପ୍ରଭଞ୍ଜନ। ହେଲେ ଏଯାବତ ତାଙ୍କ ପରିବାର ନିକଟରେ ପହଞ୍ଚି ପାରିନି ପ୍ରଶାସନ। ସୋମବାର ଏହି ପରିବାର ନିକଟରେ ପହଞ୍ଚି ଗଭୀର ସମବେଦନା ଜଣାଇବା ସହିତ ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ତୁରନ୍ତ ଦୃଷ୍ଟି ଆକର୍ଷଣ ପାଇଁ ଅନୁରୋଧ କରିଛନ୍ତି ରଞ୍ଜିତା। ସେପଟେ ସରକାରୀ ସହାୟତା ଅପେକ୍ଷାରେ ପୁରା ପରିବାର। ତେବେ ପ୍ରଶ୍ନ ଉଠୁଛି କେବେ ମୁକ୍ତ ହେବ ଦାଦନ ସମାସ୍ୟା କେବେ ଲୋକଙ୍କୁ ନିଜ ଅଞ୍ଚଳରେ ମିଳିବ ରୋଜଗାର। ବାରମ୍ବାର ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ଏବେ ପ୍ରମୁଖ ପ୍ରସଙ୍ଗ ପାଲଟିଥିବା ବେଳେ କେବେ ସମାସ୍ୟା ପ୍ରତି ଦୃଷ୍ଟି ଦେବେ ସରକାର ।

## ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସମ୍ମିଳନୀ ଆସିକାରେ ସେପ୍ଟେମ୍ବର ୨୦ରେ ଅନୁଷ୍ଠିତ ହେବ




ବ୍ରହ୍ମପୁର,୨୪।୮(ଆନିସ): ଅଖିଳ ଭାରତ ଟ୍ରେଡ ୟୁନିଅନ କଂଗ୍ରେସ (ଏଆଇଟିୟୁସି)ର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ଜିଲ୍ଲା ସଭାପତି ପ୍ରଶାନ୍ତ ପାଇଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଓଡ଼ିଶା ଲକ୍ଷେ କୋଟି ଟଙ୍କା ରାଜସ୍ୱ ହରାଉଥିବା କେନ୍ଦ୍ର ସରକାରଙ୍କ ଏମ୍ଏମଡିଆର ଆଇନ-୨୦୨୬କୁ ତୁରନ୍ତ ରଦ୍ଧ କରିବାପାଇଁ ଦାବି କରାଯାଇଥୁଲା ।

ଏଆଇଟିୟୁସିର ରାଜ୍ୟ ସମ୍ମିଳନୀ ତାଳଚେରଠାରେ ଅକ୍ଟୋବର ୨୯, ୩୦ ଓ ନଭେମ୍ବର ୧ ତାରିଖରେ ଅନୁଷ୍ଠିତ ହେଉଅଛି । ଅତଏବ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ୨୦ ତାରିଖରେ ଆସିକା ଠାରେ ଆୟୋଜିତ କରିବା ପାଇଁ ନିଷ୍ପତ୍ତି ଗୃହିତ ହୋଇଛି। ତା ପୂର୍ବରୁ ଏଆଇଟିୟୁସି ସହବନ୍ଧିତ ସମସ୍ତ ୟୁନିଅନର ସମ୍ମିଳନୀ ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଛି।

ଏହି ବୈଠକରେ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସମ୍ପାଦକ ଅଳକନାଥ ମିଶ୍ର, ସହସମ୍ପାଦକ ପ୍ରଦୀପ ସେଠୀ, କାମଦେବ ନାହାକ, ଏ. ସୁଧୀର, ଏମ୍. ସାହାଜାହାନ,କିଶୋର ଶତପଥୀ, ପଞ୍ଚାନନ ସ୍ୱାଇଁ, ରାଜେନ୍ଦ୍ର ଦାସ, ମାଗୁଣି ବିଷୋୟୀ, ବିଦେଶୀ ନାହାକ,ବିଭୁତି ଭୂଷଣ ମହାନ୍ତି,କୈଳାଶ,ରୋହୀତ ବିଷୋୟୀ, ପ୍ରଫୁଲ ଜେନା, ରବୀନ୍ଦ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ତାରାତାରିଣୀ କଲେଜରେ ସାଇବର ସୁରକ୍ଷା ଓ ନିଶାମୁକ୍ତ କ୍ୟାମ୍ପସ ନେଇ ସଚେତନତା କାର୍ଯ୍ୟକ୍ରମ




ପୁରୁଷୋତ୍ତମପୁର,୨୪।୮ (ଆନିସ): ପୁରୁଷୋତ୍ତମପୁର ତାରାତାରିଣୀ କଲେଜର ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍ ପକ୍ଷରୁ ସ୍ୱୟଂରକ୍ଷା, ସାଇବର ସୁରକ୍ଷା ଓ ନିଶାମୁକ୍ତ କ୍ୟାମ୍ପସ ଗଠନ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଉତ୍ସାହର ସହ ଆୟୋଜିତ ହୋଇଯାଇଛି। ଏଥିରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ତାରାତାରିଣୀ କଲେଜର ପ୍ରିନ୍ସିପାଲ୍ ଅରବିନ୍ଦ ଦାସ ଅଧ୍ୟକ୍ଷତା କରିଥିଲେ। ନିଶାଦ୍ରବ୍ୟଠାରୁ ଦୂରେ ରହି ଜଣେ ଭଲ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିଉଠିବାକୁ ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଦାସ ଆହ୍ୱାନ ଦେଇଥିଲେ। ସେହିପରି ସ୍ୱୟଂରକ୍ଷାର ଗୁରୁତ୍ୱ ଓ ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ ।ମୁଖ୍ୟ ଅତିଥି ରୂପେ ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ ସାଇବର ସୁରକ୍ଷା, ଅନଲାଇନ୍ ଠକେଇରୁ ସୁରକ୍ଷିତ ରହିବାର ଉପାୟ ଏବଂ ନିଶାମୁକ୍ତ କ୍ୟାମ୍ପସର ଉପକାରିତା ସମ୍ପର୍କରେ ସଚେତନ କରିଥିଲେ।ପ୍ରଫୁଲ୍ଲ ରଥ ଯୁବତୀମାନଙ୍କ ପାଇଁ ସ୍ୱୟଂରକ୍ଷାର ଗୁରୁତ୍ୱ ବୁଝାଇବା ସହ ନିଶାଦ୍ରବ୍ୟର ବିପଦ ସମ୍ପର୍କରେ ପରାମର୍ଶ ଦେଇଥିଲେ। ରାଜଗୋପାଳ ରାଓ ସ୍ୱୟଂରକ୍ଷାର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ ।ପୁରୁଷୋତ୍ତମପୁର ଥାନା ଅଧିକାରୀ କୁଳମଣି ସେଠୀ ନିଶାଦ୍ରବ୍ୟର କୁପ୍ରଭାବ, ସାଇବର ଅପରାଧରୁ ସୁରକ୍ଷା ଏବଂ ଅପରାଧମୁକ୍ତ ଜୀବନଯାପନ ସମ୍ପର୍କରେ ସଚେତନ କରିଥିଲେ।

ଆଡମିନିଷ୍ଟ୍ରେଟିଭ୍ ଅଫିସର ଡ. ପ୍ରଦୀପ କୁମାର ସାହୁ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ଏବଂ ଏହାର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପଡୁଥିବା କୁପ୍ରଭାବ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ନମ୍ରତା ମିଶ୍ର, ସୁଜାତା ଦାସ, ମିନାକ୍ଷୀ ଦାସ, ଡ. ସୁବ୍ରତ ଷଡ଼ଙ୍ଗୀ ଓ ଅନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହରିପ୍ରିୟା ନାୟକଙ୍କ ସମେତ ଆୟୋଜକମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ୨୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମଟି ଏକ ସଫଳ ସଚେତନତା ଅଭିଯାନର ରୂପ ନେଇଥିଲା। ''ନିଶାକୁ ନା, ସୁସ୍ଥ ଜୀବନକୁ ହଁ'', ''ସାଇବର ସୁରକ୍ଷା ଆମର ଦାୟିତ୍ୱ'' ଓ ''ସ୍ୱୟଂରକ୍ଷା ହେଉଛି ଆତ୍ମବିଶ୍ୱାସର ଶକ୍ତି'' ଭଳି ସଚେତନତା ବାର୍ତ୍ତା ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିଲା।ଶେଷରେ, ସ୍ୱୟଂରକ୍ଷା ପ୍ରଶିକ୍ଷିକା ମିସ୍ ଶାକମ୍ବରୀ ସାହୁ ଓ ମିସ୍ ସଙ୍ଗୀତା ନାହାକଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ସ୍ୱୟଂରକ୍ଷାର ବିଭିନ୍ନ କୌଶଳର ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ। ଏହା ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସୁରକ୍ଷା ସଚେତନତା ଓ ସ୍ୱୟଂରକ୍ଷା ଦକ୍ଷତା ବୃଦ୍ଧିରେ ବିଶେଷ ଭାବେ ସହାୟକ ହୋଇଥିଲା।

# ଗାଁମୁହାଁ ହାତୀ, ଆତଙ୍କରେ ଲୋକେ

## ଫସଲ ନଷ୍ଟ , ଓଡ଼ିଶା-ଆନ୍ଧ୍ର ବନ ବିଭାଗର ଯୁଗ୍ମ ପାଟ୍ରୋଲିଂ



ରାୟଗଡା,୨୪/୮(ଆନିସ): ରାୟଗଡ଼ା ବ୍ଲକର ସୀମାନ୍ତ ଅଞ୍ଚଳରେ ହାତୀପଲର ଉପଦ୍ରବକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ଏମ୍ପଲବାଲସା, କେରେଡା, ଅଣିଜା, ପୁଡେଶୁ ଓ ବୋରୁହାଲୁଆ ଗାଁ ନିକଟରେ ଏକ ଆଠଟିକିଆ ହାତୀପଲ ଘୁରିବୁଲୁଥିବା ଦେଖାଯାଇଛି। ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବୀରଗୋଟମ୍ ସଂରକ୍ଷିତ ଜଙ୍ଗଲରୁ ଏହି ଆଠଟିକିଆ ହାତୀପଲ ଗାଁମୁହାଁ ହୋଇଛି। ନାଗାବଳୀ ନଦୀ କୂଳରେ ଓଡ଼ିଶା-ଆନ୍ଧ୍ର ସୀମା ମଧ୍ୟରେ ହାତୀପଲ ଚଳପ୍ରଚଳ କରୁଥିବା ଦେଖାଯାଇଛି। ରବିବାର ଭୋର ସମୟରେ ହାତୀପଲ କୋମରଡା ଓ କୋଟୁ ଗାଁ ଅତିକ୍ରମ କରି ଓଡ଼ିଶା ଆଡ଼କୁ ଆସିଥିଲେ। ନାଗାବଳୀ ନଦୀ କୂଳରେ ଜଳକ୍ରୀଡ଼ା କରିବା ସହ ଖାଦ୍ୟ ଅନ୍ୱେଷଣରେ ହାତୀମାନେ ଘୁରିବୁଲୁଥିବା ଜଣାପଡ଼ିଛି।ହାତୀପଲ ଉଭୟ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରିଥିବା ଗ୍ରାମବାସୀମାନେ କହିଛନ୍ତି। ହାତୀପଲ ଗାଁ ନିକଟରେ ଥିବାରୁ ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ବିଶେଷକରି ରାତି ସମୟରେ ଲୋକେ ଘରୁ ବାହାରିବାକୁ ଭୟ କରୁଥିବା ଜଣାପଡ଼ିଛି। ଖବର ପାଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ବନ ବିଭାଗର କର୍ମଚାରୀମାନେ ହାତୀପଲର ଗତିବିଧି ଉପରେ କଡ଼ା ନଜର ରଖିବା ସହ ଯୁଗ୍ମ ପାଟ୍ରୋଲିଂ ଜାରି ରଖିଛନ୍ତି। ହାତୀଙ୍କ ସୁରକ୍ଷିତ ଗତିପଥ ସୁନିଶ୍ଚିତ କରିବା ସହ ଗାଁ ଅଞ୍ଚଳରୁ ହାତୀପଲକୁ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଛି। ହାତୀ ଚଳାଚଳ କରୁଥିବା ବିଭିନ୍ନ ଗାଁରେ ବିଦ୍ୟୁତ ସଂଯୋଗ ମଧ୍ୟ ବିଚ୍ଛିନ୍ନ କରାଯାଇଛି। ଏ ସମ୍ପର୍କରେ ରାୟଗଡ଼ା ରେଞ୍ଜର ଅନିଲ ପାଣିଗ୍ରାହୀ କହିଛନ୍ତି ଯେ, ହାତୀପଲ ସମ୍ପର୍କରେ ସୂଚନା ପାଇବା ପରେ ବନ ବିଭାଗର କର୍ମଚାରୀମାନେ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ହାତୀପଲକୁ ଗାଁ ଅଞ୍ଚଳରୁ ଦୂରେଇ ନେବା ପାଇଁ ଆବଶ୍ୟକ ପଦକ୍ଷେପ ଜାରି ରହିଛି।

# ଶେରଗଡ଼ରେ ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା କର୍ମଶାଳା



ଶେରଗଡ଼, ୨୪।୮ (ଆନିସ): ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଶେରଗଡ଼ ବ୍ଲକରେ ଆର୍ଥିକ ସାକ୍ଷରତା, ଡିଜିଟାଲ ନିର୍ଯାତନା ଓ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲା କ୍ଷୁଦ୍ର ସଞ୍ଚୟ ଅଧିକାରୀ ସୁଦାମ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ସେ ଆର୍ଥିକ ସାକ୍ଷରତା, ନିୟମିତ ସଞ୍ଚୟର ଗୁରୁତ୍ୱ ଏବଂ ଅନଲାଇନ୍ ଓ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

ଛତ୍ରପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ସାଇବର ସେଲ୍ର ସହକାରୀ ଆରକ୍ଷୀ ଉପନିରୀକ୍ଷକ କିରଣ କୁମାର ପାତ୍ର ଡିଜିଟାଲ ନିର୍ଯାତନା, ସାଇବର ଅପରାଧ ଓ ଡିଜିଟାଲ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ଅଜଣା ଆପ୍ ଫାଇଲ୍ ଡାଉନଲୋଡ୍ ନକରିବା, ସାମାଜିକ ପ୍ରତାରଣା, ମିଥ୍ୟା ଜରୁରୀକାଳୀନ ଫୋନ୍, ଫୋନ୍ କଲ୍ ସ୍ଥାନାନ୍ତରଣ ଠକେଇ ଏବଂ ମୋବାଇଲ୍ରେ ଡିଜିଟାଲ ସ୍ୱଚ୍ଛତା ବଜାୟ ରଖିବା ଉପରେ ସେ ବିସ୍ତୃତ ଭାବେ ବୁଝାଇଥିଲେ।

ଆସ୍କା ଡାକ ବିଭାଗର ଅଧୀକ୍ଷକ ଦିଲୀପ କୁମାର ବେହେରା ସଞ୍ଚୟ, ଆର୍ଥିକ ଅନ୍ତର୍ଭୁକ୍ତି ଓ ଆର୍ଥିକ ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ସହ ସୁକନ୍ୟା ସମୃଦ୍ଧି ଯୋଜନା ସମେତ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ଲାଭ ନେବାକୁ ସଚେତନ କରିଥିଲେ।

ଡାକ ଜୀବନ ବୀମାର ବିକାଶ ଅଧିକାରୀ ଦୀପକ ରଞ୍ଜନ ପାଣିଗ୍ରାହୀ ଡାକ ଜୀବନ ବୀମା ଓ ବିଭିନ୍ନ ସଞ୍ଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।

କର୍ମଶାଳାରେ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର, ଅନଲାଇନ୍ ଆର୍ଥିକ କାରବାରରେ ସତର୍କତା, ଚାକିରି ଠକେଇ, ଋଣ ଆପ୍ ଠକେଇ, ବିବାହ ସମ୍ପର୍କିତ ଠକେଇ, ଅଜଣା ଫୋନ୍ କଲ୍, ଏବଂ ଅନଲାଇନ୍ କ୍ରୟବିକ୍ରୟ ଠକେଇ ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା।

ଶେରଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମମତାଞ୍ଜଳି ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରିଣୀ ଡି. ନାଗରତ୍ନମ୍ କର୍ମଶାଳାର ଉଦ୍ଦେଶ୍ୟ ଓ ବିଷୟବସ୍ତୁ ସମ୍ପର୍କରେ ଅବଗତ କରାଇଥିଲେ।

କର୍ମଶାଳାରେ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ସଂଯୋଜିକା ଗୀତାଞ୍ଜଳି ମହାରଣା, ସଂଯୋଜକ ଦେବବ୍ରତ ମହାନ୍ତ, ଆର୍ଥିକ ସାକ୍ଷରତା ଲିଙ୍ଗ ବିଶେଷଜ୍ଞ ବାପୁଜୀ କନ୍ୟାରୀ, ଟୁନି ବିଷୋୟୀଙ୍କ ସମେତ ଶେରଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ ଅଞ୍ଚଳ ପରିଦର୍ଶିକା ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

# ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବା ଦାବିରେ ଦସ୍ତଖତ ସଂଗ୍ରହ ଅଭିଯାନ ଓ ବାଇକ୍ ରାଲି



ବ୍ରହ୍ମପୁର, ୨୪।୮(ଆନିସ): ତ୍ରୁଟିମୁକ୍ତ, ବିଜ୍ଞାନସମ୍ମତ ଏବଂ ମୌଳିକ ବିଷୟବସ୍ତୁ ସନ୍ନିବେଶିତ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତ ବର୍ଷର ପାଠ୍ୟପୁସ୍ତକରେ ଶିକ୍ଷାଦାନ କରିବା, ଖାଲିପଡ଼ିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ପଦବୀ ସ୍ଥାୟୀଭିତ୍ତିରେ ପୂରଣ କରିବା, ଏନ୍.ଟି.ଏ କୁ ରଦ୍ଦ କରିବା ଓ ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟଗୁଡ଼ିକୁ ଅବିଳମ୍ବେ ଖୋଲିବା ଦାବିରେ ଆଜି ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଇଞ୍ଜିନିୟରିଂ ସ୍କୁଲ ଠାରୁ ଆରମ୍ଭ କରି ବ୍ରହ୍ମପୁର ସହର ପରିକ୍ରମା କରିବା ସହ ଦସ୍ତଖତ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି।

ଶିକ୍ଷାବର୍ଷ ଆରମ୍ଭ ହେବାର ୫ମାସ ବିତିଯିବା ପରେ ମଧ୍ୟ ସରକାର, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ତ୍ରୁଟିମୁକ୍ତ, ବିଜ୍ଞାନସମ୍ମତ ଏବଂ ମୌଳିକ ବିଷୟବସ୍ତୁ ସନ୍ନିବେଶିତ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଛାତ୍ରଛାତ୍ରୀଙ୍କୁ ବଣ୍ଟନ କଲେ ନାହିଁ କି ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ ଓ ଜନଗଣଙ୍କ ଦାବି ନୂତନ ବହି ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ପୁରୁଣା ବହିରେ ପିଲାଙ୍କୁ ପାଠ ପଢାଯାଉ, ଏହି ଦାବି ପ୍ରତି ମଧ୍ୟ ସରକାର କୌଣସି କର୍ଣ୍ଣପାତ କଲେନାହିଁ। ସ୍କୁଲ ମାନଙ୍କରେ ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ ହେବାକୁ ଆଉ ମାତ୍ର ୧ମାସ ବାକି ଅଛି। ଏପରି ସ୍ଥଳେ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବେ ଦ୍ୱନ୍ଦରେ ଅଛନ୍ତି।

ଅନ୍ୟ ପଟେ ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପ୍ରାୟ ଅଧରୁ ଅଧିକ ସ୍ଥାୟୀ ଶିକ୍ଷକ, ଅଧ୍ୟାପକ, ପ୍ରଫେସର ଏବଂ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିଛି। ଫଳରେ ଠିକ୍ ସମୟରେ କ୍ଲାସ, ସଠିକ ଭାବେ ପରୀକ୍ଷା ପରିଚାଳନା, ସଠିକ ପରୀକ୍ଷା ଖାତା ଦେଖି ପରୀକ୍ଷା ଫଳ ଘୋଷଣା କରିବାରେ ନାନା ବିଭ୍ରାଟ ଘଟୁଥିବା ବେଳେ ଅନ୍ୟପଟେ ସରକାର ହଜାର ହଜାର ସରକାରୀ ସ୍କୁଲ ବନ୍ଦ କରିବାରେ ବ୍ୟସ୍ତ। ଫଳରେ ଲକ୍ଷ ଲକ୍ଷ ଗରିବ ପିଲାଙ୍କ ପାଠ ପଢାରେ ଡୋରି ବନ୍ଧା ହେଉଛି।

ଏନଟିଏ ବାରମ୍ବାର ନିରପେକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷା ପରିଚାଳନାରେ ବିଫଳ ହେଉଥିବାରୁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଗଭୀର ଅନିଶ୍ଚିତତା ଓ କ୍ଷୋଭ ସୃଷ୍ଟି ହୋଇଛି। କନ୍ଦ୍ରୀକୃତ ପରୀକ୍ଷା ବ୍ୟବସ୍ଥାର ବାରମ୍ବାର ବିଫଳତା, କୋଚିଂ ଶିଳ୍ପର ସ୍ୱାର୍ଥକୁ ଆହୁରି ପ୍ରୋତ୍ସାହିତ କରୁଛି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ମାନସିକ, ଆର୍ଥିକ ଚାପ ବଢ଼ାଇ ଦେଉଛି। ତେଣୁ ଉପର ଲିଖିତ ସମସ୍ତ ଦାବିଗୁଡ଼ିକୁ ସରକାର ଅବିଳମ୍ବେ ପୂରଣ କରିବା ପାଇଁ ଏଆଇଡିଏସଓ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି.

ଆଜିକାର କାର୍ଯ୍ୟକ୍ରମ ଏଆଇଡିଏସ୍ଓ ରାଜ୍ୟ ସଭାପତି ସୋମନାଥ ବେହେରା, ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁ, କୋଷାଧ୍ୟକ୍ଷ କିସାନ୍ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ସଂଗଠନର କର୍ମକର୍ତ୍ତା ବାମିଆ କୁମାର, ଜଗନ୍ନାଥ ବେହେରା,ବୈକୁଣ୍ଠ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

## ଗୋଳନ୍ଥରାରେ ବେଆଇନ ବିଦେଶୀ ମଦ ଜବତ, ଜଣେ ଗିରଫ

ବ୍ରହ୍ମପୁର,୨୪।୮(ଆନିସ):ଗୋଳନ୍ଥରା ଥାନା ପୋଲିସ ବେଆଇନ ବିଦେଶୀ ମଦ କାରବାର ବିରୋଧରେ ଚଢ଼ାଉ କରି ପ୍ରାୟ ୨୭ ଲିଟର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ତୁଲୁ ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ପୁଅ ବିକ୍ରମ ନାୟକ (୨୭)ଙ୍କୁ ଗିରଫ କରାଯାଇଛି। ଏନେଇ ଗୋଳନ୍ଥରା ଥାନାରେ କେସ୍ ନଂ-୩୩୫, ତାରିଖ ୨୪.୦୮.୨୦୨୬ ଅନୁଯାୟୀ ଓଡ଼ିଶା ଏକ୍ସାଇଜ୍ ଆଇନର ଧାରା ୫୨(ଏ)ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ଏକାନ୍ତ ଦଖଲରୁ ଜବତ ହୋଇଥିବା ବିଦେଶୀ ମଦକୁ ପୋଲିସ ଜବତ କରିଥିବାବେଳେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସାଇବର ଠକେଇରୁ ସୁରକ୍ଷିତ ରହିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ମୁନିଗୁଡା, ୨୪।୮(ଆନିସ): ସାଇବର ଅପରାଧ ଓ ଅନଲାଇନ୍ ଠକେଇରୁ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆମ୍ବଦଳା ଥାନା ପକ୍ଷରୁ ଚାଲିଥିବା 'ସାଇବର ସେଫ୍ଟି ଆୱାରନେସ୍ କ୍ୟାମ୍ପେନ୍' କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଆମ୍ବଦଳା ସାମନ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଆମ୍ବଦଳା ହାଇସ୍କୁଲ, ଜଗଦଳପୁର ଉଚ୍ଚ ବିଦ୍ୟାଳୟ ସମେତ ଆମ୍ବଦଳା ଥାନା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ପୂର୍ବରୁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଆଜି ସାମନ୍ତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ବିଭିନ୍ନ ଦିଗ ଉପରେ ବୁଝାଇ ଦିଆଯାଇଥିଲା।ଉଚ୍ଚାଧିକାରୀଙ୍କ ନିର୍ଦ୍ଦେଶରେ ଆମ୍ବଦଳା ଥାନା ଅଧିକାରୀ ପ୍ରଶାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଏହି ଅଭିଯାନ ଚାଲିଛି। ଆଜିର କାର୍ଯ୍ୟକ୍ରମରେ ଥାନା ଏଏସ୍ଆଇ ରୁଦ୍ରଦେବ ନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ଥାନାର ଦୁଇଜଣ କନଷ୍ଟେବଲ ମଧ୍ୟ ଉପସ୍ଥିତ ଥିଲେ।ଅନଲାଇନ୍ ଠକେଇ, ଫୋନ୍ କଲ୍ ମାଧ୍ୟମରେ ଠକେଇ, ଓଟିପି ଓ ବ୍ୟାଙ୍କ ସମ୍ପର୍କିତ ଗୁପ୍ତ ତଥ୍ୟ କାହାକୁ ନଦେବା, ସନ୍ଦେହଜନକ ଲିଙ୍କ୍ରେ କ୍ଲିକ୍ ନକରିବା, ସୋସିଆଲ ମିଡିଆ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା ଏବଂ ସାଇବର ଠକେଇର ଶିକାର ହେଲେ ତୁରନ୍ତ ଆଇନଶୃଙ୍ଖଳା ରକ୍ଷାକାରୀ ସଂସ୍ଥାକୁ ଜଣାଇବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।ବର୍ତ୍ତମାନ ସମୟରେ ଡିଜିଟାଲ ମାଧ୍ୟମର ବ୍ୟବହାର ବୃଦ୍ଧି ପାଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା ଅତ୍ୟନ୍ତ ଆବଶ୍ୟକ ବୋଲି ପୁଲିସ ପକ୍ଷରୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

## ପୋଷଣ, ଋତୁସ୍ରାବ ଓ ରକ୍ତହୀନତା ନେଇ ସଚେତନତା ସଭା




ବୁଗୁଡ଼ା,୨୪।୮(ଆନିସ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡ଼ା ପିପୁଲସ କଲେଜର ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଛାତ୍ରୀମାନଙ୍କୁ ନେଇ ୨୪/୮/୨୬ ତାରିଖ ଦିନ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ପ୍ରକୋଷ୍ଠ ସଂଯୋଜିକା ଅଧ୍ୟାପିକା ଡକ୍ଟର ରଶ୍ମିତା କୁମାରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପୋଷଣ, ମାସିକ ଋତୁସ୍ରାବ ଓ ରକ୍ତହୀନତା ବିଷୟରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ପ୍ରିନ୍ସିପାଲ ଭଗବାନ ଶତପଥୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ସିଡ଼ିପିଓ ବବିତା କୁମାରୀ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ମନୋଜ କୁମାର ଦାଶ ଓ ପ୍ରାଣୀବିଜ୍ଞାନ ସହାୟକ ରାମକୃଷ୍ଣ ନାୟକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ପଣ୍ଡା ପୋଷଣ, ମାସିକ ଋତୁସ୍ରାବ ଓ ରକ୍ତହୀନତା ବିଷୟରେ ପୃଷ୍ଟିସାର ଯୁକ୍ତ ଘରୋଇ ଖାଦ୍ୟ, ମାସିକ ଋତସ୍ରାବ ସମୟ ଅସମତା ହେଲେ ଡାକ୍ତରଙ୍କ ସହ ପରାମର୍ଶ ଓ ରକ୍ତହୀନତା ପାଇଁ ଡାକ୍ତରଙ୍କ ପରାମର୍ଶ ନେବା ସହ ଲୌହଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲା। ଏହି ତିନୋଟି ସମସ୍ୟା ପ୍ରତି ଯୁବ ଛାତ୍ରୀମାନେ ସର୍ବଦା ସଚେତନତା ରହିଲେ ସୁସ୍ଥ ସ୍ୱାସ୍ଥ୍ୟ ବାତାବରଣ ସୃଷ୍ଟି ହୋଇପାରିବ। ଶେଷରେ ସଂଯୋଜିକା ଅଧ୍ୟାପିକା ଡକ୍ଟର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପଦ୍ମନାଭ ସାହୁ

କୁମ୍ଭାର ସାହି, ଚିରିକିପଡ଼ା ଶାସନ, ପୋଲସରା, ଗଞ୍ଜାମ

ଆବିର୍ଭାବ :୦୫.୦୧.୧୯୩୬

ତିରୋଧାନ: ୧୩.୦୮.୨୦୨୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ନିଷ୍ଠା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ପୁଅ-ମନୋଜ କୁମାର ସାହୁ, ମହେନ୍ଦ୍ର କୁମାର ସାହୁ, ବୋହୂ- କବିତା ସାହୁ, ରମିତା ସାହୁ, ଝିଅ- ମଞ୍ଜୁବାଳା ସାହୁ, ମମତା ସାହୁ, ଜ୍ୱାଇଁ-ଅରୁଣ ବେହେରା, ନାତି ନାତୁଣୀ- ଅସେନ କୁମାର ସାହୁ, ରୋସେନ ସାହୁ, ଲକ୍ଷ୍ମୀ ସାହୁ, ଅପତା ସାହୁ, ରାଜେଶ ସାହୁ, ଅନନ୍ତ ସାହୁ

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ବିଶ୍ୱାସ ଭାଙ୍ଗିବା ସବୁଠାରୁ ବଡ଼ ଅପରାଧ

ମଣିଷର ଜୀବନ ଯାତ୍ରା କେବଳ କିଛି ବର୍ଷର ସମୟ ସୀମା ଭିତରେ ସୀମାବର୍ତ୍ତୀ ନୁହେଁ ବରଂ ଏହା ଅନୁଭୂତି, ଆଶା, ନିରାଶା, ବିଶ୍ୱାସ ଏବଂ ପ୍ରତାରଣାର ଏକ ଜଟିଳ ସମାହାର ସଂସାରର ଏହି ବିରାଟ ରଙ୍ଗମଞ୍ଚରେ ପ୍ରତ୍ୟେକ ମଣିଷ ନିଜର ଭାଗ୍ୟ ଏବଂ କର୍ମ ଅନୁସାରେ ଭୂମିକା ନିର୍ବାହ କରିଥାଏ । କିନ୍ତୁ ଏହାରି ଭିତରେ କିଛି ଏପରି ବ୍ୟକ୍ତି ଥାଆନ୍ତି ଯେଉଁମାନଙ୍କ ହୃଦୟରେ କୌଣସି ଜଟିଳତା, ଛଳନା କିମ୍ବା କପଟ ନଥାଏ । ସେମାନେ ଜଗତକୁ ନିଜର ନିର୍ମଳ ଆଖିରେ ଦେଖନ୍ତି ଏବଂ ସମସ୍ତଙ୍କୁ ନିଜପରି ସଚ୍ଚୋଟ ବୋଲି ଭାବିନିଅନ୍ତି । ସେଥିପାଇଁ କୁହାଯାଇଛି ସରଳ ମଣିଷ ସବୁବେଳେ ଆଖି ବୁଜି ବିଶ୍ୱାସ କରେ ତେଣୁ ସେ ଚତୁରମାନଙ୍କ ମିଛକୁ ସତ ବୋଲି ଭାବିଥାଏ ଯାହା ନିରୀହ ହୃଦୟକୁ ଭିତରୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥାଏ । ଏହି ଚିରନ୍ତନ ସତ୍ୟକୁ ଆହୁରି ଗଭୀର ଭାବରେ ଅନୁଧ୍ୟାନ କଲେ ଜୀବନର ଅନେକ ଅଲିଖିତ ପୃଷ୍ଠା ସାମ୍ନାକୁ ଆସିଥାଏ । ତେବେ ସରଳତା ଏକ ଏପରି ଗୁଣ ଯାହା ସମସ୍ତଙ୍କ ଭାଗ୍ୟରେ ନଥାଏ । ଯେଉଁମାନଙ୍କ ଜୀବନରେ ସରଳତା ଥାଏ ସେମାନେ କାହାରି ଅନିଷ୍ଟ ଚିନ୍ତା କରି ଜାଣନ୍ତି ନାହିଁ । ସେମାନଙ୍କର ପ୍ରତ୍ୟେକଟି କଥା ଏବଂ କାର୍ଯ୍ୟରେ ଏକ ପ୍ରକାରର ଆନ୍ତରିକତା ଓ ସ୍ୱଚ୍ଛତା ଥାଏ । ସେମାନେ ଭାବନ୍ତି ଯେ ସଂସାରର ସବୁ ଲୋକ ସେମାନଙ୍କ ପରି ଭଲ ଆଉ ସଚ୍ଚୋଟ କିନ୍ତୁ ଏହି ଭ୍ରମ ହିଁ ସେମାନଙ୍କ ପାଇଁ ସବୁଠାରୁ ବଡ଼ ବିପଦ ସୃଷ୍ଟି କରିଥାଏ । ଚତୁର ଏବଂ ଚାଲାକ ବ୍ୟକ୍ତିମାନେ ଏହି ସରଳତାର ସୁଯୋଗ ନେଇ ସେମାନଙ୍କୁ ନିଜର ସ୍ୱାର୍ଥ ହାସଲ ପାଇଁ ବ୍ୟବହାର କରିଥାଆନ୍ତି । ଯେମିତିକି ଗ୍ରାମାଞ୍ଚଳ କିମ୍ବା ସହରରେ ଅନେକ ସମୟରେ ଦେଖିବାକୁ ମିଳେ ଜଣେ ସରଳ ବ୍ୟକ୍ତି ନିଜର ଜଣେ ବନ୍ଧୁଙ୍କୁ ବିଶ୍ୱାସ କରି ବ୍ୟାଙ୍କରୁ ଟଙ୍କା ଧାର ଆଣିବାରେ ସାହାଯ୍ୟ କରେ କିମ୍ବା ଜାମିନଦାର ହୁଏ । ସେ ଭାବେ ଯେ ବନ୍ଧୁଟି ନିଶ୍ଚିତ ଭାବରେ ଟଙ୍କା ପରିଶୋଧ କରିଦେବ କିନ୍ତୁ ପରବର୍ତ୍ତୀ ସମୟରେ ସେହି ବନ୍ଧୁଜଣକ ଫେରାର ହୋଇଯାଏ। କିମ୍ବା ଦାୟିତ୍ୱରୁ ଓହରିଯାଏ ଏବଂ ବ୍ୟାଙ୍କର ସମସ୍ତ ଚାପ ସେହି ସରଳ ମଣିଷ ଉପରେ ପଡ଼େ ସେତେବେଳେ ତାର ସରଳତା ହିଁ ତା ପାଇଁ ଅଭିଶାପ ପାଲଟିଯାଏ ।

ତେବେ ମଣିଷ ଜୀବନର ସବୁଠାରୁ ସମ୍ବେଦନଶୀଳ ଅଧ୍ୟାୟ ହେଉଛି ପ୍ରେମ ପ୍ରେମ ହେଉଛି ଆତ୍ମାର ସମ୍ପର୍କ ଯାହା ବିଶ୍ୱାସ ଏବଂ ସମର୍ପଣ ଉପରେ ପ୍ରତିଷ୍ଠିତ । କିନ୍ତୁ ଯେତେବେଳେ ଜଣେ ସରଳ ହୃଦୟର ବ୍ୟକ୍ତି ପ୍ରେମ ସମ୍ପର୍କରେ ଆବଦ୍ଧ ହୁଏ ସେ ସେହି ସମ୍ପର୍କକୁ ନିଜର ସର୍ବସ୍ୱ ବୋଲି ମାନିନିଏ ସେ ସାମ୍ନା ମଣିଷର ପ୍ରତ୍ୟେକଟି ମିଠା କଥାକୁ ଖାଣ୍ଟି ସତ ବୋଲି ଭାବି ନିଜର ଭାବନା ଏବଂ ସମ୍ମାନକୁ ସମ୍ପୂର୍ଣ୍ଣ ଭାବରେ ସେହି ବ୍ୟକ୍ତିଙ୍କ ପାଖରେ ବାନ୍ଧିଦିଏ । ସରଳ ଯୁବକ କିମ୍ବା ଯୁବତୀମାନେ ପ୍ରେମରେ ପଡ଼ିଗଲେ ସାମ୍ନାରେ ଥିବା ବ୍ୟକ୍ତିର କୌଣସି ଦୋଷ ଦେଖିପାରନ୍ତି ନାହିଁ ସେମାନେ ଭାବନ୍ତି ଯେ ସେମାନଙ୍କର ପ୍ରେମିକ କିମ୍ବା ପ୍ରେମିକା କେବେବି ସେମାନଙ୍କୁ ଠକିବେ ନାହିଁ ଯେତେବେଳେ ସେହି ସାମ୍ନାର ବ୍ୟକ୍ତିଜଣକ କେବଳ ସ୍ୱାର୍ଥ କିମ୍ବା ଅସ୍ଥାୟୀ ଆକର୍ଷଣ ପାଇଁ ସମ୍ପର୍କରେ ଥାଏ ଏବଂ ସମୟ ଆସିଲେ ମୁହଁ ଫେରାଇ ନିଏ । ସେତେବେଳେ ସେହି ସରଳ ପ୍ରେମୀର ମନ ଭିତରୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିପଡ଼େ । ଏହି ଆଘାତ ଏତେ ଗଭୀର ହୁଏ ଯେ ବ୍ୟକ୍ତିଜଣକ ଆଉ କାହାକୁ ଭଲ ପାଇବା କିମ୍ବା ବିଶ୍ୱାସ କରିବାକୁ ସାହସ କରିପାରେ ନାହିଁ । ସରଳ ମଣିଷମାନେ କେବଳ ବାହାର ଦୁନିଆରେ ନୁହେଁ ବରଂ ନିଜର ପରିବାର ଏବଂ କର୍ମକ୍ଷେତ୍ରରେ ମଧ୍ୟ ପ୍ରତାରଣାର ଶିକାର ହୋଇଥାଆନ୍ତି ପରିବାର ଭିତରେ ସମ୍ପତ୍ତି ବାଣ୍ଟିବା ସମୟରେ କିମ୍ବା ଦାୟିତ୍ୱ ନେବା ସମୟରେ ନିଜର ଲୋକମାନେ ମିଛ ପ୍ରତିଶ୍ରୁତି ଦେଇ ସରଳ ବ୍ୟକ୍ତିଙ୍କ ଅଧିକାରକୁ ଛଡେଇ ନିଅନ୍ତି ସରଳ ମଣିଷଟି ରକ୍ତ ସମ୍ପର୍କକୁ ଭ୍ରମରେ ରଖି ଚୁପ୍ ରହେ କିନ୍ତୁ ଭିତରୁ ସେ ମାନସିକ ଭାବରେ ଭାଙ୍ଗିଯାଏ । ଅଫିସ ବା କାର୍ଯ୍ୟାଳୟରେ ଜଣେ ସରଳ କର୍ମଚାରୀ କେବଳ ନିଜ କାମ ପ୍ରତି ସଚ୍ଚୋଟ ରୁହେ କିନ୍ତୁ ତାର ସହକର୍ମୀମାନେ ଚତୁରତା ଏବଂ ମିଛ କହି ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରଶଂସା ସାଉଁଟନ୍ତି ଏବଂ ସରଳ କର୍ମଚାରୀକୁ ତଳକୁ ଟାଣିବା ପାଇଁ ଷଡ଼ଯନ୍ତ୍ର କରନ୍ତି ।

ଯେତେବେଳେ ଜଣେ ସରଳ ମଣିଷ ବାରମ୍ବାର ପ୍ରତାରଣାର ଶିକାର ହୁଏ ସେତେବେଳେ ତାର ମନୋବଳ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିଯାଏ । ସେ ସମାଜରୁ ଏବଂ ଲୋକଙ୍କଠାରୁ ଦୂରେଇ ରହିବାକୁ ପସନ୍ଦ କରେ ତାର ମନରେ ସବୁବେଳେ ଏକ ଅଜ୍ଞାତ ଭୟ ଏବଂ ଅବସାଦ ଖେଳି ରହେ ସେ ଆଉ କାହାକୁ ମଧ୍ୟ ସହଜରେ ବିଶ୍ୱାସ କରିପାରେ ନାହିଁ । ଯାହା ଫଳରେ ତାର ସାମାଜିକ ଜୀବନ ନଷ୍ଟ ହୋଇଯାଏ ।

ତେଣୁ ସରଳତା କୌଣସି ଦୁର୍ବଳତା ନୁହେଁ ବରଂ ଏହା ମନୁଷ୍ୟର ସବୁଠାରୁ ବଡ଼ ମହାନତା ଏବଂ ପବିତ୍ରତା ଚତୁରମାନେ ନିଜର ମିଛ ଓ କୂଟନୀତି ଦ୍ୱାରା ଅସ୍ଥାୟୀ ଭାବରେ ବିଜୟୀ ହୋଇପାରନ୍ତି କିନ୍ତୁ ସେମାନଙ୍କର ଅସଲ ଚେହେରା ଦିନେ ନା ଦିନେ ସାମ୍ନାକୁ ଆସିଥାଏ । ତେବେ ଜୀବନରେ ସରଳ ହେବା ନିଶ୍ଚୟ ଏକ ଉତ୍ତମ ଗୁଣ କିନ୍ତୁ ଅନ୍ଧ ଭାବରେ ଆଖି ବୁଜି ସମସ୍ତଙ୍କୁ ବିଶ୍ୱାସ କରିବା ପୂର୍ବରୁ ସାମାଜିକ ବାସ୍ତବତାକୁ ବୁଝି ସତର୍କତା ଅବଲମ୍ବନ କରିବା ନିହାତି ଜରୁରୀ । ଯାହାଦ୍ୱାରା କାହାରି ନିରୀହ ହୃଦୟ କେବେବି କୌଣସି ଚତୁର ବ୍ୟକ୍ତିର ପ୍ରତାରଣାରେ ଭାଙ୍ଗିବ ନାହିଁ ।

**ଯୁବ ସାମ୍ବାଦିକା**
**ଦିପ୍ତିମୟୀ ନାୟକ**
**ଅନ୍ଧାରୁଆ, ଭୁବନେଶ୍ୱର**

# ॥ ଆନନ୍ଦ ହିଁ ଈଶ୍ୱର ॥

ଆନନ୍ଦ ବା ଆରାମ ବା ଯାହାକୁ ମାନସରେ ବହୁବାର ବିଶ୍ରାମ ବୋଲି କୁହାଯାଇଛି ଏବଂ ଭିନ୍ନ ଭିନ୍ନ ସ୍ଥାନରେ ଯାହାକୁ ସୁନ୍ଦର ଭାବେ ସଂଜ୍ଞାୟିତ କରାଯାଇଛି ମଧ୍ୟ । ତୁଳସୀ ଦାସଙ୍କ ଭାଷାରେ–ଏହି ଆନନ୍ଦ ହେଉଛି ରାମ ଚରିତ ମାନସ ଶ୍ରବଣ ଜନିତ ଆନନ୍ଦର ନାମାନ୍ତର ଓ ଯାହା ବିଶ୍ରାମ । ସମୁଦ୍ର ଲଙ୍ଘନରତ ମହାବୀର ହନୁମାନଙ୍କୁ ମୈନାକ ପର୍ବତ କିଂଚିତ ବିଶ୍ରାମ କରିବାକୁ ନିବେଦନ କରନ୍ତେ ଶ୍ରୀ ହନୁମାନ କହିଲେ–ରାମ କାଜୁ କିହ୍ନେଁ ବିନୁ ମୋହି କହାଁ ବିଶ୍ରାମ । ଅର୍ଥାତ୍ ଶାରୀରିକ ହେଉ ବା ମାନସିକ ହେଉ ଶ୍ରମ ହିଁ ବିଶ୍ରାମ । ସ୍ୱର୍ଗଠାରୁ ଶତଗୁଣ ପ୍ରାଚୁର୍ଯ୍ୟରେ ଭରପୂର ସ୍ୱର୍ଣ୍ଣମୟୀ ଲଙ୍କାପୁରୀ ବିଭୀଷଣଙ୍କୁ ଶାନ୍ତି ବା ବିଶ୍ରାମ ଦେଇପାରିଲାନି । ସେଠାରେ ସଂସ୍କାର ଆଣିବା ପାଇଁ ଚେଷ୍ଟା କରି ସେ ରାବଣର ଗୋଇଠା ପ୍ରହାର ଖାଇ ପହଞ୍ଚିଲେ ଶ୍ରୀରାମଙ୍କ ଶରଣରେ । ନିଜ ପରିବାର ସହ ସମସ୍ତଙ୍କ କୁଶଳ ପୁଚ୍ଛା କରନ୍ତି ପ୍ରଭୁ ଶ୍ରୀରାମ ଏବଂ ବିଭୀଷଣ କହନ୍ତି–ଜୀବନ ସେତେବେଳେ ଯାଏଁ କୁଶଳରେ ବା ବିଶ୍ରାମରେ ଅଛି ବୋଲି କହିପାରିବେ ନାହିଁ ଯେ ପର୍ଯ୍ୟନ୍ତ ଏ ସଂସାର ଦୁଃଖାଳୟ ବିଷୟରେ ବିଚାର କରି ଶ୍ରୀରାମଙ୍କ ଆଶ୍ରିତ ହୋଇପାରୁନାହିଁ । ଯଦି କେହି କୁଶଳରେ ଅଛି ବୋଲି ଦାବୀ କରେ ସେ ରାବଣ ଆଦି ରାକ୍ଷସଙ୍କ ପରି କୁଶଳରେ ଥାଇପାରେ। ସୁତରାଂ ଆନନ୍ଦ ହିଁ ଶ୍ରୀରାମଙ୍କ ଶରଣର ଫଳ ।

(ସୌଜନ୍ୟ : ଅଖଣ୍ଡ ଜ୍ୟୋତି)

# ଇଥାନଲ ଭାରି ପଡ଼ିଲା କି ଚିନି ଉପରେ?

**ଆଖୁ ଏବେ ଇଥାନଲ ମୁହାଁ, ଚିନି ଉତ୍ପାଦନ ଉପରେ ପ୍ରଭାବ ଭାର ବଢ଼ୁଛି ଖାଉଟିଙ୍କ ଉପରେ**

ଏକ ଦେଶର ଅର୍ଥନୈତିକ ନୀତି ସେତେବେଳେ ସଫଳ ବୋଲି ବିବେଚିତ ହୁଏ, ଯେତେବେଳେ ତାହା ଏକାସାଙ୍ଗେ ଉତ୍ପାଦକ, ଶିଳ୍ପ, ସରକାର ଓ ସାଧାରଣ ଖାଉଟିସମସ୍ତଙ୍କ ସ୍ୱାର୍ଥକୁ ସନ୍ତୁଳିତ କରିପାରେ। ଗୋଟିଏ କ୍ଷେତ୍ରର ଲାଭ ପାଇଁ ଅନ୍ୟ କ୍ଷେତ୍ରରେ ଅସ୍ୱାଭାବିକ ଚାପ ସୃଷ୍ଟି ହେଲେ ନୀତିର ସଫଳତାକୁ ନୂଆ କରି ପରୀକ୍ଷା କରିବା ଦରକାର। ଆଜି ଇଥାନଲ ଓ ଚିନିକୁ ନେଇ ଉଠୁଥିବା ମୂଳ ପ୍ରଶ୍ନଟି ଠିକ୍ ଏହି ପରିପ୍ରେକ୍ଷୀରୁ ହିଁ ଉଠୁଛି।

ପେଟ୍ରୋଲରେ ଇଥାନଲ ମିଶ୍ରଣ ଭାରତର ଶକ୍ତି ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି। ୨୦୧୩-୧୪ରେ ଯେଉଁଠାରେ ଇଥାନଲ ମିଶ୍ରଣ ୧.୫ ପ୍ରତିଶତରୁ ମଧ୍ୟ କମ୍ ଥିଲା, ସେଠାରୁ ୨୦୨୫-୨୬ରେ ୨୦ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି ବୋଲି ସରକାରୀ ତଥ୍ୟ କହୁଛି। ଏହାର ଉଦ୍ଦେଶ୍ୟ ହେଉଛି ଆମଦାନିକୃତ ଅଶୋଧିତ ତୈଳ ଉପରେ ନିର୍ଭରତା କମାଇବା, ବୈଦେଶିକ ମୁଦ୍ରା ସଞ୍ଚୟ କରିବା ଓ ଦେଶୀୟ କୃଷି ଉତ୍ପାଦକୁ ଇନ୍ଧନ ଅର୍ଥନୀତି ସହ ଯୋଡ଼ିବା। ସରକାରଙ୍କ ହିସାବରେ ଏହି କାର୍ଯ୍ୟକ୍ରମ ଆମଦାନିକୃତ ତୈଳର ବିକଳ୍ପ ସୃଷ୍ଟି ଓ ବୈଦେଶିକ ମୁଦ୍ରା ସଞ୍ଚୟରେ ଉଲ୍ଲେଖନୀୟ ଫଳ ଦେଇଛି।

ତେଣୁ ଇଥାନଲ ନୀତିକୁ ଏକତରଫା ଭାବେ ଦୋଷାରୋପ କରିବା ଯୁକ୍ତିସଙ୍ଗତ ନୁହେଁ। କିନ୍ତୁ ପ୍ରଶ୍ନ ହେଉଛିଏହିଶକ୍ତିସୁରକ୍ଷାର ମୂଲ୍ୟ ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଖାଉଟିଙ୍କୁ କେତେ ଦେବାକୁ ପଡ଼ିବ ?

ଚିନିର ଦାମ ବୃଦ୍ଧି ଏହି ପ୍ରଶ୍ନକୁ ଆହୁରି ତୀବ୍ର କରିଛି। ସାମ୍ପ୍ରତିକ ତଥ୍ୟ ଅନୁସାରେ ଚଳିତ ଋତୁର ଚିନି ଉତ୍ପାଦନ ପୂର୍ବ ଆକଳନ ତୁଳନାରେ ପ୍ରାୟ ୧୧ ପ୍ରତିଶତ କମି ୩୦୬ ଲକ୍ଷ ଟନ୍ ହୋଇପାରେ। ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ପ୍ରମୁଖ ଆଖୁ ଉତ୍ପାଦନକାରୀ ରାଜ୍ୟରେ ପାଣିପାଗ ଓ ଫସଲ ସମ୍ପର୍କିତ ସମସ୍ୟା ଏହି ହ୍ରାସର ଏକ ବଡ଼ କାରଣ।

ଏଠାରେ ଇଥାନଲକୁ ନେଇ ବିତର୍କଟି ଆରମ୍ଭ ହୁଏ। ଚିନି ଉତ୍ପାଦନର ବଦଳରେ ଆଖୁର ରସ, ଭାରୀ ମୋଲାସେସ୍ ଆଦିକୁ ଇଥାନଲ ଉତ୍ପାଦନରେ ବ୍ୟବହାର କରିବାର ନୀତି ଗତ କିଛି ବର୍ଷରେ ବିସ୍ତାର ପାଇଛି। ଏହା ଅତିରିକ୍ତ ଚିନି ମଜୁତ ହ୍ରାସ, ଚିନି କଳର ଆର୍ଥିକ ସ୍ଥିତି ସୁଧାର ଓ ଆଖୁଚାଷୀଙ୍କୁ ସମୟରେ ଟଙ୍କା ଦେବାରେ ସହାୟକ ହୋଇଥିଲା। ଅତିରିକ୍ତ ଚିନି ଉତ୍ପାଦନ ସମୟରେ ଏହି ନୀତି ଏକ ବ୍ୟବହାରିକ ସମାଧାନ ଭାବେ ମଧ୍ୟ ଦେଖାଯାଇଥିଲା।

କିନ୍ତୁ ଅର୍ଥନୀତିରେ ପରିସ୍ଥିତି ସବୁବେଳେ ଏକରକମ ରହେ ନାହିଁ। ଯେତେବେଳେ ଉତ୍ପାଦନ ଭଲ, ଚିନିର ମଜୁତ ଅଧିକ ଏବଂ ମୂଲ୍ୟ ଉପରେ ଚାପ କମ୍, ସେତେବେଳେ ଅତିରିକ୍ତ ଆଖୁ କିମ୍ବା ଚିନିଭିତ୍ତିକ ଉପାଦାନକୁ ଇଥାନଲ ଉତ୍ପାଦନରେ ବ୍ୟବହାର କରିବାର ଯୁକ୍ତି ରହିପାରେ। କିନ୍ତୁ ଯଦି ଚିନି ଉତ୍ପାଦନ ହ୍ରାସ ପାଏ ଓ ଦେଶୀୟ ଚାହିଦା ବଢ଼େ, ତେବେ ସେହି ନୀତିକୁ ଅପରିବର୍ତ୍ତିତ ରଖିବା ଠିକ୍ କି ନାହିଁଏହି ପ୍ରଶ୍ନ ନିଶ୍ଚୟ ଉଠିବ।

ଏହାର ଅର୍ଥ ଏନୁହେଁ ଯେ ଆଜିର ଚିନି ଦରବୃଦ୍ଧିର ସମସ୍ତ ଦୋଷ ଇଥାନଲ ଉପରେ ଦେଇଦିଆଯିବ। ସରକାରୀ ପକ୍ଷରୁ ମଧ୍ୟ ଏହା ସ୍ପଷ୍ଟ କରାଯାଇଛି ଯେ ଇଥାନଲ ପାଇଁ ଚିନିର ବିକଳ୍ପ ବ୍ୟବହାର ହିଁ ବର୍ତ୍ତମାନର ଦରବୃଦ୍ଧିର ମୁଖ୍ୟ କାରଣ ନୁହେଁ। ପାଣିପାଗଜନିତ ଫସଲ କ୍ଷତି, କମ୍ ଉତ୍ପାଦନ, ମଜୁତ ଓ ବଜାର ମନୋଭାବ ଭଳି କାରକଗୁଡ଼ିକ ଏକାସାଙ୍ଗେ ଦରବୃଦ୍ଧିର କାରଣ ହୋଇଛି। ଏହା ସହିତ, ଆଗାମୀ ପାର୍ବଣ ଋତୁରେ ଚାହିଦା ବଢ଼ିବାର ଆଶଙ୍କା ମଧ୍ୟ ବଜାର ଦର ଉପରେ ଚାପ ସୃଷ୍ଟି କରୁଛି।

କିନ୍ତୁ ସରକାରଙ୍କ ପାଇଁ ଏହି ତଥ୍ୟ ଆତ୍ମସନ୍ତୋଷର କାରଣ ହେବା ଉଚିତ୍ ନୁହେଁ। ଖାଉଟିଙ୍କ ପ୍ରଶ୍ନ ସରଳକାରଣ ଯାହା ହେଉ, ଦାମ ବଢ଼ିଲେ ତାହାର ଭାର କିଏ ବୋହିବ

ଚିନି କେବଳ ଚା'ରେ ପଡ଼ୁଥିବା ଗୋଟିଏ ଉପାଦାନ ନୁହେଁ। ଏହା ମିଠା, ବିସ୍କୁଟ, ପାନୀୟ, ବେକେରି ଓ ଅନେକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ମୁଖ୍ୟ କଞ୍ଚାମାଲ। ଚିନିର ଦାମ ବଢ଼ିଲେ କେବଳ ଘରର ମାସିକ ବଜାର ଖର୍ଚ୍ଚ ନୁହେଁ, ଅନ୍ୟାନ୍ୟ ଖାଦ୍ୟପଦାର୍ଥର ଦାମରେ ମଧ୍ୟ ତାହାର ପ୍ରଭାବ ପଡ଼ିପାରେ। ବିଶେଷକରି ଗରିବ, ଖଟିଖିଆ ଓ ନିମ୍ନ-ମଧ୍ୟବିତ୍ତ ପରିବାର ପାଇଁ ଏପରି ଦରବୃଦ୍ଧି ଅଧିକ ଅନୁଭବ ହୁଏ।

ସେଥିପାଇଁ ଆଜି ଚା' ଦୋକାନରୁ ଆରମ୍ଭ କରି ବଜାର ଓ ରାସ୍ତାଘାଟର ଆଲୋଚନାରେ ଯଦି ଇଥାନଲ ଓ ଚିନିର ସମ୍ପର୍କ ଉଠୁଛି, ତାହାକୁ କେବଳ ରାଜନୈତିକ ତର୍କ ବୋଲି ଏଡ଼ାଇ ଦେବା ଉଚିତ୍ ନୁହେଁ। ଲୋକଙ୍କ ମନରେ ଉଠୁଥିବା ପ୍ରଶ୍ନର ଉତ୍ତର ତଥ୍ୟ ଓ ପାରଦର୍ଶିତାର ସହ ଦେବା ସରକାରଙ୍କ ଦାୟିତ୍ୱ।

ବାସ୍ତବରେ ଏଠାରେ ଦୁଇଟି ଜାତୀୟ ଆବଶ୍ୟକତା ସାମ୍ନାସାମ୍ନି ହେଉଛିଶକ୍ତି ସୁରକ୍ଷା ଓ ଖାଦ୍ୟ ମୂଲ୍ୟ ସୁରକ୍ଷା। ଭାରତ ଯେହେତୁ ବିପୁଳ ପରିମାଣରେ ଅଶୋଧିତ ତୈଳ ଆମଦାନି କରେ, ଇଥାନଲ ଭଳି ଦେଶୀୟ ବିକଳ୍ପର ଗୁରୁତ୍ୱ ଅସ୍ୱୀକାର କରାଯାଇପାରେ ନାହିଁ। କିନ୍ତୁ ତାହାର ଅର୍ଥ ଏହା ମଧ୍ୟ ନୁହେଁ ଯେ ଖାଉଟି ବଜାରରେ ଅତ୍ୟାବଶ୍ୟକ ଖାଦ୍ୟପଦାର୍ଥର ମୂଲ୍ୟଚାପକୁ ଅବହେଳା କରାଯିବ।

ଏହି କାରଣରୁ ଆଗାମୀ ଦିନର ଇଥାନଲ ନୀତି ଅଧିକ ପରିସ୍ଥିତି-ଅନୁକୂଳ ଓ ନମନୀୟ ହେବା ଆବଶ୍ୟକ। ଚିନିର ଦେଶୀୟ ମଜୁତ, ଉତ୍ପାଦନ, ଚାହିଦା ଓ ଦରକୁ ଆଧାର କରି ପ୍ରତିବର୍ଷ ଆଖୁର କେତେ ଅଂଶ ଇଥାନଲକୁ ଯିବ, ତାହା ନିର୍ଦ୍ଧାରିତ ହେବା ଦରକାର। ଇଥାନଲର ଲକ୍ଷ୍ୟ ଅପରିବର୍ତ୍ତିତ ରହିଲେ ମଧ୍ୟ ତାହାର କଞ୍ଚାମାଲର ଉତ୍ସକୁ ବିବିଧ କରାଯାଇପାରେ। ସରକାର ମଧ୍ୟ ମକା ଭଳି ଅନ୍ୟ କଞ୍ଚାମାଲର ଉତ୍ପାଦନ ବଢ଼ାଇବା ଉପରେ ଗୁରୁତ୍ୱ ଦେଇଆସୁଛନ୍ତି।

ଅନ୍ୟପକ୍ଷରେ ଚିନି ବଜାରରେ ମଜୁତଦାରୀ ଓ କୃତ୍ରିମ ଅଭାବ ସୃଷ୍ଟି ଉପରେ କଠୋର ନଜର ଦରକାର। ସାମ୍ପ୍ରତିକ ଦରବୃଦ୍ଧି ପରେ ସରକାର ବଡ଼ ପରିମାଣରେ କିଣୁଥିବା ବ୍ୟବସାୟୀଙ୍କ ମଜୁତ ସୀମା ନେଇ ମଧ୍ୟ ପଦକ୍ଷେପ ନେଇଛନ୍ତି। ଏହା ଦର୍ଶାଏ ଯେ ସମସ୍ୟାଟି କେବଳ ଉତ୍ପାଦନର ନୁହେଁ, ବଜାର ପରିଚାଳନାର ମଧ୍ୟ।

ଏବେ ପ୍ରଶ୍ନ ହେଉଛିଇଥାନଲ ଦରକାର କି ଚିନି ଏହାର ଉତ୍ତର 'ଏହା କିମ୍ବା ସେହି' ହୋଇପାରେ ନାହିଁ। ଦେଶକୁ ଉଭୟ ଦରକାର। ତୈଳ ଆମଦାନିର ଭାର କମାଇବାକୁ ଇଥାନଲ ଆବଶ୍ୟକ ଘରୋଇ ବଜାରରେ ଚିନିର ଯୋଗାଣ ଓ ଯୁକ୍ତିସଙ୍ଗତ ମୂଲ୍ୟ ନିଶ୍ଚିତ କରିବାକୁ ଚିନି ମଧ୍ୟ ଆବଶ୍ୟକ।

ଏହି ଦୁଇଟି ଆବଶ୍ୟକତା ମଧ୍ୟରେ ସନ୍ତୁଳନ ହିଁ ନୀତିର ପ୍ରକୃତ ପରୀକ୍ଷା। ଯଦି ଆଖୁଚାଷୀଙ୍କୁ ଭଲ ଦାମ ମିଳେ, ଚିନି କଳକୁ ଆର୍ଥିକ ସୁରକ୍ଷା ମିଳେ ଓ ଦେଶର ତୈଳ ଆମଦାନି ଚାପ କମେତେବେ ଇଥାନଲ ନୀତି ସଫଳ। କିନ୍ତୁ ଯଦି ଏହି ଲାଭର ଅନ୍ୟ ପାର୍ଶ୍ୱରେ ଖାଉଟିଙ୍କୁ ଅଧିକ ଦାମରେ ଚିନି କିଣିବାକୁ ପଡ଼େ, ତେବେ ନୀତିର ସାମାଜିକ ମୂଲ୍ୟ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।

ସରକାରଙ୍କୁ ତେଣୁ ଆଜି ନିଜ ନୀତିକୁ କେବଳ ପ୍ରତିରକ୍ଷା କରିବା ଠାରୁ ଅଧିକ ତାହାର ପୁନଃସମୀକ୍ଷା କରିବାର ସାହସ ଦେଖାଇବାକୁ ହେବ। ଯେଉଁ ନୀତି ଅତିରିକ୍ତ ଚିନି ଥିବା ସମୟରେ ଚିନି କଳ ଓ ଚାଷୀଙ୍କ ପାଇଁ ଉପକାରୀ ଥିଲା, ଉତ୍ପାଦନ ହ୍ରାସ ଓ ମୂଲ୍ୟଚାପର ସମୟରେ ସେହି ନୀତିର ମାତ୍ରା ଓ ଦିଗକୁ ପରିସ୍ଥିତି ଅନୁସାରେ ବଦଳାଇବା ଦରକାର।

ଶକ୍ତି ସୁରକ୍ଷାର ନାମରେ ଖାଦ୍ୟ ମୂଲ୍ୟ ସୁରକ୍ଷାକୁ ଅବହେଳା କରାଯାଇପାରେ ନାହିଁ। ପୁଣି ଚିନିର ଦର ନିୟନ୍ତ୍ରଣ ପାଇଁ ଇଥାନଲ ନୀତିକୁ ହଠାତ୍ ବାଧା ଦେବା ମଧ୍ୟ ଦୂରଦର୍ଶୀ ପଦକ୍ଷେପ ହେବ ନାହିଁ। ଦରକାର ହେଉଛି ଏକ ଗତିଶୀଳ ନୀତିଯେଉଁଠାରେ ଉତ୍ପାଦନ ବଢ଼ିଲେ ଇଥାନଲର ଅଂଶ ବଢ଼ିପାରିବ, ଆଉ ଚିନିର ଅଭାବ କିମ୍ବା ଅସ୍ୱାଭାବିକ ମୂଲ୍ୟବୃଦ୍ଧି ଦେଖାଦେଲେ ଚିନିକୁ ପ୍ରାଥମିକତା ମିଳିବ।

ଶେଷରେ ପ୍ରଶ୍ନଟି ହେଉଛିତୈଳ ଆମଦାନି କମାଇବାର ଲାଭ ଯଦି ଗୋଟିଏ ପଟେ ମିଳେ, ତେବେ ଅନ୍ୟ ପଟେ ଚିନିର ଦାମ ବଢ଼ି ତାହାର ଭାର ସାଧାରଣ ଲୋକଙ୍କ ରୋଷେଇଘରକୁ ଯିବା କେତେ ଦୂର ଗ୍ରହଣୀୟ

ଏହା ଇଥାନଲ ବିରୋଧୀ ପ୍ରଶ୍ନ ନୁହେଁ। ଏହା ନୀତିର ସନ୍ତୁଳନ ସମ୍ପର୍କିତ ପ୍ରଶ୍ନ। ଚାଷୀ, ଚିନି କଳ, ତୈଳ ଅର୍ଥନୀତି ଓ ଖାଉଟିଚାରି ପକ୍ଷର ସ୍ୱାର୍ଥକୁ ଏକାସାଙ୍ଗେ ନେଇ ଚାଲିପାରିଲେ ହିଁ ଇଥାନଲ ନୀତିର ପ୍ରକୃତ ସଫଳତା ସାବ୍ୟସ୍ତ ହେବାନଚେତ ଗୋଟିଏ କ୍ଷେତ୍ରର ସଫଳତା ଅନ୍ୟ କ୍ଷେତ୍ରର ବିଫଳତାର କାରଣ ହୋଇଯିବ।

ସରକାରଙ୍କ ନୀତିର ଲକ୍ଷ୍ୟ କେବଳ ତୈଳ ଆମଦାନି କମାଇବା ନୁହେଁ ଲୋକଙ୍କ ଘରର ଖର୍ଚ୍ଚ ମଧ୍ୟ ନିୟନ୍ତ୍ରଣରେ ରଖିବା। ଇଥାନଲର ସଫଳତା ସେତେବେଳେ ପୂର୍ଣ୍ଣ ହେବ, ଯେତେବେଳେ ତାହାର ଲାଭ ଇନ୍ଧନ ଟାଙ୍କିରୁ ଆରମ୍ଭ ହୋଇ ଖାଉଟିଙ୍କ ରୋଷେଇଘର ପର୍ଯ୍ୟନ୍ତ ପହଞ୍ଚିବ।

**ସିତାଂଶୁ ଶେଖର ମିଶ୍ର**
**ଶାନ୍ତି ନଗର,ସୋନପୁର**

# ଆରକ୍ଷଣ-୧: ପଛୁଆ ବର୍ଗ ଓ ଦୁର୍ବଳ ଶ୍ରେଣୀର ସାମାଜିକ ନିରାପତ୍ତା, ସମାନତା ଓ ଉତ୍ଥାନ ପାଇଁ ଏକ ଅଭିନବ ପ୍ରୟାସ

ଇଂରେଜ ଶାସନ ସମୟରେ ୧୮୮୧-୮୨ ମସିହାରେ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେ ଓ ଇଂରେଜ ଶିକ୍ଷା ଆୟୁକ୍ତ ସାର ଉଇଲିଅମ ହଣ୍ଟରଙ୍କ ମିଳିତ ଉଦ୍ୟମରେ ଦେଶର ଗ୍ରାମୀଣ, ପଛୁଆ ବର୍ଗ ପିଲାଙ୍କ ନିଶ୍ଚିତ, ଦେୟମୁକ୍ତ ଶିକ୍ଷା ଏବଂ ନିଯୁକ୍ତି ବ୍ୟବସ୍ଥା ଉପରେ ଆରକ୍ଷଣ ଅବଧାରଣା ପ୍ରସ୍ତାବିତ ହୋଇଥିଲା । ୧୯୦୨ ମସିହାରେ କୋହ୍ଲାପୁରର ରାଜା ଛତ୍ରପତି ଶାହୁ ମହାରାଜ, ଅବ୍ରାହ୍ମଣ ଓ ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୫୦ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଅଭିନୀତ କରିଥିଲେ ୧୯୨୧-୨୭ ରେ ମାଡ୍ରାସ ଓ ମଇଶୁର ରାଜ୍ୟରେ ଅବ୍ରାହ୍ମଣ, ମୁସଲିମ ଓ ପଛୁଆ ବର୍ଗଙ୍କ ବିଶେଷ ସାମ୍ପ୍ରଦାୟୀକ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇ ଥିଲା । ୧୯୩୨-୩୩ରେ ଇଂରେଜ ସରକାର ପଛୁଆ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସାମ୍ପ୍ରଦାୟୀକ ନିର୍ବାଚନ କ୍ଷେତ୍ର ଘୋଷଣା କରିଥିଲେ ଯାହା ମହାତ୍ମାଗାନ୍ଧୀ ଏବଂ ଆମ୍ବେଦକରଙ୍କ ଉଦ୍ୟମରେ ଆରକ୍ଷଣ ଜଡିତ ମିଳିତ ନିର୍ବାଚନୀ କ୍ଷେତ୍ରରେ ପରିବର୍ତ୍ତନ କରାଯାଇ ଥିଲା । ଭାରତ ସ୍ୱାଧୀନତା ପରବର୍ତ୍ତୀ ୧୯୫୧ ମସିହାରେ ଆର୍ଟିକଲ ୧୫(୪) ଏବଂ ୧୬(୪) ଆଧାରରେ ହରିଜନ, ଆଦିବାସୀ ଏବଂ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ରାଜ୍ୟସ୍ତରୀୟ କ୍ଷମତାରେ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇ ଥିଲା ଯେଉଁଥିରେ ସବର୍ଣ୍ଣ କିମ୍ବା ଅବ୍ରାହ୍ମଣଙ୍କ କଥା ଉଲ୍ଲେଖ ନାହିଁ । ୧୯୯୦ ମସିହାରେ କେନ୍ଦ୍ର ସରକାରୀ ନିଯୁକ୍ତିରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ମଣ୍ଡଳ କମିଶନ ୨୭ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଲାଗୁ କରିଥିଲେ । ତାପରେ ଭିନ୍ନ ଭିନ୍ନ ସରକାରଙ୍କ ସମୟରେ ଅନେକ ପରିବର୍ତ୍ତନ ହୋଇଛି ଏବଂହେଉଛି ମଧ୍ୟ ଯାହା ବର୍ତ୍ତମାନର ସ୍ଥିତି ସମସ୍ତେ ଜାଣିଛନ୍ତି ତାରି ଉପରେ ବିଶେଷ ଆଲୋଚନା କରିବା ନାହିଁ । ଲୋକଙ୍କ ବିଚାର ଏବଂ ସାମ୍ବିଧାନିକ ଆଇନ ମଧ୍ୟରେ କୌଣସି ପ୍ରଭେଦ ରହିଛି, କିମ୍ବା ସ୍ୱାଧୀନତା ପୂର୍ବବର୍ତ୍ତୀ ସାମାଜିକ ପରିସ୍ଥିତି, ପରିବେଶ ଏବଂ ଆଜି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ସାମାଜିକ ପରିବେଶର ମାନସିକତା ମଧ୍ୟରେ କୌଣସି ଅନ୍ତର ରହିଛି କି ନାହିଁ ତାରି ଉପରେ ଏକ ବିଶେଷ ଆଲୋଚନା ମାତ୍ର । ଏହା କେବଳ ଲୋକଙ୍କ ଶିକ୍ଷଣିୟତା ତଥା ବିଚାର ଉପରେ ଏକ ସଚେତନତା ମୂଳକ ଉପସ୍ଥାପନା । ଏହା କୌଣସି ସାମ୍ପ୍ରଦାୟୀକ ବିଚାର ହେଉ କି ସରକାରୀ ଯୋଜନାର ସମାଲୋଚନା କିମ୍ବା ଉପଦେଶାତ୍ମକ ବ୍ୟାଖ୍ୟା ପାଇଁ ଉଦ୍ଦିଷ୍ଟ ନୁହେଁ । କୌଣସି ମତଭେଦ କିମ୍ବା ତ୍ରୁଟି ମାର୍ଜନା ଜନିତ ଆଲୋଚନା ସ୍ୱାଗତଯୋଗ୍ୟ ।

ଏଠାରେ ଗୋଟିଏ ବିଷୟ ମନକୁ ଆସେ ଯେ ପ୍ରଥମେ ୧୮୮୨ ମସିହାରେ ଜଣେ ଇଂରେଜ ଏବଂ ଆମ ଦେଶର ଜଣେ ସମାଜ ସଂସ୍କାରକଙ୍କ ମନରେ ଭାରତର ପଛୁଆ ବର୍ଗର ଲୋକଙ୍କ ପାଇଁ ନିଶ୍ଚିତ ଏବଂ ଦେୟମୁକ୍ତ ଶିକ୍ଷା ଓ ନିଯୁକ୍ତି ଉପରେ ଆରକ୍ଷଣ ବିଚାର ଆସିଲା । କାଳକ୍ରମେ ସେହି ବ୍ୟବସ୍ଥା ବିଭିନ୍ନ ପର୍ଯ୍ୟାୟରେ ପରିବର୍ତ୍ତିତ ହୋଇ ଆଜି ଆସି ଯେଉଁ ସ୍ତରରେ ପହଁଚିଛି ସମସ୍ତେ ଜାଣନ୍ତି । ଆମ ଦେଶର ଜୀବନ ଶୈଳୀର ମାନ ଏବଂ ସାମାଜିକ, ବୈଜ୍ଞାନିକ ପ୍ରଗତିର ସ୍ତର ଆଜି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ପୃଥିବୀର ବିକଶିତ ରାଷ୍ଟ୍ର ଗୁଡିକୁ ତୁଳନା କଲେ ହୁଏତ ଆମେ ସେମାନଙ୍କ ଠାରୁ ୫୦୦ ବର୍ଷ ପଛରେ ରହିଥିବା ଅନୁମାନ ହେଉଛି ! ପ୍ରାୟ ପାଞ୍ଚ ଦଶକ ପୂର୍ବରୁ ଆମ ଦେଶରେ ଆନ୍ତଃ ସାମ୍ପ୍ରଦାୟୀକ (ଧର୍ମ ) ମତଭେଦ ୧୦୦/୧୦୦ ପ୍ରତିଶତ ରହିଥିବା ବେଳେ ହିନ୍ଦୁ ସାମ୍ପ୍ରଦାୟୀକ ଆଭ୍ୟନ୍ତରୀଣ ଜାତିଗତ ବୈଷମ୍ୟତା ୮୦/୨୦ ପ୍ରତିଶତ ଏବଂ ତା ପୂର୍ବବର୍ତ୍ତୀ ସମୟରେ ତାହା ୯୯/୧ ପ୍ରତିଶତ ରହିଥିବା ଅନୁମାନ / ଅନୁଭବ ହେଉଛି । ବର୍ତ୍ତମାନ ଆମ ଦେଶରେ ସାମ୍ପ୍ରଦାୟୀକ ଆଭ୍ୟନ୍ତରୀଣ ଜାତିଗତ ବୈସମ୍ୟ ପ୍ରାୟତଃ ୧/୯୯ ପ୍ରତିଶତ ରହିଥିବ, କିନ୍ତୁ ଆର୍ଥିକ ବୈସମ୍ୟ ୯୦/୧୦ ପ୍ରତିଶତ ରହିଥିବା ଆମର ଅନୁମାନ, ହୁଏତ ସମସ୍ତେ ଅନୁଭବ କରୁଥିବେ ବୋଲି ମନେ ହେଉଛି । ପ୍ରାକ ସମୟରେ ବର୍ଣ୍ଣଗତ ଉଚ୍ଚ ନୀଚ ଭେଦଭାବ ପ୍ରଚଣ୍ଡ ମାତ୍ରାରେ ରହିଥିବା ସହିତ ଆର୍ଥିକ ଅସମାନତା ମଧ୍ୟ ପ୍ରାୟ ୯୯/୧ ରହିଥିବା ଅନୁମାନ ହେଉଛି । ରାଜା, ଜମିଦାର, ସାହୁକାରଙ୍କ ବ୍ୟତୀତ ଅନ୍ୟାନ୍ୟ ସବୁ ବର୍ଗ / ବର୍ଣ୍ଣର ଲୋକଙ୍କ ଆର୍ଥିକ ଅନାଟନ ପ୍ରାୟ ଏକା ସ୍ତରରେ ରହିଥିଲା । ପଛୁଆ ବର୍ଗ / ବର୍ଣ୍ଣର ଲୋକଙ୍କ ସାମାଜିକ ମାନ୍ୟତା ଅତ୍ୟନ୍ତ ଦୁର୍ବଳ ରହିଥିଲା କେବଳ ଜାତିଗତ କାରଣରୁ । ତେଣୁ ସେମାନଙ୍କୁ କୌଣସି ସାମାଜିକ କ୍ଷେତ୍ରରେ ଆଗକୁ ଯିବା ପାଇଁ ସୁଯୋଗ ଦିଆଯାଉ ନଥବା ପ୍ରକାଶ କରିଥିଲେ ମହାମାନ୍ୟ ସମାଜ ସଂସ୍କାରକ ଜ୍ୟୋତିରାଓ ଫୁଲେ । ସେ ସମୟରେ ମହାତ୍ମା ଗାନ୍ଧୀ ହୁଅନ୍ତୁ କିମ୍ବା ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ଠାରୁ ଆରମ୍ଭ କରି ଆହୁରି ଅନେକ ଜନମାନ୍ୟ ବ୍ୟକ୍ତିଗଣ ସେମାନଙ୍କ ସାମାଜିକ ସମାନତା ଅଧିକାର ପାଇଁ ସ୍ୱର ଉତ୍ତୋଳନ ପୂର୍ବକ ଆରକ୍ଷଣ ବ୍ୟବସ୍ଥା ଲାଗୁ କରିବାରେ ସଫଳ ହୋଇଥିଲେ । ତାହା ମଧ୍ୟ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଥିଲା ବୋଲି ଆମର ବିଚାର ।

ଉନବିଂଶ ଶତାବ୍ଦୀ ୧୮୮୨ର ଆରକ୍ଷଣର ପ୍ରାରମ୍ଭ ଠାରୁ ଆଜି ଏକବିଂଶ ଶତାବ୍ଦୀ ୨୦୨୬, ପ୍ରାୟ ଦେଢ଼ଶହ ବର୍ଷର ବ୍ୟବଧାନ ମଧ୍ୟରେ ଆମ ଦେଶର ସବୁ କ୍ଷେତ୍ରରେ ଯେଉଁ ବୈପ୍ଲବିକ ପରିବର୍ତ୍ତନ ହୋଇଛି ତାର ମାନଦଣ୍ଡ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଆମ ଦେଶର ଶାସନ ବ୍ୟବସ୍ଥାରେ ବିକଶିତ ରାଷ୍ଟ୍ର ଗୁଡିକ ଭଳି କୌଣସି ଆଖିଦୁରୁଶିଆ ପରିବର୍ତ୍ତନ / ଶୁଦ୍ଧାର / ସଂସ୍କାର ଆସିପାରିଲା ନାହିଁ ! କହିବାକୁ ଗଲେ ସମାଜର ସବୁ ଆଧାର ଗୁଡିକୁ ପଛରେ ପକାଇ ସର୍ବଜନଙ୍କ ବ୍ୟକ୍ତିଗତ ଆର୍ଥିକ ସ୍ୱାର୍ଥ ବିଚାର କେବଳ ଆମକୁ ଆଜି ପଶ୍ଚାତପଦ କରୁଥିବା ଅନୁଭବ ନାହିଁ କାହା ମନରେ । ସର୍ବସାଧାରଣ ୯୦ ପ୍ରତିଶତ ମଣିଷ ଆଜି କେବଳ ଦୈନନ୍ଦିନ ଜୀବନ ଜୀବିକା, ଆର୍ଥିକ ଅନାଟନ ଜନିତ ମାନସିକ ଅସ୍ଥିରତା ପାଇଁ ବ୍ୟକ୍ତିଗତ ସ୍ତରରେ ରହିଥିବା କଷ୍ଟଦାୟକ ଅନୁଭୂତି ପ୍ରତ୍ୟେକ ମଣିଷଙ୍କ ମନରେ ଆନ୍ଦୋଳିତ ହେଉଥିବା ବୁଝୁଥିବେ ସେମାନେ ନିଜ ସ୍ତରରେ । ୧୦ ପ୍ରତିଶତ ଲୋକଙ୍କ ଆର୍ଥିକ ଅତିପ୍ରବହ କାରଣରୁ ଔଦ୍ଧତ୍ୟର ସୀମା ନାହିଁ, ଏ କଥାରେ କୌଣସି ଦ୍ୱିମତ ନାହିଁ । ଅନେକ ସାମାଜିକ କାରଣ ବ୍ୟତୀତ କେବଳ ଆରକ୍ଷଣ ଉପରେ ବିଚାର କରି ଦେଖିଲେ ହୁଏତ ତାର ପ୍ରଭାବ ଜନିତ ପରିବର୍ତ୍ତନ ବ୍ୟାପକ ହୋଇଥିବା ଦେଖିବାକୁ ମିଳୁଛି । ଏମିତିକି ପୂର୍ବକାଳର ତଥାକଥିତ ସବର୍ଣ୍ଣ ବ୍ରାହ୍ମଣ ଯିଏ ସାମାନ୍ୟ ନୀଚ ଜାତିର ଛାଇ ପଡିଲେ ଗାଧୋଉଥିଲା ଆଜି ସିଏ ହରିଜନ, ଆଦିବାସୀ ସମ୍ପ୍ରଦାୟ ହାତରୁ ରାନ୍ଧି ପରସିଲେ ଖାଉଛି ହୋଟେଲରେ ! ଏହା କୌଣସି ଅଲୌକିକ, ଅବାସ୍ତବ ମନ୍ତବ୍ୟ ନୁହେଁ ବରଂ ୧୦୦ ପ୍ରତିଶତ ପ୍ରୟୋଗାକ ଆଖିଦେଖା ତତ୍ତ୍ୱ ଯାହା ସମସ୍ତେ ଜାଣନ୍ତି । ଅର୍ଥାତ ସମାଜରୁ ଜାତିଗତ ବିଦ୍ୱେଷଭାବ, ବୈଷମ୍ୟତା ୧ ପ୍ରତିଶତ କୋଉଠେ ରହିଥାଇ ପାରେ କିନ୍ତୁ ୯୯ ପ୍ରତିଶତ ଦୂର ହୋଇଥିବା ସ୍ୱୀକାର୍ଯ୍ୟ । ଯେଉଁ ଉଦ୍ଦେଶ୍ୟରେ ଜାତିଗତ ବୈଷମ୍ୟତା ଦୂର କରିବା ଲକ୍ଷ ରଖି ଆରକ୍ଷଣ ବ୍ୟବସ୍ଥା କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଫଳପ୍ରଦ ହୋଇଥିବା ଦେଖିବାକୁ ମିଳୁଛି ସର୍ବତ୍ର । ଦ୍ୱିତୀୟତଃ ଆରକ୍ଷିତ ନିଯୁକ୍ତି ଏବଂ ରୋଜଗାର ସୁଯୋଗ ଜନିତ ଅନ୍ୟୁନ ୬୦-୮୦ ପ୍ରତିଶତରୁ ଅଧିକ ପଛୁଆ ବର୍ଗ ଜାତିର ମଣିଷ ସମୂହ ପ୍ରଚଣ୍ଡ ଆର୍ଥିକ ଅନାଟନ ଠାରୁ ଦୁରେଇ ରହୁଥିବା ଦେଖିବାକୁ ମିଳୁଛି । ତେଣୁ ସମାଜରେ ଜାତିଗତ ବୈଷମ୍ୟବାଦ ପ୍ରାୟ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ତଥାପି ଆମେ ଜାତିଗତ ଆରକ୍ଷଣ ଦିନକୁ ଦିନ ବୃଦ୍ଧି କରି ଚାଲିଥିବା କରଣର ସମୀକ୍ଷା ସର୍ବସାଧାରଣ ନିଜ ନିଜ ସ୍ତରରେ କରନ୍ତୁ । କିନ୍ତୁ ସର୍ବଜନଙ୍କ ଆର୍ଥିକ ଦୁରାବସ୍ଥା ଜନିତ ଆରକ୍ଷଣ ଉପରେ ଆଲୋଚନା କେଲେ ଜାଣିହେବ ଯେ ବର୍ତ୍ତମାନ ସମୟରେ ଆମ ଦେଶରେ ଆରକ୍ଷଣ କେଉଁ ଆଧାରରେ ଆବଶ୍ୟକତା କରୁଛି ଏବଂ ତା ପାଇଁ କଣ ପଦକ୍ଷେପ ନିଆଯାଇଅଛି ବା ନିଆଯିବା କଥା ତାରି ଉପରେ ବିଚାର କରିବା ।

କି ଆବର୍ଣ୍ଣ କି ସବର୍ଣ୍ଣ , ଆର୍ଥିକ ଦୁରାବସ୍ଥାରେ ନିଷ୍ପେସିତ ଆଜି ବ୍ୟାପକ ସଂଖ୍ୟକ ମଣିଷଙ୍କ ମାନସିକ ଅସ୍ଥିରତା ଏବଂ ତଦ୍ଜନିତ ସାମାଜିକ, ଶାରୀରିକ କ୍ଳେଶର ସୀମା ନାହିଁ ! ସମାଜର ଅନ୍ୟୁନ ୧୦ ପ୍ରତିଶତ ମଣିଷ ସମ୍ପୂର୍ଣ୍ଣ ଆର୍ଥିକ ସ୍ୱଚ୍ଛଳତା ମଧ୍ୟରେ ରହି ଉନ୍ମାଦନାରେ ଉଚ୍ଛୁଳୁଛନ୍ତି ଯେଉଁଠି ଆଉ ୨୦ ପ୍ରତିଶତ ସାମାନ୍ୟ ସାଧାରଣ ସ୍ତରରେ ରହିଛନ୍ତି । ଅନ୍ୟ ପ୍ରାୟ ୭୦ ପ୍ରତିଶତ ଲୋକଙ୍କ ଦୈନନ୍ଦିନ ଜୀବିକା ବନ୍ଦ ହେଲେ ଆଧାର ବନ୍ଦ ହେବା ପରିସ୍ଥିତିରେ ଚାଲିଛି ଆମ ସମାଜ ! ଜନ ଗଣନା, ଭୋଟର ଗଣନାକୁ ପଛରେ ରଖି ଏହାର ଏକ ନିଖୁଣ ଗଣନା କରାଯିବା ଅତ୍ୟନ୍ତ ଆବଶ୍ୟକ ଯାହା ପ୍ରତି କାହାର ନିଘା ନାହିଁ । କାରଣ ଉଚ୍ଚ ସ୍ତରରେ ରହି ଶାସନ ପ୍ରଶାସନ କ୍ଷେତ୍ରରେ କାର୍ଯ୍ୟରତ ମଣିଷଙ୍କ ଏହା ଆବଶ୍ୟକ ନାହିଁ । ବରଂ ଏହା କରିବା ଦ୍ୱାରା ସେମାନଙ୍କୁ ତାର ଉତ୍ତରଦାୟୀ ହେବାକୁ ପଡିବ ଏବଂ ପ୍ରତିକାର କରିବାକୁ ହେବ ବୋଲି ବିଚାରି ଏହି ଅତ୍ୟାବଶ୍ୟକ ବିଧିକୁ ସମ୍ପୂର୍ଣ୍ଣ ଉହ୍ୟ / ଅଣଦେଖା କରଯାଉଥିବା ଅନୁମାନ ହେଉଛି । ବିଭିନ୍ନ ସ୍ତରରେ ଅମାନବୀୟ, ଅନାବଶ୍ୟକ ପ୍ରଚାର ପ୍ରସାର କରି ଲୋକଙ୍କୁ ଅନ୍ଧକାର ମଧ୍ୟରେ ରଖି ଅଲୌକିକ ଆଶାରେ ନିମଜ୍ଜିତ କରି ଚାଲିଛି ଆମ ବ୍ୟବସ୍ଥା । କାହା କଥା କାହାକୁ ଜଣାପଡୁ ନାହିଁ କିମ୍ବା କେହି ଅନ୍ୟର ଅସୁବିଧାରେ ତତ୍ପରତା ଅନୁଭବ କରୁନାହାନ୍ତି । ସମସ୍ତେ ଏକ ରକମ ଏକକ ବିଚାରଧାରାରେ ରହି କେବଳ ନିଜସ୍ୱ ସ୍ୱାର୍ଥରେ ନିମଗ୍ନ ରହୁଥିବା ସମସ୍ତେ ବୁଝୁଛନ୍ତି । ତଥାପି ଏକ ଭାଇଚାରା ପୂର୍ଣ୍ଣ ପରିବେଶ ସୃଷ୍ଟି କରି ଜଣେ ଅନ୍ୟକୁ ସହଯୋଗର ହାତ ବଢ଼ାଇ ବଂଚିବା ପ୍ରୟାସ ପରିବର୍ତ୍ତେ ବୈମାତୃକ ମନୋଭାବ, ହିଂସାର ପରିବେଶରେ ରହୁଛନ୍ତି । ଏସବୁ ହେଉଛି କାହିଁକି, କରୁଛି କିଏ ଏବଂ ତାର ଉଦ୍ଦେଶ୍ୟ କଣ ସମସ୍ତେ ନିଜସ୍ୱ ଜ୍ଞାନ ପରିସର ମଧ୍ୟରେ ବୁଝିବାକୁ ଚେଷ୍ଟା କରନ୍ତୁ ।

ବର୍ତ୍ତମାନର ପରିସ୍ଥିତି ଅନୁଧ୍ୟାନ କଲେ ବୁଝି ହେଉଛି ଯେ ଜାତିଗତ ବୈଷମ୍ୟତା ଅପେକ୍ଷା ଆର୍ଥିକ ବୈଷମ୍ୟତା ସମାଜକୁ ଅତ୍ୟନ୍ତ ପଛକୁ ଟାଣିନେଇ ଚାଲିଛି ! ମାନବ ସମ୍ବଳର ଦୁର୍ବଳତା କାରଣରୁ ରାଷ୍ଟ୍ରୀୟ ଦୁର୍ବଳତା ଏବଂ ସାଧାରଣ ଲୋକଙ୍କ ଜୀବନ ଶୈଳୀ ଅତ୍ୟନ୍ତ ଦୁଃଖଦାୟକ ପରିସ୍ଥିତି ମଧ୍ୟରେ ଗତି କରୁଛି । ତେଣୁ ସମସ୍ତ ଜାତି, ଧର୍ମ, ବର୍ଣ୍ଣର ମଣିଷଙ୍କୁ ଅନ୍ତର୍ଭୁକ୍ତ କରି କେବଳ ସାମାଜିକ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଆରକ୍ଷଣ ଦିଆଯିବା ଅତ୍ୟନ୍ତ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି ଆମ ଦେଶରେ ! ତାପାଇଁ ମଧ୍ୟ କିଛି ନିୟମ ଆଗତ ହୋଇଥିବା ଆମେ ଜାଣୁ । କିନ୍ତୁ ସେହି ନିୟମ ଯଥେଷ୍ଟ ହେଉନଥିବା କାରଣରୁ ଆର୍ଥିକ ପଛୁଆ ବର୍ଗ ଆଜି କୌଣସି ସୁବିଧା ସୁଯୋଗ ପାଇବାରୁ ବଂଚିତ ରହୁଛନ୍ତି । ପୁନର୍ବାର ଜାତିଗତ ଆରକ୍ଷଣକୁ ଯେଉଁ ଢଙ୍ଗରେ ପରିଚାଳିତ କରଯାଉ ଅଛି ତାହାଦ୍ୱାରା ବ୍ୟାପକ ସାମାଜିକ କ୍ଷତି ହେଉଥିବା ଆକଳନ କେହି କରନ୍ତି ନାହିଁ । କାରଣ ଆରକ୍ଷଣର ଅର୍ଥ ଏହା ହେବା କଥା ନୁହେଁ କି ସେତିକି ସ୍ଥାନ ଯେକୌଣସି ମତେ ପୁରଣ ହେବ । ଅର୍ଥାତ ଜଣେ ଅପାରଗ ମଣିଷ ସେହି ଆରକ୍ଷଣ ଅନ୍ତର୍ଭୁକ୍ତ ହେଉନଥିଲେ ମଧ୍ୟ ତାକୁ ନିଶ୍ଚିତ ନିଯୁକ୍ତି କରାଯିବ । ତଦ୍ୱାରା ସାମାଜିକ ପରିଚାଳନାରେ ବ୍ୟାପକ ଅଭାବନିୟତା ଦେଖା ଦେବ ଦେଉଛି ମଧ୍ୟ, ସେଇଥିରେ କୌଣସି ଦ୍ୱିମତ ନାହିଁ । ତଦ୍ୱାରା ସମାଜରେ ସବୁ ବର୍ଗର ମଣିଷଙ୍କୁ ତାହା ପ୍ରତିଘାତ କରିବା ସହିତ ରାଷ୍ଟ୍ରୀୟ ବିକାଶରେ ମଧ୍ୟ ବାଧା ସୃଷ୍ଟି ହେଉଥିବା ଭୁକ୍ତଭୋଗୀ ପ୍ରାୟ ସମସ୍ତେ । ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗର ଜାତି ପାଇଁ ନିଶ୍ଚିତ ଶିକ୍ଷା ବ୍ୟବସ୍ଥା କରି ସେମାନଙ୍କୁ ମଧ୍ୟ ଉଚିତ ପାରଙ୍ଗମ କରି ନିଯୁକ୍ତିରେ ଆରକ୍ଷଣ ଦେବା ହେଲେ ବ୍ୟବସ୍ଥା ସଠିକ ଢଙ୍ଗରେ ଚାଲିବ । କିନ୍ତୁ ଶିକ୍ଷାଠାରୁ ନିଯୁକ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଶ୍ଚିତ ଆରକ୍ଷଣ ଦେଇ କୌଣସି ପାରଦର୍ଶିତା ନଥିଲେ ମଧ୍ୟ ଜଣେ ମଣିଷକୁ ଆରକ୍ଷଣ ବ୍ୟବସ୍ଥିତ କରି ସାମାଜିକ କ୍ଷେତ୍ରରେ ନିୟୋଜିତ କରିବା ହୁଏତ ସେମାନଙ୍କ ପାଇଁ ମଧ୍ୟ ଏକ ପ୍ରତାରଣାର ପଥ ପରିଷ୍କାର କରୁଛି ବୋଲି ସେମାନେ ମଧ୍ୟ ବୁଝି ପାରୁନାହାନ୍ତି !

ତେଣୁ ବର୍ତ୍ତମାନ ମଧ୍ୟ ସମୟ ଅଛି ଏହାର ଉପଯୁକ୍ତ ସମୀକ୍ଷା କରି ଆରକ୍ଷଣ ବ୍ୟବସ୍ଥାକୁ ଜାତିଗତ ସ୍ତରରେ ସୀମିତ ନରଖି ବରଂ ସବୁ ବର୍ଗର ଆର୍ଥିକ ଅନଗ୍ରସର ଗୋଷ୍ଠୀଙ୍କ ପ୍ରତି ଲାଗୁ କରିବା ଦିଗରେ ସୁଧାର ଆଣିବା ପାଇଁ । ଅନ୍ୟଥା ଏମିତି ଆଉ କିଛି ବର୍ଷ ଚାଲିଲେ ହୁଏତ ଆମେ ଅନ୍ୟାନ୍ୟ ପ୍ରଗତିଶୀଳ ରାଷ୍ଟ୍ର ଗୁଡିକ ତୁଳନାକ ଅତ୍ୟନ୍ତ ପଛରେ ଚାଲିବା ସେଇଥିରେ କୌଣସି ସନ୍ଦେହ ନାହିଁ । ଏବିଷୟରେ ଯେ କେବଳ ଶାସନ ପ୍ରଶାସନରେ ରହିଥିବା ଲୋକଙ୍କ ବିଚାର ଶେଷ ପର୍ଯ୍ୟାୟ ବୋଲି ବିଚାର ନକରି ସର୍ବସାଧାରଣ ଶିକ୍ଷାବିତ / ଜ୍ଞାନୀ, ଗୁଣି ମଣିଷ ସମୂହ ମଧ୍ୟ ଏହା ଉପରେ ପୁଙ୍ଖାନୁପୁଙ୍ଖ ବିଚାର ମତ ପୋଷଣ କରିବା ଆବଶ୍ୟକ । ସାମାଜିକ ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ଏହାର ସମାଧାନ କରି ଉପଯୁକ୍ତ ବିଚାର କରି ନିୟମ ଆଗତ ହେଲେ ହୁଏତ କିଛି ସାମାଜିକ ସୁଧାର ଆସିବ ବୋଲି ଆମର ଅନୁମାନ । ଏହା କିନ୍ତୁ ଆମ ଦେଶର ଅଜ୍ଞାନ ଶିକ୍ଷିତଙ୍କ ବିଚାର ପରିସୀମା ଅନ୍ତର୍ଭୁକ୍ତ ହେବ, ସନ୍ଦେହ !

**ପଙ୍କଜ କୁମାର ପାଣିଗ୍ରାହୀ**
**ୟୁଟ୍ୟୁବ - ସାମାଜିକ ଜନମଞ୍ଚ (ଭାରତ)**
**ଛତ୍ରପୁର, ଗଞ୍ଜାମ- ୭୬୧୦୨୦**

## କାଲିମେଲା ଛାତ୍ରୀନିବାସରେ ଅବ୍ୟବସ୍ଥା

# ବ୍ଲକ ଅଫିସ ପହଞ୍ଚିଲେ ଅନ୍ତେବାସୀ

### ତଦନ୍ତ ପାଇଁ ବିଡିଓଙ୍କ ନିର୍ଦ୍ଦେଶ

କାଲିମେଲା, ୨୪।୮ (ଆନିସ): ମାଲକାନଗିରି ଜିଲ୍ଲା କାଲିମେଲା ସଦରରେ ଶିକ୍ଷାବିଭାଗ ଅଧିନରେ ଥିବା ଛାତ୍ରୀନିବାସରେ ଅବ୍ୟବସ୍ଥା ନେଇ ଅଭିଯୋଗ ସାମ୍ନାକୁ ଆସିଛି । ଛାତ୍ରୀନିବାସରେ ରହୁଥିବା ଅନ୍ତେବାସୀ ଛାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରି ସୋମବାର ଦିନ କାଲିମେଲା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓଙ୍କୁ ଅଭିଯୋଗ କରି ନ୍ୟାୟ ମାଗିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ, ଛାତ୍ରୀନିବାସରେ ସେମାନଙ୍କୁ ଠିକ୍? ଭାବରେ ଖାଇବା ଦିଆଯାଉ ନାହିଁ । ପ୍ରାୟତଃ ନିମ୍ନମାନର ଖାଦ୍ୟ ଦିଆଯାଉଛି ଏବଂ ଅନେକ ସମୟରେ ଖାଇବା ମିଳୁନି । ଏ ନେଇ ବାରମ୍ବାର ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ କହିଲେ ମଧ୍ୟ କୌଣସି ସୁଧାର ଆସୁନାହିଁ । ବିଦ୍ୟାଳୟର ଜଣେ ଶିକ୍ଷକ ଶ୍ରୀ ସାହୁ ଛାତ୍ରୀମାନଙ୍କୁ ମାଡ଼ ମାରୁଛନ୍ତି ବୋଲି ଛାତ୍ରୀମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଛାତ୍ରୀମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଆଗାମୀ ଗଣେଶ ପୂଜା ପାଇଁ ସ୍କୁଲରେ ପ୍ରତ୍ୟେକ ଛାତ୍ରୀଙ୍କଠାରୁ ୧୦୦ ଟଙ୍କା ଲେଖାଏଁ ଚାନ୍ଦା ମଗାଯାଉଥିବା ବେଳେ ଆମେ ସମସ୍ତେ ଗରିବ ପରିବାରର ପିଲା, ଆମ ପାଇଁ ୧୦୦ ଟଙ୍କା ଦେବା ସମ୍ଭବ ନୁହେଁ ବୋଲି ଛାତ୍ରୀମାନେ କୋହଭରା କଣ୍ଠରେ କହିଛନ୍ତି । ଛାତ୍ରୀମାନଙ୍କ ଅଭିଯୋଗ ପାଇବା ପରେ କାଲିମେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି । ସେ ଏ ନେଇ ସୂଚନା ଦେଇ କହିଛନ୍ତି ଯେ, ହଷ୍ଟେଲର ସାମଗ୍ରିକ ସ୍ଥିତି ଓ ଖାଦ୍ୟର ମାନ ଯାଞ୍ଚ ପାଇଁ ୩ ଜଣିଆ ଅଧିକାରୀଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯିବ । କମିଟି ହଷ୍ଟେଲକୁ ଯାଇ ତଦନ୍ତ କରି ରିପୋର୍ଟ ଦେବ । ସେହିପରି ଶିକ୍ଷକ ମାଡ଼ ମାରିବା ଘଟଣା ଅତି ସମ୍ବେଦନଶୀଳ ହୋଇଥିବାରୁ ସେ ଏ ନେଇ ପୋଲିସକୁ ମଧ୍ୟ ସୂଚନା ଦେଇଛନ୍ତି ବୋଲି କହିଛନ୍ତି । ଏଥିସହ ସେ ନିଜେ ଆଗାମୀ ଦିନରେ ଛାତ୍ରୀନିବାସକୁ ଯାଇ ପରିସ୍ଥିତିର ସିଧାସଳଖ ଯାଞ୍ଚ କରିବେ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଛାତ୍ରୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି ।



## ମେକ୍କା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି

### ୨୭ ଅଭିଯୋଗ ଗ୍ରହଣ, ତୁରନ୍ତ ସମାଧାନର ପ୍ରତିଶ୍ରୁତି

ମାଥିଲି ୨୪.୮(ଆ ନି ସ ): ମାଥିଲି ବ୍ଲକ ମେକ୍କା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମେକ୍କା ଗ୍ରାମରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ସମସ୍ୟାକୁ ସେମାନଙ୍କ ନିକଟରେ ଯାଇ ଶୁଣିବା ଏବଂ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରିବା ଉଦ୍ଦେଶ୍ୟରେ ଏହି ଜନ ଶୁଣାଣି ଶିବିର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ମେକ୍କା ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ରଞ୍ଜିତା ପୂଜାରୀଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ରହି ନିଜ ନିଜ ସମସ୍ୟା ଓ ଅଭିଯୋଗ ପ୍ରଶାସନଙ୍କ ସମ୍ମୁଖରେ ରଖିଥିଲେ। ବିଭିନ୍ନ ସରକାରୀ ଯୋଜନା, ମୌଳିକ ସୁବିଧା, ଜମିଜମା, ଭତ୍ତା, ରାସ୍ତାଘାଟ ଓ ଅନ୍ୟାନ୍ୟ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଗ୍ରାମବାସୀମାନେ ଅଭିଯୋଗ ଦାଖଲ କରିଥିଲେ।

ଆଜିର ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଗ୍ରାମବାସୀଙ୍କ ପ୍ରତ୍ୟେକ ଅଭିଯୋଗକୁ ଅଧିକାରୀମାନେ ଗୁରୁତ୍ୱର ସହ ଶୁଣିବା ସହ ଆବଶ୍ୟକୀୟ ଯାଞ୍ଚ ଓ ବିଭାଗୀୟ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ।



ଜନଶୁଣାଣିରେ ମାଥିଲି ତହସିଲଦାର ଶ୍ରୀମତୀ ମାନସୀ ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶିବ ଶଙ୍କର ସାହୁ ଏବଂ ଶ୍ରୀ ସଞ୍ଜୟ କୁମାର ସାମଲଙ୍କ ସମେତ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଫଳରେ ଗ୍ରାମବାସୀମାନେ ନିଜ ନିଜ ବିଭାଗ ସମ୍ପର୍କିତ ସମସ୍ୟା ସିଧାସଳଖ ଭାବେ ସମ୍ପୃକ୍ତ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ସୁଯୋଗ ପାଇଥିଲେ।

ଅଭିଯୋଗଗୁଡ଼ିକୁ ଗ୍ରହଣ କରିବା ସହ ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ନେଇ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ କରିବା ପାଇଁ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଯେଉଁ ଅଭିଯୋଗଗୁଡ଼ିକ ପାଇଁ ବିଭାଗୀୟ ଯାଞ୍ଚ କିମ୍ବା ଅଧିକ ସମୟ ଆବଶ୍ୟକ, ସେଗୁଡ଼ିକୁ ମଧ୍ୟ ନିୟମ ଅନୁଯାୟୀ ଶୀଘ୍ର ନିଷ୍ପତ୍ତି ନେବା ନେଇ ଅଧିକାରୀମାନେ ଆଶ୍ୱାସନ ଦେଇଥିଲେ।

ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ସଫଳ ଓ ସୁଚାରୁ ଭାବେ ଆୟୋଜନ କରିବାରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ରଞ୍ଜିତା ପୂଜାରୀଙ୍କ ସହ ଗ୍ରାମବାସୀଙ୍କ ସହଯୋଗ ରହିଥିଲା। ଏଥିସହ ସମାଜସେବୀ ଶ୍ରୀ ସଦାଶିବ ପୂଜାରୀ ମଧ୍ୟ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଗ୍ରାମବାସୀମାନଙ୍କୁ ଜନ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବା ସହ ନିଜ ନିଜ ସମସ୍ୟା ପ୍ରଶାସନଙ୍କ ନିକଟରେ ଉପସ୍ଥାପନ କରିବାରେ ସେ ସହଯୋଗ କରିଥିଲେ।

ଲୋକଙ୍କ ସମସ୍ୟା ଶୁଣିବା ଓ ତାହାର ସମାଧାନ ପାଇଁ ପ୍ରଶାସନ ଗ୍ରାମସ୍ତରକୁ ପହଞ୍ଚିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ଜନ ଶୁଣାଣି ମାଧ୍ୟମରେ ଗ୍ରାମାଞ୍ଚଳର ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଶୀଘ୍ର ସମାଧାନ କରାଯିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

## ଚିତ୍ରକୋଣ୍ଡାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

# ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



ଚିତ୍ରକୋଣ୍ଡା/ମାଲକାନଗିରି, ୨୪।୮(ଆନିସ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ସେବାକୁ ଅଧିକ ଜନକଲ୍ୟାଣକାରୀ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଚିତ୍ରକୋଣ୍ଡା ବ୍ଲକର ଟନେଲକ୍ୟାମ୍ପ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦଶରଥୀ ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ଓ ବିଭିନ୍ନ ଆପତ୍ତି ଅଭିଯୋଗକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ।

ଏହି ଶିବିରରେ ସ୍ଥାନୀୟ ଅଞ୍ଚଳରୁ ସମୁଦାୟ ୬୨ଟି ଅଭିଯୋଗ ପତ୍ର ପଞ୍ଜିକୃତ କରାଯାଇଥିଲା। ଏଥିମଧ୍ୟରେ ୧ଟି ବ୍ୟକ୍ତିଗତ ଗୁହାରି ଏବଂ ୪୬ଟି ସାମୁଦାୟିକ ସମସ୍ୟା ଭିତ୍ତିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ପ୍ରତ୍ୟେକଟି ସମସ୍ୟାର ଗଭୀର ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ପାଇଁ ପ୍ରଶାସନ ତରଫରୁ ପଠାଯାଇଛି।

ଶିବିର ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ, ପ୍ରଶାସନର ମୂଳ ଲକ୍ଷ୍ୟ ହେଉଛି ପ୍ରତିଟି ଯୋଗ୍ୟ ନାଗରିକଙ୍କ ପାଖରେ ସରକାରୀ ଯୋଜନାର ଲାଭ ପହଞ୍ଚାଇବା। ଆଜି ଶିବିରରେ ମିଳିଥିବା ସମସ୍ତ ୬୨ଟି ଯାକ ଅଭିଯୋଗକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ସମୀକ୍ଷା କରାଯିବ। ବିଶେଷ କରି ସାମୁଦାୟିକ ଗୋଷ୍ଠୀଗତ ସମାଧାନକୁ ପ୍ରାଥମିକତା ଦେଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

ଅଭିଯୋଗ ଶୁଣାଣି ବ୍ୟତୀତ ଉପସ୍ଥିତ ଅତିଥିମାନେ ପଞ୍ଚାୟତ ପରିସରରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ ମୋବାଇଲ୍? ଚକ୍ଷୁ ପରୀକ୍ଷା ଶିବିର ଏବଂ ଯୁବକଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ଉଦ୍ଦିଷ୍ଟ ପ୍ରଗତି ପଥେ ଯୁବା ମାଲକାନଗିରି କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଶିବିରରେ ଚିହ୍ନଟ ହୋଇଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଆନୁଷ୍ଠାନିକ ଭାବେ ଶିକ୍ଷାଗତ ସହାୟତା ଏବଂ ମାତୃତ୍ୱ କଲ୍ୟାଣ ଯୋଜନାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ସଫଳ ଆୟୋଜନରେ ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଓ ଜନପ୍ରତିନିଧିମାନେ ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ଧାରରେ ରାମନାଗୁଡା ବଜାର

### ଦୀର୍ଘଦିନ ଧରି ଷ୍ଟ୍ରିଟଲାଇଟ ଅଚଳ



ରାମନାଗୁଡା, ୨୪।୮(ଆନିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ମୁଖ୍ୟ ବଜାର ରାତି ହେଲେ ଅନ୍ଧାରର ରାଜୁତି। ଦୀର୍ଘଦିନ ଧରି ଷ୍ଟ୍ରିଟଲାଇଟ ଅଚଳ ହୋଇଥିବାରୁ ରାତିରେ ଲୋକ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଦୀର୍ଘ ଦିନ ଧରି ବହୁଦିନ ଲୋକଙ୍କ ଦାବି ପରେ ବଜାରର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟଲାଇଟ ଲାଗିଥିଲା। ଦୀର୍ଘଦିନ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରେ ଏବେ ଅଚଳ ହୋଇପଡିରହିଛି।ଫଳରେ ଛାତ୍ରଛାତ୍ରୀ ରାତି ହେଲେ ଟ୍ୟୁସନ ଆଦିରୁ ଫେରୁଥିବା ବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ଦେଇ ବ୍ୟବସାୟୀ , ଛାତ୍ରଛାତ୍ରୀ,ମହିଳା, ବୃଦ୍ଧା ଲୋକ ଓ ପଥଚାରୀ ମାନେ ବିଭିନ୍ନ ସମସ୍ୟା ସମୁଖୀନ ହେଉଛନ୍ତି।ରାମନାଗୁଡା ମୁଖ୍ୟ ବଜାର ଏକ ବାଣିଜ୍ୟକ ପେଣ୍ଠସ୍ଥଳୀ ହେବା ସହ ଜନଗହଳି ସ୍ଥାନ ହୋଇଥିଲା ବେଳେ ଆଲୋକୀକରଣ ବ୍ୟବସ୍ଥା ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ତେବେ ପ୍ରଶାସନିକ ଉଦାସୀନତାରୁ ଦାୟିତ୍ୱରେ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଷ୍ଟ୍ରିଲାଇଟ ଅଚଳ ହୋଇପଡ଼ିରହିବା ଖୁବଶୀଘ୍ର ଏହାର ମରାମତି କରାଯିବାକୁ ସାଧାରଣରେ ଦାବି ହୋଇଛି।

## ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ

# ଜୁଆ ଆଡ୍ଡା ଉପରେ ଚଢ଼ାଉ



ପାରଳାଖେମୁଣ୍ଡ,୨୪।୮(ଆନିସ): ବେଆଇନ ଜୁଆ କାରବାର ବିରୋଧରେ ଚାଲିଥିବା ଅଭିଯାନ କ୍ରମେ ପାରଳାଖେମୁଣ୍ଡି ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି *ନୀଳା ପାଲେଇ (୨୭), ଲୋକେଶ୍ୱର ବରଡା (୨୪), ସନ୍ତୋଷ ସାହୁ (୨୬), ଦିଲ୍ଲୀ ପାସପୁରେଡ୍ଡୀ (୪୭), ଜୟରାମ ସ୍ୱାଇଁ (୩୦) ଏବଂ ହରେକୃଷ୍ଣ ବାରିକ (୪୧) ଙ୍କ ସମେତ ମୋଟ ୬ ଜଣଙ୍କୁ ଧରିଛି।ଏହି ଚଢ଼ାଉ ସମୟରେ ସେମାନଙ୍କ ନିକଟରୁ ନଗଦ ଟଙ୍କା ୧୬,୦୦୦/-, ୩ଟି ମୋଟରସାଇକେଲ/ସ୍କୁଟି ଏବଂ ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ସମ୍ପର୍କରେ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।ପାରଳାଖେମୁଣ୍ଡି ସହରରେ ଜୁଆ ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ବିରୋଧରେ ଗଜପତି ପୋଲିସର ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

## ପିଏମ୍ ଶ୍ରୀ କେନ୍ଦ୍ରୀୟ ପ୍ରଭାରୀଙ୍କ ଦୁଇ ଦିନିଆ ମାଲକାନଗିରି ଗସ୍ତ

ମାଲକାନଗିରି,୨୪।୮(ଆନିସ): ପିଏମ୍ ଶ୍ରୀ ସ୍କୁଲ ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ତଥା ଭାରତ ସରକାରଙ୍କ ଯୁଗ୍ମ ସଚିବ ରାଜୀବ ଶର୍ମା, ଭାରତୀୟ ପ୍ରଶାସନିକ ସେବା, ଦୁଇ ଦିନିଆ ଗସ୍ତରେ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଛନ୍ତି।

ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ପ୍ରଭାରୀ ପ୍ରଥମେ ମାଲକାନଗିରି ବ୍ଲକ ସ୍ଥିତ ସିନ୍ଧ୍ରୀମାଲ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,ବାଲିମେଳା ପରିଦର୍ଶନ କରିଥିଲେ।

ପରିଦର୍ଶନ ବେଳେ ସେ ବିଦ୍ୟାଳୟର ସକ୍ଷମ କେନ୍ଦ୍ର, ଭାଷା କେନ୍ଦ୍ର, ଇ-ପାଠାଗାର, ବିଜ୍ଞାନାଗାର, ଖେଳ ପଡିଆ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ହେଉଥିବା ପାଠପଢା କାର୍ଯ୍ୟକ୍ରମ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ।

ଗସ୍ତ କାର୍ଯ୍ୟକ୍ରମ ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜନ ହୋଇଥିଲା। ବୈଠକରେ ଭାରତ ସରକାର ଙ୍କ ଯୁଗ୍ମ ସଚିବ ସମସ୍ତ ପିଏମ୍ ଶ୍ରୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମାନଙ୍କ ସହିତ ଆଲୋଚନା କରିଥିଲେ। ବୈଠକ ରେ ଜିଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଅତିରିକ୍ତ ଜିଲ୍ଲା ପାଳ ରାଜସ୍ୱ ଶ୍ରୀ ବେଦବର ପ୍ରଧାନ, ମୂଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦାଶରଥି ସରାବୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଶ୍ରୀ ଭାଗିରଥୀ ବେହେରା, ସମସ୍ତ ବ୍ଲକ୍ ର ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ ଓ ସମସ୍ତ ପି ଏମ ଶ୍ରୀ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ ମାନେ ଉପସ୍ଥିତରହିଥିଲେ। ଏହି ଗସ୍ତରେ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ ଏବଂ ଶିକ୍ଷା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ବୋରିଗୁମ୍ମାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଜୟପୁର,୨୪।୮(ଆନିସ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି କୋରାପୁଟ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ଅଭିଯୋଗ ଶୁଣାଣିରେ ଜନସାଧାରଣଙ୍କ ପକ୍ଷରୁ ମୋଟ ୪୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୦ଟି ଗୋଷ୍ଠୀଗତ ଓ ୨୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ବିଭିନ୍ନ ସମସ୍ୟା ନେଇ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ।ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟାକୁ ଗୁରୁତ୍ୱର ସହ ଶୁଣିବା ସହ ଅଭିଯୋଗଗୁଡ଼ିକର ତ୍ୱରିତ ଓ ନିୟମାନୁଯାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ୩ଟି ଅଭିଯୋଗର ତତ୍କାଳ ସ୍ଥଳୀୟ ସମାଧାନ କରାଯାଇଥିଲା।ଅବଶିଷ୍ଟ ଅଭିଯୋଗଗୁଡ଼ିକର ତ୍ୱରିତ ନିଷ୍ପତ୍ତି ସହ ଅଭିଯୋଗକାରୀମାନଙ୍କୁ ନିୟମାନୁଯାୟୀ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବେଣୁଧର ସବର, ଜିଲ୍ଲା ବନ ଅଧିକାରୀ ରାଜେଶ ପଟେଲ, ବୋରିଗୁମ୍ମା ବ୍ଲକ ଉନ୍ନୟନ ଅଧିକାରୀ ସୁକାନ୍ତ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାନ୍ଦୁଲ ନଦୀ ପୋଲର ଅବସ୍ଥା ଶୋଚନୀୟ, ଭୟଭୀତ ଅବସ୍ଥାରେ ଯାତ୍ରୀ

ନର୍ଲା,୨୪।୮(ଆନିସ): ନର୍ଲାରୁ ଭବାନୀପାଟଣାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ସାନ୍ଦୁଲ ନଦୀ ପୋଲର ଅବସ୍ଥା ଦିନକୁ ଦିନ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ୁଛି। ପୋଲର ଏଭଳି ଜରାଜୀର୍ଣ୍ଣ ଅବସ୍ଥା ଯୋଗୁଁ ପ୍ରତିଦିନ ହଜାର ହଜାର ଯାତ୍ରୀ ଓ ଯାନବାହନ ଚଳାଚଳରେ ଅସୁବିଧା ଭୋଗୁଛନ୍ତି ଏବଂ ଦୁର୍ଘଟଣାର ଆଶଙ୍କା ଲାଗି ରହିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏହି ରାସ୍ତା ଦେଇ ସ୍ଥାନୀୟ ଜନପ୍ରତିନିଧି, ସରକାରୀ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀମାନେ ନିୟମିତ ଯାତାୟାତ କରୁଥିଲେ ମଧ୍ୟ ପୋଲର ମରାମତି କିମ୍ବା ସ୍ଥାୟୀ ସମାଧାନ ପାଇଁ କୌଣସି ଦୃଶ୍ୟମାନ ପଦକ୍ଷେପ ନେଉ ନାହାନ୍ତି।

ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ, ସ୍ଥାନୀୟ ନେତା ତୁରନ୍ତ ଦୃଷ୍ଟି ଦେଇ ସାନ୍ଦୁଲ ନଦୀ ପୋଲର ମରାମତି କିମ୍ବା ପୁନଃ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନର୍ଲା ବାସିନ୍ଦା ଦୃଢ଼ ଦାବି କରୁଛନ୍ତି।

## ଜିଲ୍ଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

# ଏମଏମଡିଆର ବିଲ୍‌କୁ ବିରୋଧ, ପ୍ରତ୍ୟାହାର ଦାବି




ଜୟପୁର,୨୪।୮(ଆନିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବାବା ସାହେବ ଆମ୍ବେଦକର କଲ୍ୟାଣ ମଣ୍ଡପଠାରେ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାରେ ଦଳର ସାଙ୍ଗଠନିକ ସ୍ଥିତି, ଲୋକଙ୍କ ବିଭିନ୍ନ ସମସ୍ୟା ଓ କେନ୍ଦ୍ର ସରକାରଙ୍କ ଖଣି ନୀତି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।ବୈଠକରେ କଂଗ୍ରେସ ବିଧାୟକ ଦଳର ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ ଓ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ବୈଠକରେ ବିଶେଷ କରି ଏମଏମଡିଆର ବିଲ୍‌କୁ କଂଗ୍ରେସ ପକ୍ଷରୁ ଘୋର ବିରୋଧ କରାଯାଇଥିଲା। ଏହି ବିଲ୍‌କୁ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖାଯାଇଥିଲା। କୋରାପୁଟ ଜିଲ୍ଲାରେ ଥିବା ବିଭିନ୍ନ ଖଣି ଓ ଖଣିଜ ସମ୍ପଦକୁ ନେଇ ମଧ୍ୟ ନେତାମାନେ ନିଜ ମତ ରଖିଥିଲେ। କଂଗ୍ରେସ ନେତାମାନଙ୍କ ଅଭିଯୋଗ ଅନୁସାରେ, କୋରାପୁଟ ଭଳି ଆଦିବାସୀ ବହୁଳ ଜିଲ୍ଲାର ଜମି, ଜଙ୍ଗଲ ଓ ଖଣିଜ ସମ୍ପଦ ସହ ଏଠାକାର ଲୋକଙ୍କ ଜୀବନ ଓ ଜୀବିକା ଜଡ଼ିତ। ତେଣୁ ଖଣି ସମ୍ପର୍କିତ କୌଣସି ନୀତି ପ୍ରଣୟନ ସମୟରେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଓ ଅଧିକାରକୁ ପ୍ରାଥମିକତା ଦେବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଖଣି ନୀତି ଏହି ସ୍ୱାର୍ଥକୁ ଅଣଦେଖା କରୁଥିବା ଅଭିଯୋଗ କରି କଂଗ୍ରେସ ନେତାମାନେ ଏହାକୁ ବିରୋଧ କରିଥିଲେ। ବୈଠକରେ କୋରାପୁଟ ଜିଲ୍ଲାର ପ୍ରାକୃତିକ ସମ୍ପଦକୁ ସୁରକ୍ଷା ଦେବା ସହ ଖଣି ଖାଦାନ ଯୋଗୁଁ ଯେପରି ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ କ୍ଷତିଗ୍ରସ୍ତ ନହୁଏ, ସେଥିପ୍ରତି ସରକାର ଗୁରୁତ୍ୱ ଦେବାକୁ ଦାବି କରାଯାଇଥିଲା। ଏଥିସହ କେନ୍ଦ୍ର ସରକାରଙ୍କ ଏଭଳି ନୀତି ବିରୋଧରେ ଦଳ ପକ୍ଷରୁ ଆଗାମୀ ଦିନରେ ଜନମତ ସୃଷ୍ଟି କରାଯିବ ବୋଲି ଆଲୋଚନା ହୋଇଥିଲା।

ଅନ୍ୟପକ୍ଷରେ, ଜିଲ୍ଲାରେ କଂଗ୍ରେସ ସଂଗଠନକୁ ଆହୁରି ମଜବୁତ କରିବା, ତୃଣମୂଳସ୍ତରରେ କର୍ମୀଙ୍କୁ ସକ୍ରିୟ କରିବା ଏବଂ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଦଳ ପକ୍ଷରୁ ସ୍ୱର ଉଠାଇବା ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ଏମଏମଡିଆର ବିଲ୍ ପ୍ରତ୍ୟାହାର ଓ କୋରାପୁଟର ଖଣିଜ ସମ୍ପଦ ଉପରେ ସ୍ଥାନୀୟ ଲୋକଙ୍କ ହିତକୁ ପ୍ରାଥମିକତା ଦେବା ଦାବିକୁ ନେଇ କଂଗ୍ରେସ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ବୈଠକରେ ଉପସ୍ଥିତ ନେତା ଓ କର୍ମୀମାନେ ଏହି ପ୍ରସଙ୍ଗରେ ଦଳୀୟ ଭାବେ ଏକଜୁଟ ହୋଇ ଆଗାମୀ ଦିନରେ ଲଢ଼େଇ ଜାରି ରଖିବାକୁ ମତ ଦେଇଥିଲେ।

## ଚିତ୍ରକୋଣ୍ଡାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ବ୍ଲକ ସଦର ମହକୁମା ମୁଖ୍ୟ ରାସ୍ତା କଡରେ କୁଢ଼କୁଢ଼ ଆବର୍ଜନା



ଚିତ୍ରକୋଣ୍ଡା, ୨୪।୮(ଆନିସ): ସ୍ୱଚ୍ଛ ଭାରତ ଶବ୍ଦଟି ଶୁଭିଲା ବେଳେକୁ ସମସ୍ତ ଭାରତୀୟଙ୍କ ମନରେ ନିଶ୍ଚୟ ଗର୍ବ ଅନୁଭବ ହେଉଛି । ଜଣେ ଭାରତୀୟ ନାଗରିକ ହିସାବରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଏଭଳି ଏକ ବିଚାରକୁ ସମ୍ମାନ ଦେବା ସହିତ ନିଜେ ନିଜ ଅଞ୍ଚଳକୁ ସଫା ସୁତୁରା ରଖିବାକୁ ସମସ୍ତେ ଚେଷ୍ଟା କରୁଛନ୍ତି ।ସେହିପରି ଭାବେ ସରକାରଙ୍କ ତରଫରୁ ଗ୍ରାମ୍ୟ ଜଳ ଓ ପରିମଳ ଦ୍ୱାରା ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସମସ୍ତ ଦେଶ ବାସୀଙ୍କୁ ସ୍ୱଚ୍ଛ ଭାରତ ଦିବସ ରୂପେ ପାଳନ କରିବାକୁ ଅନୁରୋଧ କରିବା ସହିତ ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମ ଗୁଡିକୁ ସ୍ୱଚ୍ଛ ରଖିବା ପାଇଁ ଜନ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସରକାର ବହୁ ଅର୍ଥ ବ୍ୟୟ କରୁଛନ୍ତି । କିନ୍ତୁ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ସ୍ୱଚ୍ଛ ଭାରତ ଯୋଜନାଟି ଖାଲି ସରକାରୀ ବାବୁଙ୍କ କାଗଜ କଲମରେ ସୀମିତି ରହୁଥିବା ଭଳି ଅନୁଭବ ହେଉଛି । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା ଏବଂ ଅନ୍ୟାନ୍ୟ ପଞ୍ଚାୟତ ଗୁଡିକରେ ସ୍ୱଚ୍ଛ ଭାରତ ଯୋଜନାକୁ ଏକ ପ୍ରକାର ଫେଲ ମାରିଥିବା ଦେଖିବାକୁ ମିଳିଛି । ବ୍ଲକ ସଦରରେ ଅଳିଆ ଆବର୍ଜନା ବାହାରେ ନ ପକାଇବା ପାଇଁ ବହୁ ସ୍ଥାନରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଅଳିଆ କୁଣ୍ଡ ଗୁଡିକ ଭାଙ୍ଗି ଯାଇଛି । ତା ସହିତ ସଦର ଚିତ୍ରକୋଣ୍ଡା ସମେତ ବିଭିନ୍ନ ପଞ୍ଚାୟତକୁ ଗୋଟିଏ ଲେଖାଏଁ ବେଟେରି ଚଳିତ ସ୍ୱତନ୍ତ୍ର ଭାବେ ଅଳିଆ ସଂଗ୍ରହ ଗାଡି ଯୋଗାଇ ଦିଆଯାଇଛି । ଏହି ଗାଡି ଚଳାଇ କାର୍ଯ୍ୟ ନିର୍ବାହ କରୁଥିବା ମହିଳା ମାନଙ୍କୁ ମାସିକ ୬ ହଜାର ଟଙ୍କା ଲେଖାଏଁ ବେତନ ଦିଆଯାଉଛି । ଉକ୍ତ ଗାଡି ସାହି ସାହି ବୁଲି ଅଳିଆ ସଂଗ୍ରହ କରି ଗାଁ ଠାରୁ ଦୂରରେ ଥିବା କୁଣ୍ଡରେ ପକାଇବାର ନିୟମ ରହିଛି । କିନ୍ତୁ ସରକାରଙ୍କ ତରଫରୁ ଏତେ ସବୁ ସୁବିଧା ଓ ଯୋଜନା ଥାଇ ମଧ୍ୟ ଚିତ୍ରକୋଣ୍ଡା ସଦରରେ ମୁଖ୍ୟ ରାସ୍ତାର ବିଭିନ୍ନ ଜନ ଗହଳି ପୂର୍ଣ୍ଣ ସ୍ଥାନ, ଛକ ଓ ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା ବାହାରେ ପଡି ରହିଥିବା ଦେଖିବାକୁ ମିଳିଛି । ଏଥି ଯୋଗୁ ପୂର୍ତ୍ତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ।ଖାଲି ଏତିକି ନୁହେଁ ସଦରରେ ଥିବା ଡ୍ରେନ ଗୁଡିକ ପୋତି ହୋଇ ଅନାବନା ଗଛ ଉଠି ଏହା ନଷ୍ଟ ହେବାରେ ଲାଗିଛି । ଦୀର୍ଘ ବର୍ଷ ହେବ ଡ୍ରେନ ଗୁଡିକୁ ନିୟମିତ ସଫେଇ କରାଯାଉ ନ ଥିବାରୁ ଅଧିକାଂଶ ଡ୍ରେନ ଗୁଡିକ ଭାଙ୍ଗି ଯିବା ସହିତ ଅବସ୍ଥା ଶୋଚନୀୟ ହୋଇପଡିଛି । ଅଞ୍ଚଳରେ ଲଗାଣ ବର୍ଷା ଜାରୀ ରହିଛି । ଡ୍ରେନ ଗୁଡିକୁ ସଫା କରାଯାଉ ନ ଥିବାରୁ ବର୍ଷା ହେଲେ ଡ୍ରେନ ଗୁଡିକରେ ଜଳ ନିଷ୍କାସନ ହୋଇ ନପାରି ରାସ୍ତାରେ ଲହଡି ଭାଙ୍ଗୁଛି ଆବର୍ଜନା ପାଣି । ମୁଖ୍ୟତଃ ଆବର୍ଜନ ପାଣି ଜମି ରହୁଥିବାରୁ ଅଞ୍ଚଳରେ ମଶା ମାଛିଙ୍କର ଉପଦ୍ର ବି ବଢ଼ି ଚାଲିଛି । ମଶା ଓ ମାଛିଙ୍କ ଦୌରାତ୍ମ୍ୟ ଯୋଗୁଁ ଚିତ୍ରକୋଣ୍ଡା ବାସୀ ଅତିଷ୍ଠ ହୋଇ ପଡିଲେଣି ।

ଦେଖିବାକୁ ଗଲେ ଗୋଟିଏ ପଟେ ସଦରରେ ଲାଗି ରହିଥିବା ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁଁ ଲୋକେ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି । ଅନ୍ୟ ପକ୍ଷରେ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର ଦିଗରେ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହଁ । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସବୁଠାରୁ ବଡ କଥା ହେଲା, ଚିତ୍ରକୋଣ୍ଡା ସଦରର ବ୍ଲିଚିଂ ପାଉଡର, ଫିନାଇଲ କିମ୍ବା ମଶା ତେଲ ଆଦୌ ସିଞ୍ଚନ କରାଯାଉନାହଁ । ଯେତେବେଳେ ପ୍ରଶାସନର ବଡ଼ବଡ଼ିଆ ଅଧିକାରୀ କିମ୍ବା ନେତା ଆସୁଛନ୍ତି ସେହିଦିନ ସେଗୁଡିକ ଲୋକ ଦେଖାଣିଆ ଭାବେ ବ୍ୟବହାର କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି । ବ୍ଲକ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଏହାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଚିତ୍ରକୋଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକରୀ ସୁଶ୍ରୀ ସଞ୍ଜନା ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ କିଛି ମାସ ହେବ ସଫେଇ କାର୍ଯ୍ୟ ପାଇଁ ଜିପିଡିପିରେ ଅନୁମୋଦନ କରାଯାଇନାହି । ସେଥିପାଇଁ ସଫେଇ କାର୍ଯ୍ୟ ବନ୍ଦ ରହିଥିଲା । ବର୍ତ୍ତମାନ ପଞ୍ଚାୟତରେ ଏ ବାବଦରେ ଅନୁମୋଦନ ହୋଇସାରିଛି । ଖୁବ ଶୀଘ୍ର ଚିତ୍ରକୋଣ୍ଡା ସଦରର ସଫେଇ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି ।

# ବନ୍ଧନ ବ୍ୟାଙ୍କର ୧୧ ବର୍ଷ ପୂର୍ତ୍ତି, ସ୍ପର୍ଶ କଲା ୨୦୦୦ତମ ଶାଖା ମାଇଲଖୁଣ୍ଟ

## ଚେନ୍ନାଇର ଏଗମୋରରେ ୨୦୦୦ତମ ଶାଖାର ଶୁଭାରମ୍ଭ, ଭାରତରେ ମୋଟ ବ୍ୟାଙ୍କିଂ ଆଉଟଲେଟ ସଂଖ୍ୟା ୬୪୦୦ରେ ପହଞ୍ଚିଲା, ଏହା ବ୍ୟାଙ୍କକୁ ଶୀର୍ଷ ୩ଟି ଘରୋଇ ବ୍ୟାଙ୍କ ମଧ୍ୟରେ ସ୍ଥାନିତ କରିଛି, ମାଇକ୍ରୋଫାଇନାନ୍ସ ଗ୍ରାହକଙ୍କ ପାଇଁ ଡିଜିଟାଲ ବ୍ୟାଙ୍କିଂକୁ ସରଳ କରିବା ନିମନ୍ତେ ଏମବନ୍ଧନ ଲାଇଟର ଶୁଭାରମ୍ଭ

ଭୁବନେଶ୍ୱର,୨୪।୮: ବନ୍ଧନ ବ୍ୟାଙ୍କ ପକ୍ଷରୁ ୧୧ତମ ବାର୍ଷିକ ଦିବସ ପାଳନ ଅବସରରେ ତାମିଲନାଡୁ ସ୍ଥିତ ଚେନ୍ନାଇର ଏଗମୋରରେ ୨୦୦୦ତମ ଶାଖା ଶୁଭାରମ୍ଭ ସହ ବ୍ୟାଙ୍କର ଏହାର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି। ଏଥି ସହିତ ସର୍ବଭାରତୀୟ ସ୍ତରରେ ବ୍ୟାଙ୍କ ଏହାର ଉପସ୍ଥିତି ସୁଦୃଢ଼ କରିପାରିଛି। ଏହି ଶାଖା ସହିତ ବ୍ୟାଙ୍କର ଭାରତରେ ମୋଟ ବ୍ୟାଙ୍କିଂ ଆଉଟଲେଟ ସଂଖ୍ୟା ୬୪୦୦ ସଂଖ୍ୟା ସ୍ପର୍ଶ କରିଛି। ଯାହା ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ଗ୍ରାମୀଣ ଭାରତରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ଏବଂ ତୃଣମୂଳ ସ୍ତରରେ ଆର୍ଥିକ ସେବା ପହଞ୍ଚାଇବାରେ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିପାରିଛି।

ଏହି ଅବସରରେ ବନ୍ଧନ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାଇକ୍ରୋ ଫାଇନାନ୍ସ ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଏକ ସରଳୀକୃତ ମୋବାଇଲ ବ୍ୟାଙ୍କିଂ ଆପ୍ଲିକେସନ ଏମବନ୍ଧନ ଲାଇଟକୁ ଉନ୍ମୋଚନ କରାଯାଇଥିଲା। ଯାହା ସେମାନଙ୍କ ପାଇଁ ଡିଜିଟାଲ ବ୍ୟାଙ୍କିଂକୁ ସହଜଲଭ୍ୟ, ଅନ୍ତର୍ଭୁକ୍ତୀକରଣ ଓ ଆମୋଦ ଦାୟକ କରିବ ଏହି ଆପରେ ଆଧାର ଆଧାରିତ ପଞ୍ଜୀକରଣ ସୁବିଧା, ଆକାଉଂଟ ଟ୍ରାକିଂ, ଋଣ ପରିଶୋଧ ସୁବିଧା, ଷ୍ଟେଟମେଂଟ ଓ ସାର୍ଟିଫିକେଟ ପାଇବା, ଚାଟବଟ ସହାୟତା ଓ ଇଂରାଜୀ, ହିନ୍ଦୀ ଓ ବେଙ୍ଗଲୀ ଭଳି ବହୁଭାଷା ଭିତ୍ତିକ ସହାୟତା ରହିଛି ଯାହା ଗ୍ରାହକମାନଙ୍କୁ ଅବିରତ ବ୍ୟାଙ୍କିଂ ଅନୁଭୂତି ପ୍ରଦାନ କରିବ।

ଗ୍ରାହକମାନଙ୍କ ଉଦୀୟମାନ ଆବଶ୍ୟକତାକୁ ପୂରଣ କରିବା ଲାଗି ଉଭୟ ପ୍ରତ୍ୟକ୍ଷ ଓ ଡିଜିଟାଲ ଉପସ୍ଥିତିକୁ ସମ୍ପ୍ରସାରଣ କରିବା ଦିଗରେ ବ୍ୟାଙ୍କର ରଣନୀତିକୁ ଏହି ଯୁଗଳ ମାଇଲଖୁଂଟ ଦର୍ଶାଉଛି। ୨୦୦୦ତମ ଶାଖା ବ୍ୟାଙ୍କର ଜାରି ରହିଥିବା ଶାଖା ନେଟୱର୍କ ସମ୍ପ୍ରସାରଣକୁ ପ୍ରତିଫଳିତ କରୁଛି ଏବଂ ଏମବନ୍ଧନ ଲାଇଟ ଡିଜିଟାଲ ବ୍ୟାଙ୍କିଂ ସେବାକୁ ସରଳ ଓ ସହଜଲଭ୍ୟ କରିପାରିଛି। ମିଳିତ ଭାବେ ଏହି ଅଭିଯାନଗୁଡ଼ିକ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବା ଓ ସାରା ଭାରତରେ ଏକ ସୁବିଧାଜନକ, ଗ୍ରାହକ କୈନ୍ଦ୍ରିକ ବ୍ୟାଙ୍କିଂ ଅନୁଭୂତି ପ୍ରଦାନ କରିବାରେ ବ୍ୟାଙ୍କର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ଅବସରରେ ବନ୍ଧନ ବ୍ୟାଙ୍କର ଏମଡି ଓ ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି ଯେ, ବନ୍ଧନ ବ୍ୟାଙ୍କରେ ଆଜି ଆମ ପାଇଁ ଏକ ଗର୍ବିତ ମୁହୂର୍ତ୍ତ। ଆମର ୨୦୦୦ତମ ଶାଖା ଖୋଲିବା ଆମ ଅଭିବୃଦ୍ଧିର ବ୍ୟାପକତା ଓ ବିଭିନ୍ନ ଅଂଚଳର ଗ୍ରାହକମାନଙ୍କ ନିଟରେ ବ୍ୟାଙ୍କ ସେବାକୁ ପହଂଚାଇବାରେ ଆମ ପ୍ରତିବଦ୍ଧତା ଉପରେ ଆଲୋକପାତ କରୁଛି। ଚେନ୍ନାଇର ଏଗମୋରରେ ଶାଖାର ଶୁଭାରମ୍ଭ ସହିତ ମୋଟ ବ୍ୟାଙ୍କିଂ ଆଉଟଲେଟ ସଂଖ୍ୟା ୬୪୦୦ ସ୍ପର୍ଶ କରିଛି। ଏମବନ୍ଧନ ଲାଇଟ ଆପର ଶୁଭାରମ୍ଭ ଆମ ମାଇକ୍ରୋଫାଇନାନ୍ସ ଗ୍ରାହକମାନଙ୍କ ପାଇଁ ଅତ୍ୟାବଶ୍ୟକ ବ୍ୟାଙ୍କିଂ ସେବାକୁ ସହଜରେ ପହଂଚାଇବାରେ ଆମ ଗୁରୁତ୍ୱକୁ ପ୍ରତିଫଳିତ କରୁଛି । ଆମେ ଏହି ମାଇଲଖୁଂଟଗୁଡ଼ିକୁ ପାଳନ କରୁଥିବା ବେଳେ ସାରା ଭାରତରେ ବ୍ୟକ୍ତିବିଶେଷ, ବ୍ୟବସାୟ ଓ ସମୁଦାୟକୁ ସଶକ୍ତ କରୁଥିବା ନିରବଚ୍ଛିନ୍ନ ଓ ଅନ୍ତର୍ଭୁକ୍ତୀକରଣ ବ୍ୟାଙ୍କିଂ ଅନୁଭୂତି ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ।ବର୍ତ୍ତମାନ ବନ୍ଧନ ବ୍ୟାଙ୍କର ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୩୫ଟିରେ ଉପସ୍ଥିତି ରହିଛି। ବ୍ୟାଙ୍କ ଭାରତରେ ଏହାର ୬୪୦୦ର ଦୃଢ଼ ନେଟୱର୍କ ଜରିଆରେ ୩.୨ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି ।

# ରକ୍ଷା ବନ୍ଧନରେ ପିଢ଼ି ପରେ ପିଢ଼ିକୁ ସୁସ୍ଥ ଅଭ୍ୟାସ ବାଣ୍ଟିବା ମଧ୍ୟ ଏକ ଚୀରସ୍ଥାୟୀ ଉପହାର: ଡା. ସୋନିଆ ଦତ୍ତା

ଭୁବନେଶ୍ୱର, ୨୪।୮: ଭାଇ-ଭଉଣୀଙ୍କ ମଧ୍ୟରେ ଥିବା ନିଆରା ସ୍ନେହ ଓ ସମ୍ପର୍କର ପର୍ବ ହେଉଛି ରକ୍ଷାବନ୍ଧନ। ଭଲପାଇବା, ଯତ୍ନ, ଉପହାର ଓ ଏକତାର ଭାବନାରେ ଏହି ପର୍ବ ପାଳିତ ହୋଇଥାଏ। ମିଠା ଓ ଉତ୍ସବର ଆନନ୍ଦ ଏହି ପର୍ବର ଅବିଚ୍ଛେଦ୍ୟ ଅଂଶ ହୋଇଥିବାବେଳେ, ପରିବାରର ସଦସ୍ୟମାନେ ପ୍ରତିଦିନ ପରସ୍ପର ପ୍ରତି ଦେଖାଉଥିବା ଛୋଟ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ଯତ୍ନର ଭାବନାକୁ ମଧ୍ୟ ଏହି ପର୍ବ ମନେ ପକାଇ ଦେଇଥାଏ। ଖ୍ୟାତନାମା ଦାନ୍ତ ବିଶେଷଜ୍ଞ ଡା. ସୋନିଆ ଦତ୍ତାଙ୍କ ମତରେ, ପରିବାର ପିଢ଼ି ପରେ ପିଢ଼ିକୁ ଦେଇପାରୁଥିବା ସବୁଠାରୁ ମୂଲ୍ୟବାନ ଉପହାର ମଧ୍ୟରୁ ଗୋଟିଏ ହେଉଛି ଉତ୍ତମ ମୁଖ ସ୍ୱାସ୍ଥ୍ୟ ଓ ଦାନ୍ତର ଯତ୍ନ ନେବାର ଅଭ୍ୟାସ। ସେ କହିଛନ୍ତି, ପ୍ରତ୍ୟେକ ପରିବାରର କିଛି ନିଜସ୍ୱ ପରମ୍ପରା ରହିଛି, ଯାହା ବର୍ଷ ବର୍ଷ ଧରି ପିଢ଼ିରୁ ପିଢ଼ିକୁ ଚାଲିଆସିଥାଏ। କେତେକ ପରମ୍ପରାକୁ ଆମେ ଆନନ୍ଦ ଓ ଉତ୍ସାହର ସହ ପାଳନ କରୁଥାଉ, ଆଉ କେତେକ ଅଜାଣତରେ ଆମ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଯାଏ। ଦିନକୁ ଦୁଇଥର ଦାନ୍ତ ଘଷିବା, ମୁଖର ସ୍ୱଚ୍ଛତା ବଜାୟ ରଖିବା ଏବଂ ନିୟମିତ ଦାନ୍ତ ଚିକିତ୍ସାକୁ ଉତ୍ସାହିତ କରିବା ଭଳି ସରଳ ଅଭ୍ୟାସ ସାଧାରଣତଃ ଘରୁ ଆରମ୍ଭ ହୋଇଥାଏ ଏବଂ ମାତାପିତାଙ୍କଠାରୁ ସନ୍ତାନ ଓ ଭାଇ-ଭଉଣୀଙ୍କ ମଧ୍ୟରେ ଏହା ପରମ୍ପରା ଭାବେ ଆଗକୁ ବଢ଼ିଥାଏ।ଦଦ



ସେ ଆହୁରି କହିଛନ୍ତି ଯେ, ପିଲାମାନେ ସେମାନଙ୍କ ଚାରିପାଖରେ ଥିବା ଲୋକମାନଙ୍କୁ ଦେଖି ଅନେକ କିଛି ଶିଖିଥାନ୍ତି। ସୁସ୍ଥ ମୁଖ ଯତ୍ନର ଅଭ୍ୟାସ ଗୋଟିଏ ଦିନରେ ଗଢ଼ି ଉଠେ ନାହିଁ। ପରିବାର ମଧ୍ୟରେ ନିୟମିତତା ଓ ସକାରାତ୍ମକ ଉତ୍ସାହ ମାଧ୍ୟମରେ ଏହା ଧୀରେ ଧୀରେ ବିକଶିତ ହୋଇଥାଏ। ପିଲାମାନଙ୍କୁ ଅଳ୍ପ ବୟସରୁ ଦାନ୍ତ ଓ ମାଢ଼ିର ଯତ୍ନ ନେବାର ଗୁରୁତ୍ୱ ବୁଝାଇବାରେ ମାତାପିତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ସଠିକ୍ ମୁଖ ଯତ୍ନ ଉପକରଣ ବାଛିବାର ଗୁରୁତ୍ୱ ଉପରେ ଆଲୋକପାତ କରି ଡା. ଦତ୍ତା କହିଛନ୍ତି ଯେ, ଆୟୁର୍ବେଦ ଆଧାରିତ ଉପଚାର ଦୈନନ୍ଦିନ ମୁଖ ସ୍ୱଚ୍ଛତା ବଜାୟ ରଖିବାରେ ସହାୟକ ହୋଇପାରେ। ଡାବର ରେଡ୍ ଟୁଥପେଷ୍ଟରେ ଆୟୁର୍ବେଦରେ ପ୍ରଚଳିତ ବିଶ୍ୱସନୀୟ ଉପାଦାନ ଯଥା ପୁଦିନା ସତ୍ତ୍ୱ ରହିଛି, ଯାହା ଦୀର୍ଘସମୟ ପର୍ଯ୍ୟନ୍ତ ସତେଜତା ପ୍ରଦାନ କରେ। ସେହିପରି, ତୋମର ବୀଜ ଏହାର ଜୀବାଣୁନାଶକ ଓ ଜୀବାଣୁ ବିରୋଧୀ ଗୁଣ ପାଇଁ ପରିଚିତ, ଯାହା ମାଢ଼ିକୁ ଅଧିକ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏଥିରେ ଥିବା ମରିଚ ପାରମ୍ପରିକ ଭାବେ ଏହାର ପରିଷ୍କାରକ ଓ ଜୀବାଣୁବିରୋଧୀ ଗୁଣ ପାଇଁ ପରିଚିତ। ଭାରତୀୟ ଦାନ୍ତ ଚିକିତ୍ସକ ସଂଘର ସ୍ୱୀକୃତି ମୋହର ଦ୍ୱାରା ସମର୍ଥିତ ଏହି ଦାନ୍ତମଞ୍ଜନ ପରିବାରର ଦୈନନ୍ଦିନ ମୁଖ ଯତ୍ନ ଅଭ୍ୟାସର ଏକ ବିଶ୍ୱସନୀୟ ଅଂଶ ଭାବେ କାର୍ଯ୍ୟ କରେ। ରକ୍ଷାବନ୍ଧନ ପାଳନ ପାଇଁ ପରିବାର ଏକାଠି ହେଉଥିବାବେଳେ, ସବୁଠାରୁ ଅର୍ଥପୂର୍ଣ୍ଣ ଯତ୍ନ ପ୍ରାୟତଃ ସବୁଠାରୁ ସରଳ ହୋଇଥାଏ ବୋଲି ମନେ ରଖିବା ଉଚିତ। ଆଜି ନିଜ ଭାଇ-ଭଉଣୀ କିମ୍ବା ପିଲାଙ୍କୁ ଭଲ ମୁଖ ଯତ୍ନର ଅଭ୍ୟାସ ଆପଣାଇବା ପାଇଁ ଉତ୍ସାହିତ କରିବା ଭବିଷ୍ୟତରେ ଦୀର୍ଘସ୍ଥାୟୀ ଭାବେ ସୁସ୍ଥ ଓ ଉଜ୍ଜ୍ୱଳ ହସ ପାଇଁ ସହାୟକ ହୋଇପାରେ,ଦଦ ବୋଲି ଡା. ଦତ୍ତା ତାଙ୍କ ବକ୍ତବ୍ୟରେ କହିଛନ୍ତି।

# ୧୪ ନମ୍ବର ଜୋନ କଂଗ୍ରେସ ସାଙ୍ଗଠନିକ ବୈଠକ



ନୟାଗଡ, ୨୪।୮(ଆନିସ): ନୟାଗଡ଼ ବ୍ଲକ ୧୪ ନମ୍ବର ଜିଲ୍ଲା ପରିଷଦ ଜୋନ କଂଗ୍ରେସ ବୈଠକ ବଡ଼ପଣ୍ଡୁସର ଶ୍ରୀ ଉଗ୍ରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ କଲ୍ୟାଣମଣ୍ଡପ ଠାରେ ନବନିଯୁକ୍ତ ଜୋନ କଂଗ୍ରେସ ସଭାପତି ପ୍ରମୋଦ କୁମାର ନୟାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ସଂଗଠନ ସୃଜନ ମାଧ୍ୟମରେ ବୁଥ ସ୍ତରରୁ ନୂତନ ସଂଗଠନ ଆରମ୍ଭ କରିବା ପାଇଁ ୧୪ ନମ୍ବର ଜୋନ ଅନ୍ତର୍ଗତ ଇଟାମାଟି, ବଡ଼ପଣ୍ଡୁସର, ବାଉଁଶିଆପଡା, ବିରୁଡ଼ା ଏବଂ ଜହ୍ନିପଦା ପଞ୍ଚାୟତ ନେତୃସ୍ଥାନୀୟ ବ୍ୟକ୍ତିବିଶେଷ ମାନେ ଅଂଶଗ୍ରହଣ କରି ଆସନ୍ତା ଦୁଇ ମାସ ମଧ୍ୟରେ ପଞ୍ଚାୟତ କଂଗ୍ରେସ କମିଟି ଗଠନ ଉପରେ ଗୁରୁତ୍ୱ ଆରୋପ କରିଥିଲେ ଡବଲଇଞ୍ଜିନ ବିଜେପି ସରକାର ଅପାରଗ ଶାସନ ବିରୁଦ୍ଧରେ ଗ୍ରାମାଞ୍ଚଳ ଜନମତ କଂଗ୍ରେସ ସପକ୍ଷରେ ଆସୁଛି ଏବଂ ଲୋକେ ଏଥର କଂଗ୍ରେସ କହିବା ଆରମ୍ଭ ହୋଇଯିବା ଦୃଷ୍ଟିରୁ, ଏହି ସୁଯୋଗକୁ ଆମେ କାର୍ଯ୍ୟରେ ଲଗାଇ ବିକଳ୍ପ ସରକାର ଭାବେ କଂଗ୍ରେସ ସଂଗଠନକୁ ଚଳଚଞ୍ଚଳ ପାଇଁ କାର୍ଯ୍ୟକ୍ରମ ହାତକୁ ନେବା ଉପରେ ବିଶେଷ ଆଲୋଚନା କରାଯାଇ ଥିଲା ଜିଲ୍ଲା କଂଗ୍ରେସ ସଭାପତି ବରିଷ୍ଠ ଆଇନଜୀବୀ ଶ୍ରୀ ରଣଜିତ ଦାଶ ଆଗାମୀ ତିନି ମାସ ମଧ୍ୟରେ ସାଙ୍ଗଠନିକ ଶକ୍ତିବୃଦ୍ଧି କରାଇ ନୂଆବର୍ଷରୁ କଂଗ୍ରେସ ପକ୍ଷରୁ ନୟାଗଡ଼ ନିର୍ବାଚନ ମଣ୍ଡଳୀ ବ୍ୟାପି ପଦଯାତ୍ରା କରାଯାଇ ପଞ୍ଚାୟତ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରାଯିବ ବୋଲି କହିଥିଲେ ଅନ୍ୟମାନଙ୍କ ମଧ୍ୟରେ ଡିସିସି ବରିଷ୍ଠ ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଡିସିସି ଉପସଭାପତି ତଥା ନୟାଗଡ଼ ବ୍ଲକ ପର୍ଯ୍ୟବେକ୍ଷକ ଫକୀର ଚରନ ମଲ୍ଲ, ବରିଷ୍ଠ ନେତା ଦିଗାମ୍ବର ବେହେରା, ବିଜୟ କୁମାର, ପୂର୍ଣ୍ଣଚନ୍ଦ୍ର ସାନ୍ତ, ଦାସ,ଚତୁର୍ଭୁଜ ପ୍ରଧାନ, କବିରାଜ ବରାଡ଼, ଗୋକୁଳ ନାୟକ, ଗୁରୁବାରୀ ମଣ୍ଡଳ, ଅଜୟ ପ୍ରଧାନ, ଅକ୍ଷୟ କୁମାର ସାହୁ, ଶ୍ୟାମ ପ୍ରଧାନ, ଅଶୋକ କୁମାର ସାହୁ, ଯୁବନେତା ଅନ୍ତର୍ଯ୍ୟାମୀ ସାହୁ, ଜଗନ୍ନାଥ ପୃଷ୍ଟି, ବିଦୁର ପ୍ରଧାନ, ଭାଗିରଥି ସ୍ୱାଇଁ, ବାଳକୃଷ୍ଣ ଦାସ, ରାଜକିଶୋର ଜେନା, ଚତୁର୍ଭୁଜ ମହାରଣା, ଆଇନଜୀବୀ ପୀତବାସ ଖୁଣ୍ଟିଆ ଏବଂ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ସୋସିଆଲ ମେଡ଼ିଆ କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର ନାୟକଙ୍କ ସମେତ ବହୁ ନେତୃସ୍ଥାନୀୟ ଯୋଗ ଦେଇଥିଲେ।

# ଡ୍ରପ୍-ଆଉଟ୍ ଛାତ୍ରଛାତ୍ରୀଙ୍କୁ ପୁନଃ ବିଦ୍ୟାଳୟମୁଖୀ କରିବାରେ ସଫଳ ପଦକ୍ଷେପ

ନୟାଗଡ଼, ୨୪ : ବିଦ୍ୟାଳୟରୁ ଡ୍ରପ୍-ଆଉଟ୍ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗ୍ରହଣ କରାଯାଇଥିବା ଏକ ବିଶେଷ ପଦକ୍ଷେପ ସଫଳତା ହାସଲ କରିଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ସଚିବ ଅଞ୍ଜଳି ମଚ୍ଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଜିଲ୍ଲା ସଦର ମହକୁମାଠାରୁ ସୁଦୂରରେ ଅବସ୍ଥିତ କାଳନ୍ଦୀ ସୁରୁଜା ଉଚ୍ଚ ବିଦ୍ୟାଳୟ, ବିରୁଡ଼ାରୁ ପାଠପଢ଼ା ଛାଡ଼ି ଦେଇଥିବା ଦୁଇ ଛାତ୍ର ସିକୁନ ନାହାକ ଓ ରିଙ୍କୁ ନାହାକଙ୍କୁ ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇବାରେ ସଫଳତା ମିଳିଛି। ସୂଚନା ଅନୁସାରେ ସେମାନେ ପାଠ ପଢ଼ା ଛାଡି ଅନ୍ୟତ୍ର ସମ୍ପର୍କୀୟଙ୍କ ଘରେ ରହୁଥିଲେ ।

ଉଭୟ ଛାତ୍ରଙ୍କ ପରିବାର ସହିତ ବାରମ୍ବାର ଆଲୋଚନା ଓ ପରାମର୍ଶ କରାଯାଇ ସେମାନଙ୍କୁ ପୁନଃ ବିଦ୍ୟାଳୟକୁ ପଠାଇବା ପାଇଁ ପରିବାରକୁ ପ୍ରେରିତ କରାଯାଇଥିଲା। ନିରନ୍ତର ପରାମର୍ଶ ଓ ସମନ୍ୱିତ ପ୍ରୟାସର ଫଳସ୍ୱରୂପ ସିକୁନ ଓ ରିଙ୍କୁ ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇ ଶିକ୍ଷା ଜାରି ରଖିବାର ସୁଯୋଗ ପାଇଛନ୍ତି। ଏହା ପୂର୍ବରୁ ଏହି ଅଭିଯାନ ଅଧୀନରେ ତୁଳସୀ ନାମକ ଜଣେ ଛାତ୍ରୀଙ୍କୁ ମଧ୍ୟ ପୁନଃ ବିଦ୍ୟାଳୟରେ ନାମ ଲେଖାଯାଇଥିଲା। ଏହିପରି ଭାବେ ଡ୍ରପ୍-ଆଉଟ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର



ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଏହି ଅଭିଯାନରେ ଏପର୍ଯ୍ୟନ୍ତ ମୋଟ ୩ ଜଣ ଛାତ୍ରଛାତ୍ରୀଙ୍କୁ ପୁନଃ ବିଦ୍ୟାଳୟରେ ନାମ ଲେଖାଇବାରେ ସଫଳତା ମିଳିଛି। ଏହି ମିଶନରେ ଅଧିକାର ମିତ୍ର ପ୍ରକାଶ ଚନ୍ଦ୍ର ଦଳେଇ, ରୋନିତ ଦଳେଇ ଏବଂ ଆୟୁଷ୍ମାନ ଚୌଧୁରୀ ସକ୍ରିୟ ଭାବେ ଯୋଗଦେଇ ନିରନ୍ତର ପ୍ରୟାସ ଓ ପରିବାର ସହିତ ସମନ୍ୱୟ ମାଧ୍ୟମରେ ଏହି ଉଦ୍ୟମକୁ ସଫଳ କରିଥିଲେ।ପୁନଃ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନେ ନିୟମିତ ଭାବେ ବିଦ୍ୟାଳୟ ଯାଉଛନ୍ତି କି ନାହିଁ ଏବଂ ସେମାନଙ୍କର ପାଠପଢ଼ା ଜାରି ରହିଛି କି ନାହିଁ, ତାହା ନିରନ୍ତର ଯାଞ୍ଚ ଓ ଅନୁଧ୍ୟାନ କରିବାର ଦାୟିତ୍ୱ ମଧ୍ୟ ସମ୍ପୃକ୍ତ ଅଧିକାର ମିତ୍ରମାନଙ୍କୁ ଦିଆଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ପୁନର୍ବାର ଶିକ୍ଷା ଛାଡ଼ି ନଦିଅନ୍ତୁ ଏବଂ ସେମାନଙ୍କର ଶିକ୍ଷା ନିରନ୍ତର ଭାବେ ଜାରି ରହୁ, ତାହା ସୁନିଶ୍ଚିତ କରାଯିବା।ଏଥିସହିତ, ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ପିତାଙ୍କ ଦେହାନ୍ତ ହୋଇଥିବାରୁ, ତାଙ୍କ ପରିବାରକୁ ସରକାରଙ୍କ ଦ୍ୱାରା ଉପଲବ୍ଧ ସାମାଜିକ ସୁରକ୍ଷା ଯୋଜନା ଓ ଆବଶ୍ୟକ ସହାୟତା ସହିତ ଯୋଡ଼ିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବାର ଆଶ୍ୱାସନ ଦିଆଯାଇଛି।

ଶିକ୍ଷାରୁ ବଞ୍ଚିତ ହେବାର ଆଶଙ୍କାରେ ଥିବା ଶିଶୁମାନଙ୍କୁ ପୁନଃ ବିଦ୍ୟାଳୟମୁଖୀ କରିବା ସହିତ ସେମାନଙ୍କ ପରିବାରକୁ ଆବଶ୍ୟକ ସାମାଜିକ ସୁରକ୍ଷା ବ୍ୟବସ୍ଥା ସହିତ ଯୋଡ଼ିବାର ଏହି ପ୍ରୟାସ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୟାଗଡ଼ର ଏକ ମାନବିକ ଓ ସମାଜମୁଖୀ ପଦକ୍ଷେପ ଭାବେ ପ୍ରଶଂସିତ ହୋଇଛି।

# ଦେବଝରଣ ପର୍ଯ୍ୟଟନ ସ୍ଥଳୀରେ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଦାବି

ସମ୍ବଲପୁର, ୨୫।୮(ଆନିସ): ଯୁଯୁମୁରା ଥାନା ଅଧୀନସ୍ଥ ଦେବଝରଣ ରେ ଗତ ୨୩ ତାରିଖ ରେ ଜଳପ୍ରପାତ ପାଣିରେ ବୁଡି ଉତ୍ତରପ୍ରଦେଶର ଅଂଶୁଲ (୨୩)ଙ୍କର ମୃତ୍ୟୁ ହୋଇଥିଲା ସେ ପରିବାର ସହ ଦେବଝରଣ ବୁଲିବାକୁ ଯାଇଥିଲେ। ଗାଧୋଇବା ବେଳେ ପହଁରା ଜାଣି ନ ଥିବାରୁ ବୁଡି ଯାଇଥିଲେ। ଦେବଝରଣ ବିକାଶ ମଞ୍ଚ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ମଞ୍ଚର କଥା ରଖିନଥିଲା ଜଳପ୍ରପାତରେ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ପ୍ରାଣହାନୀ ହୋଇସାରିଲାଣି। ତେଣୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ମଞ୍ଚ ଦାବି କରିଆସୁଥିଲା କିଛି କିଛି ଦିନ ଦିନ ପୂର୍ବରୁ ମଞ୍ଚ ର ସଦସ୍ୟ ମାନେ ବ୍ୟାରିକେଡ ବ୍ୟବସ୍ଥା ପାଇଁ ପୁଲିସ ପ୍ରଶାସନକୁ ଦାବି କରିଥିଲେ । ଦେବଝରଣ ସମ୍ବଲପୁର ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଏଠାକୁ ଜିଲ୍ଲା ସମେତ ବାହାର ରାଜ୍ୟରୁ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ଦେବଝରଣ ବିକାଶ ମଞ୍ଚ ତରଫରୁ ସୋମବାର ନିଜସ୍ୱ ଉଦ୍ୟମ ରେ ଝରଣା ନିକଟରେ ତାରଜାଲି ଲଗାଯାଇ ଅସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବିକାଶ ମଞ୍ଚ ର ସଦସ୍ୟ ଗଇଲଗୁଡ଼ି, ତାଲଝରନ୍, ଯୁଯୁମୁରା ଅଞ୍ଚଳ ବାସି ଉତ୍ସାହି ଯୁବକ ମାନେ ଏଥିରେ ସହଯୋଗ କରିଥିଲେ । ତେବେ ଆଗାମୀ ୧୦ ଦିନ ଭିତରେ ପ୍ରଶାସନ ତତଫରୁ ସ୍ଥାୟୀ ସମାଧାନ ବ୍ୟବସ୍ଥା ନ କଲେ ମଞ୍ଚ ପକ୍ଷରୁ



ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କୁହାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଦେବଝରନ୍ ବିକାଶ ମଞ୍ଚ ର ଆବାହକ ଅରୁଣ କୁମାର ଦେହୁରୀଙ୍କ ନେତୃତ୍ୱ ରେ ସଂପାଦକ ଗୌତମ ପ୍ରଧାନ, କିରନ୍ ପ୍ରଧାନ, ହମିତ୍ ପ୍ରଧାନ, ସୁଧୀର ବିଶ୍ୱାଳ, ଗୁନମଣି ବିଶ୍ୱାଳ, ରତ୍ନାକର ଭୋଇ, ପ୍ରଫୁଲ୍ଲ ଭୋଇ, ଚିନ୍ତାମଣି ଭୋଇ, କୃତିବାସ ମିର୍ଦ୍ଧା ସମେତ ଅନେକ ସଦସ୍ୟ ସହଯୋଗ କରି ଥିଲେ।

# ଗୁରୁ ଦିବସ ପାଇଁ ପ୍ରାକ ପ୍ରସ୍ତୁତି ବୈଠକ

ବାଲିଗୁଡା,୨୪।୮(ଆନିସ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର ଉଚ୍ଚପ୍ରାଥମିକ ବିଦ୍ୟାଳୟ ତୁମୁଡିବନ୍ଧ (ବଜାରସ୍କୁଲ )ରେ ଗୁରୁ ଦିବସ ଉପଲକ୍ଷେ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛିଁ । ଏହି ବୈଠକରେ ମିଳିତ ପ୍ରାଥମିକ ଶିକ୍ଷକସଙ୍ଘର ସଭାପତି କୁମର ପରାସେଟ ପରିଚାଳନା କରିଥିଲେ। ସେପ୍ଟେମ୍ବର ୫ ବର୍ଷ ମଧ୍ୟ ଅବସର ନେଇଥିବା ଶିକ୍ଷକଙ୍କୁ ବିଦାୟ ଦେବାର କାର୍ଯ୍ୟକ୍ରମ ରହିଅଛି । ଏହାର କାର୍ଯ୍ୟକ୍ରମ ବିଦ୍ୟାଳୟରେ ପାଳନ କରି ସାରିବା ପରେ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ନୂତନସ୍ଥାନ ନିରୂପଣ କରି ଧୁମଧାମରେ ଗୁରୁ ଦିବସଟିକୁ ପାଳନ କରାଯାଇଥାଏ। ଏହି କାର୍ଯ୍ୟକ୍ରମଟିକୁ କେଉଁ ସ୍ଥାନରେ,



କେତେବେଳେ ଓ କିପରି ପାଳନ କରାଯିବ ଏ ନେଇ ଶରତ ଚନ୍ଦ୍ର ମାଝୀ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରି ଥିଲେ। ଏହି ପ୍ରସ୍ତୁତି ବୈଠକରେ ସଭାପତି କୁମର ପରାସେଟ, ତ୍ରିନାଥ ପରାସେଟ, ଶରତ ଚନ୍ଦ୍ର ମାଝୀ, ପ୍ରତାପ ମାନସେଟ, ସାମନ୍ତ ମଣ୍ଡଳ,ଶ୍ରୀସ୍ୱ ପରିଚ୍ଛା, ଉପେନ୍ଦ୍ର ସାନ ନାୟକ, ସୀମାଞ୍ଚଳ ନାୟକ,ଗବର୍ଦନ ପାତ୍ର, ଦିରିଜ ମଲିକ, କେଦାର ପାତ୍ର, ନିର୍ମଳ ଉଠାଣସିଂ, ସିପାନ ମାଝୀଙ୍କ ସମେତ ବହୁବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ସାଇକଲରେ ବିଶ୍ୱ ଭ୍ରମଣରେ କୁଲଦୀପ ବିଷ୍ଣୋଇ, ଚୌଦ୍ୱାରରେ ସମ୍ବର୍ଦ୍ଧନା

ଚୌଦ୍ୱାର,୨୪।୮(ଆନିସ): ପରିବେଶ ସୁରକ୍ଷା ଓ ବୃକ୍ଷ ସଂରକ୍ଷଣର ବାର୍ତ୍ତାକୁ ବିଶ୍ୱବ୍ୟାପୀ ପହଞ୍ଚାଇବା ଲକ୍ଷ୍ୟରେ ରାଜସ୍ଥାନର ହିସାର ଜିଲ୍ଲାର ଯୁବକ କୁଲଦୀପ ବିଷ୍ଣୋଇ ସାଇକଲରେ ବିଶ୍ୱ ଭ୍ରମଣରେ ବାହାରିଛନ୍ତି। ଚଳିତ ବର୍ଷ ଜାନୁଆରୀ ୧ ତାରିଖରେ ହିସାରରୁ ଏହି ଯାତ୍ରା ଆରମ୍ଭ କରିଥିବା କୁଲଦୀପ ଶୁକ୍ରବାର ଚୌଦ୍ୱାର ଅଞ୍ଚଳରେ ପହଞ୍ଚିଥିଲେ। ଏହି ଅବସରରେ କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ର କୁଶପାଙ୍ଗି ନିକଟରେ ମହିରାମ ବିଷ୍ଣୋଇଙ୍କ ନେତୃତ୍ୱରେ ଓଡ଼ିଶା ବିଷ୍ଣୋଇ ସମାଜ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା। ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ତାଙ୍କ ଅଭିନବ ପଦକ୍ଷେପକୁ ସମାଜର ସଦସ୍ୟମାନେ ପ୍ରଶଂସା କରିବା ସହ ଯାତ୍ରାର ସଫଳତା କାମନା କରିଥିଲେ।



# ଆଠଗଡ଼ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କଟକ, ,୨୪।୮(ଆନିସ): ଆଠଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ .ଶୁଣାଣିରେ ସମୁଦାୟ ୧୩୨ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୨୬ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୬ଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣି ସ୍ଥଳରେ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ଆଠଗଡ ପ୍ରହଲ୍ଲାଦ ନାରାୟଣ ଶର୍ମା ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଶ୍ୱଜିତ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତି ସପ୍ତାହରେ ହେଉଥିବା ଅଭିଯୋଗ ଶୁଣାଣିରେ ଅଧିକରୁ ଅଧିକ ଲୋକେ ଯେପରି ସାମିଲ ହେବେ ସେଥିନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ, ଆସନ୍ତା ଅଗଷ୍ଟ ୩୧ତାରିଖରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ପୁଣି ଧାରା ପଡ଼ିଲେ ତିନି ବ୍ରାଉନ ସୁଗାର ବେପାରୀ




ପାରାଦୀପ,୨୪।୮(ଆନିସ): ପାରାଦୀପ ଲକ୍ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଅଚାନକ ଚଢାଉ କରି ବାଲଡିଆ ପଞ୍ଚାୟତ ଗେଟ୍ ବିଶ୍ରାମ କକ୍ଷ ନିକଟରୁ ତିନି ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ତିନି ଅଭିଯୁକ୍ତ ହେଲେ ବିଚିତ୍ର ସେଠୀ(୨୬), ଗୌରାଙ୍ଗ ଗିରି (୨୧) ଓ ସର୍ବେଶ୍ୱର ସେଠୀ (୩୨)। ପାରାଦୀପ ଲକ୍ ଥାନା ପୋଲିସ ପକ୍ଷରୁ ଏନଡି ପିଏସ ଆକ୍ଟ ଅନୁସାରେ ପଞ୍ଜିକରଣ ଧାରା (୨୧) ବି ୨୯ (୧) ଅନୁଯାୟୀ କେସ ରୁଜୁ କରି କୋର୍ଟ ଫର୍ୱାର୍ଡ କରାଯାଇଛି। ସେମାନଙ୍କ ପାଖରୁ ୬.୩୪, ଗ୍ରାମ ବ୍ରୁଉନ ସୁଗାର,(ମର୍ଫିନି), ୭ ଟି ବାଇଗଣୀ ରଙ୍ଗର କାଗଜ ଚିରା, ଗୋଟିଏ କି ପ୍ୟାଡ୍ ମୋବାଇଲ ଫୋନ, ତିନିଜଣଙ୍କ ପାଖରୁ ୩ଟି ମୋଟର ସାଇକେଲ, ଅଭିଯୁକ୍ତ ଗୌରାଙ୍ଗ ଗିରି ଠାରୁ ଗୋଟିଏ ପାଲିଥିନି ପ୍ୟାକେଟ ୫.୮୫, ଗ୍ରାମର ବ୍ରାଉନ ସୁଗାର (ମାର୍ଫିନି)-୫ ଟି ଗୋଲାପି ରଙ୍ଗର କାଗଜ ଚିରା, ପୋକ - ଏଫ ମୋବାଇଲ ଫୋନ ଗୋଟିଏ ମୋଟର ସାଇକେଲ ଓ ଅଭିଯୁକ୍ତ ସର୍ବେଶ୍ୱର ସେଠୀଙ୍କ ଠାରୁ ଗୋଟିଏ ପଲିଥିନ ପ୍ୟାକେଟ,୫.୭୪, ଗ୍ରାମ ବ୍ରାଉନୁ ସୁଗାର (ମର୍ଫିନ)-୭ ଟି ନାଲି ରଙ୍ଗର କାଗଜ ଚିରା ଗୋଟିଏ ଭିବୋ ୟାଇ ୫୮ମୋବାଇଲ ଫୋନ, ଗୋଟିଏ ମୋଟର ସାଇକେଲ ଜବତ ହୋଇଥିବା ବେଳେ ମୋଟ୍ ଜବତ ନିଶା ସାମଗ୍ରୀ ବ୍ରାଉନ ସୁଗାର ଜବତ କରାଯାଇ ଥିବା ଜଣା ଯାଇଛି।

## ଥୁଆମୁଳ ରାମପୁର ବ୍ଲକ: ୩୪୫ ମିଲିମିଟର ବର୍ଷା ରେକର୍ଡ

# ଯୋଗାଯୋଗ ବିଚ୍ଛିନ୍ନ, ଜନଜୀବନ ଅସ୍ତବ୍ୟସ୍ତ



ଥୁଆମୁଳ ରାମପୁର, ୨୪।୮(ଆନିସ): କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁରରେ ଲଗାଣ ବର୍ଷା ୩୪୫ ମିଲିମିଟର ରେକର୍ଡ, କରାଯାଇଛି। ବର୍ଷା ପ୍ରଭାବ ଏତେ ପରିମାଣରେ ବୃଦ୍ଧି ପାଇଥିଲା ଯେ, ଯୋଗାଯୋଗ ବିଚ୍ଛିନ୍ନ ବସଚଳାଚଳରେ ବ୍ୟାହତ ହୋଇଛି।ଯାତ୍ରୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରବଳ ବର୍ଷା ଯୋଗୁଁ ଥୁଆମୁଳ ରାମପୁର ଓ କାଶୀପୁରକୁ ସଂଯୋଗ କରୁଥିବା ଇନ୍ଦ୍ରାବତୀ ନଦୀ ପୋଲ ଓ କୁମାରକାନି ପୋଲ ଉପରେ ପାଣି ପ୍ରବାହିତ ହେବାରୁ ବସଚଳାଚଳରେ ବନ୍ଦ ରହିଥିଲା। ଢୋଲଫାସ ଠାରୁ ମହୁଲପାଟଣା ଗ୍ରାମକୁ ଗମନାଗମନ ଠପ, ଓ ଢୋଲଫାସ ଗାଡବେଡା ନଦୀର ଚାଷ ଜମି ପାଣି ମାଡିଯିବା ଫଳରେ ଅନେକ ଧାନ ଚାଷ ନଷ୍ଟ ହେବା ଆଶଙ୍କା ରହିଥିବା ବେଳେ ନିକେସଜୋର ଅଞ୍ଚଳରେ ବର୍ଷା ପାଣି ପୋଲ ଉପରେ ପ୍ରବାହିତ ହେବାରୁ ସେ ଅଞ୍ଚଳ ଥୁଆମୁଳ ରାମପୁର ଠାରୁ ସମ୍ପୂର୍ଣ୍ଣ ଭାବରେ ବିଛିନ୍ନ ହୋଇପଡିଥିଲା। ଅଞ୍ଚଳର ଜନସାଧାରଣଙ୍କ ଜନଜୀବନରେ ଅସ୍ତବ୍ୟସ୍ତ ହୋଇଥିଲା।। ୨୪ ପଞ୍ଚାୟତ ବର୍ଷାରେ ପ୍ରଭାବିତ ହୋଇଯାଇଛି। ସେହିପରି ଲଗାଣ ବର୍ଷାର ପ୍ରଭାବରେ ଇନ୍ଦିରାବତୀ ଜଳ ଭଣ୍ଡାର ଘେରରେ ଥିବା ପୋଡାପଦର ଗ୍ରାମବାସୀଙ୍କ ଜୀବନ ପ୍ରାୟତଃ ଅସ୍ତବ୍ୟସ୍ତ କରିଦେଇଛି। ଏହି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ପ୍ରାୟତଃ ଡଙ୍ଗା ହିଁ ସେମାନଙ୍କ ସାହାଭରସା। ଇନ୍ଦିରାବତୀ ଜଳଭଣ୍ଡାର ପ୍ରବଳ ବର୍ଷାରେ ଡଙ୍ଗା ଚଳପ୍ରଚଳ ପ୍ରାୟ ବନ୍ଦହୋଇଯାଇଥିଲା।। ଏହି ପରିପ୍ରେକ୍ଷୀରେ ଜନସାଧାରଣ ପଡୋଶୀ ଖାତିଗୁଡା ଟାଉନ ଉପରେ ନିର୍ଭର କରିବାକୁ ପଡିଥାଏ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା ଓ ପରିବାର ଚଳେଇବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇନଥିଲା।। ଅପରପକ୍ଷରେ ନାକରୁଣ୍ଡି, ସଲେଟ, ଓ କେରପାଇ ପଞ୍ଚାୟତ ମଧ୍ୟ ବାଦ ପଡିନଥିଲା।। ଏହି ଅଞ୍ଚଳର ଜନସାଧାରଣ ମଧ୍ୟ ବର୍ଷାରେ ପ୍ରଭାବିତ ହୋଇଥିବା ଜଣାପଡିଛି। କେରପାଇ ପଞ୍ଚାୟତ ସ୍ଥିତ ନଦୀରେ ନିର୍ମାଣଧିନ ପୋଲ ଅନିଶ୍ଚିତତା ବିଳମ୍ବ ହେତୁ କାଟେଲେକା, ମିଲାଙ୍ଗ ବନ୍ଦ, ହେଟକନା, କୁଟୁମାଳି ସମେତ୍ ଅନେକ ଗାଁ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଇଥିଲା।

ସେହିପରି ସରଗିପଦର ଠାରୁ ସୁଗେଙ୍ଗର ଗଡ ରାସ୍ତା ଧୋଇଯାଇଛି।ସାଧାରଣ ଲୋକଙ୍କ ଚଳାଚଳରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷୟକ୍ଷତି ଆକଳନ ଓ କ୍ଷୟକ୍ଷତି ବାବଦରେ କ୍ଷତି ପୂରଣ ବାବଦରେ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

### ସାର ଦୋକାନରେ ଅନିୟମିତତା ଅଭିଯୋଗ

# ସାର ସହ ନାନୋ ସାର ଦିଆଯାଉନି



ଜୟପୁର,୨୪।୮(ଆନିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସଦର ମହକୁମା ହାଟପଦାସ୍ଥିତ ଏକ ସାର ଦୋକାନରେ ପୁଣିଥରେ ସାର ବିକ୍ରିକୁ ନେଇ ଅନିୟମିତତା ଅଭିଯୋଗ ହୋଇଛି। ସାର କିଣିଥିବା ଚାଷୀଙ୍କୁ ନିୟମ ଅନୁଯାୟୀ ନାନୋ ସାର ନଦେଇ ଅଧିକ ଟଙ୍କା ନେଇଥିବା ଅଭିଯୋଗ ଉଠିଛି।ସୂଚନା ଅନୁଯାୟୀ, ଲମତାପୁଟ ବ୍ଲକ ଟିକରପଡା ପଞ୍ଚାୟତ ଅରଣା ଗ୍ରାମର ଚାଷୀ ଗୁରୁ ମହନଧାଡା ନନ୍ଦପୁର ହାଟପଦାସ୍ଥିତ ଉକ୍ତ ଦୋକାନରୁ ୩ ବ୍ୟାଗ ଡିଏପି ସାର କିଣିଥିଲେ। ଏଥିପାଇଁ ତାଙ୍କଠାରୁ ମୋଟ ୬ ହଜାର ଟଙ୍କା ନିଆଯାଇଥିବା ବେଳେ ସାର ସହ ଦିଆଯିବାକୁ ଥିବା ନାନୋ ସାର ଦିଆଯାଇନଥିବା ଚାଷୀ ଜଣକ ଅଭିଯୋଗ କରିଛନ୍ତି। ସାର କିଣିବା ପରେ ଚାଷୀ ଜଣକ ହାଟପଦା ଛକରେ ନିଜ ଗାଁକୁ ଯିବା ପାଇଁ ଅପେକ୍ଷା କରୁଥିବା ସମୟରେ ତାଙ୍କଠାରୁ ସାରର ଦର ବିଷୟରେ ପଚରାଯାଇଥିଲା। ସେତେବେଳେ ସେ ୩ ବ୍ୟାଗ ଡିଏପି ପାଇଁ ୬ ହଜାର ଟଙ୍କା ଦେଇଥିବା ଏବଂ ନାନୋ ସାର ପାଇନଥିବା କହିଥିଲେ। ଘଟଣା ସମ୍ପର୍କରେ ଦୋକାନୀଙ୍କୁ ପଚରାଯିବା ପରେ ତୁରନ୍ତ ୩ ବୋତଲ ନାନୋ ସାର ଆଣି ସମ୍ପୃକ୍ତ ଚାଷୀଙ୍କୁ ଦିଆଯାଇଥିବା ଜଣାପଡିଛି। ସେହିପରି କୁମାରଗନ୍ଧଣା ପଞ୍ଚାୟତ ଦାସପୁଟ ଗ୍ରାମର ଚାଷୀ ରଘୁ କ୍ରିସାନି ଗତକାଲି ୨ ହଜାର ଟଙ୍କା ଦେଇ ଗୋଟିଏ ବ୍ୟାଗ ଡିଏପି ସାର କିଣିଥିଲେ। ଘଟଣା ବିଷୟରେ ଜାଣିବା ପରେ ତାଙ୍କୁ ମଧ ନାନୋ ସାର ଫେରାଇ ଦିଆଯାଇଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଚାଷୀଙ୍କୁ ସାର ବିକ୍ରିରେ ଅନିୟମିତତା ନେଇ ଗତ ମାସ ୭ ତାରିଖରେ ମଧ ଖବର ପ୍ରକାଶ ପାଇଥିଲା।। ଏହାପରେ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ଦୋକାନୀଙ୍କୁ ଶୋ କଜ୍ ନୋଟିସ୍ ଦେବା ସହ ଚାଷୀଙ୍କୁ ନିର୍ଦ୍ଧାରିତ ଦରରେ ସାର ବିକ୍ରି କରିବାକୁ ତାଗିଦ କରିଥିଲେ।

ପୁଣିଥରେ ଏଭଳି ଅଭିଯୋଗ ଶୁଣିବା ପରେ ତହସିଲଦାର କ୍ଷୋଭ ପ୍ରକାଶ କରିଛନ୍ତି। ଦୋକାନର ରେଜିଷ୍ଟର ଯାଞ୍ଚ କରାଯିବ ଏବଂ ଯଦି ଚାଷୀଙ୍କଠାରୁ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ନିଆଯାଇଥିବା ପ୍ରମାଣିତ ହୁଏ, ତେବେ ଦୋକାନୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।ଏହି ଘଟଣା ସମ୍ପର୍କରେ କୃଷି ଅଧିକାରୀଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ନଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ, ସ୍ଥାନୀୟ ଚାଷୀମାନେ ସାର ଦୋକାନୀଙ୍କ ବିରୋଧରେ ବାରମ୍ବାର ଚାଷୀ ଶୋଷଣର ଅଭିଯୋଗ ଆଣିଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଚାଷୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବାଲିଗୁଡ଼ାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ



ବାଲିଗୁଡ଼ା,୨୪।୮(ଆନିସ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ବାଲିଗୁଡ଼ା ନଗରରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ବିଶ୍ୱନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସ୍ୱାମୀ ଲକ୍ଷ୍ମଣାନନ୍ଦ ଆଦର୍ଶ କନ୍ଧମାଳ ବିକାଶ ମଞ୍ଚ ପକ୍ଷରୁ ସକାଳେ ସ୍ୱାମୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ସଭା ଆୟୋଜିତ ହୋଇ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଆଦର୍ଶ, ତ୍ୟାଗ ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରାଯାଇଥିଲା। ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚକାପାଦ ଓ ଜାଲେଶପଙ୍ଗା ଆଶ୍ରମରେ ଅନେକ ଛାତ୍ରଛାତ୍ରୀ ସନାତନ ଧର୍ମ ସମ୍ପର୍କରେ ଶିକ୍ଷା ଗ୍ରହଣ କରି ଆଜି ବିଭିନ୍ନ କ୍ଷେତ୍ରରେ ଆଗଧାଡ଼ିରେ ରହିଛନ୍ତି ବୋଲି ବକ୍ତା କହିଥିଲେ। ଧର୍ମୀୟ ଓ ସାମାଜିକ ମୂଲ୍ୟବୋଧର ସୁରକ୍ଷା ସହ ସଂଗଠନକୁ କିପରି ଆଗକୁ ନିଆଯାଇପାରିବ, ସେନେଇ ମଧ ଆଲୋଚନା ହୋଇଥିଲା। ସଭା ପରେ ଏକ ରାଲି ମାଧ୍ୟମରେ ବାଲିଗୁଡ଼ା ନଗର ପରିକ୍ରମା କରାଯାଇଥିଲା।। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଅଧ୍ୟକ୍ଷ ବିଶ୍ୱନାଥ ପାତ୍ରଙ୍କ ସମେତ ଜିଲ୍ଲା ସଭାପତି ଅରୁଣ ନାୟକ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ଓଡ଼ିଶା ପୂର୍ବ ସମ୍ପାଦକ ଅରବିନ୍ଦ ଦାସ, କେନ୍ଦ୍ରାପଡ଼ା ବିଭାଗ ସଂଯୋଜକ ବାଦଲ ଦାସ, ରାଜ୍ୟ ଗୋରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ଦାସ ଓ ହିନ୍ଦୁ ମହାସଭାର ରାଜ୍ୟ ଅଧ୍ୟକ୍ଷ ସୂର୍ଯ୍ୟବଂଶୀ ଜୟନ୍ଧ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଦୀକ୍ଷାଗୁରୁ, କୀର୍ତ୍ତନ ଗୁରୁଙ୍କ ସମେତ ବହୁ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।

## ଜବତ ହେଲା ୧୮ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର: ମହିଳା ଗିରଫ

ଭୁବନେଶ୍ୱର,୨୪।୮:ପୁଣି ବାଲେଶ୍ୱର ଜିଲ୍ଲାରୁ ଆସିଲା ବ୍ରାଉନସୁଗାର କାରବାର ଘଟଣା । ନୀଳଗିରି ଅବକାରୀ ବିଭାଗର ବଡ଼ ସଫଳତା । ଚଢ଼ାଉ ବେଳେ ୧୮୦ ଗ୍ରାମ ବ୍ରାଉନସୁଗାର ସହ ଜଣେ ମହିଳାଙ୍କୁ ଗିର କରାଯାଇଛି । ତେବେ ଜବତ ହୋଇଥିବା ବ୍ରାଉନସୁଗାରର ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ଅନୁମାନ କରାଯାଉଛି। ବ୍ରାଉନସୁଗାର ବେପାର ଚାଲିଥିବା ସମ୍ପର୍କରେ ଅବକାରୀ ବିଭାଗ କୌଣସି ବିଶେଷ ସୂତ୍ରରୁ ଖବର ପାଇବା ପରେ ଚଢ଼ାଉ କରିଥିଲା । ଔପଦା ବ୍ଲକ ଦକ୍ଷିଣନରସିଂହପୁର ଅଞ୍ଚଳରେ ଏହି ଚଢ଼ାଉ କରାଯାଇଥିଲା ।

ମହିଳା ଜଣକ ଭୟରେ ଦୌଡ଼ି ପଳାଉଥିବାବେଳେ ସନ୍ଦେହ ହେବାରୁ ତାଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା । ପରେ ତାଙ୍କ ପାଖରେ ୧୮୦ ଗ୍ରାମ ଅର୍ଥାତ ୧୮ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନସୁଗାର ଜବତ କରାଯାଇଥିଲା ।

## ସରଣ୍ଡା ଜଙ୍ଗଲରୁ ବିପୁଳ ମାଓ ସାମଗ୍ରୀ ଜବତ

ଭୁବନେଶ୍ୱର,୨୪।୮(ଆନିସ): ରାଉରକେଲା କେ. ଇଲାଙ୍ଗ ଥାନା ସରଣ୍ଡାର ସିଲାକୁଟା ସଂରକ୍ଷିତ ଜଙ୍ଗଲରୁ ଠାବ ହୋଇଛି ପ୍ରବଳ ମାତ୍ରାରେ ମାଓ ସାମଗ୍ରୀ । ପୂର୍ବରୁ ମାଟି ତଳେ ପୋତା ଯାଇଥିବା ମାଓ ସାମଗ୍ରୀକୁ ପୋଲିସ ଓ ସିଆରପିଏଫ ମିଳିତ ଭାବେ ଖୋଳି ବାହାର କରିଛନ୍ତି ।ଜବତ ମାଓ ସାମଗ୍ରୀ ମଧ୍ୟରେ ରହିଛି ୧୫ଟି ଡ଼େଟୋନେଟର, ଦୁଇଟି ମାଗାଜିନ, ଗୋଟିଏ ୱାକି ଟକି , ୨୦ ଟି ଗୁଳି,ଗୋଟିଏ ଚାର୍ଜର ବ୍ୟାଟେରୀ ଓ ଗୋଟିଏ ମଲ୍ଟି ମିଟର । ରାଉରକେଲା ପୋଲିସ ସିଆରପିଏଫ ସହ କୋବ୍ରା ବାଟାଲିୟନ ମିଳିତ ଭାବରେ ଦିନ ରାତି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ସରଣ୍ଡା ଜଙ୍ଗଲରେ ପୂର୍ବରୁ ମାଓ ସମାଗ୍ରୀ ମାଟି ତଳେ ପୋତିଥିବା ଖବର ମିଳିଥିଲା। ପରେ ସୁରକ୍ଷା କର୍ମୀ ପହଞ୍ଚି ମାଟି ଖୋଳି ବାହାର କରିଥିଲେ ମାଓ ସାମଗ୍ରୀ। କେ . ବଲାଙ୍ଗ ଥାନା ଅଧୀନରେ ଆସୁଥିବା ସରଣ୍ଡା ଜଙ୍ଗଲରେ ଯଦିଓ ମାଓବାଦୀ ସଂପୁର୍ଣ୍ଣ ଭାବରେ ନିପାତ ହୋଇଛି କିନ୍ତୁ ପଡ଼ୋଶୀ ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲରେ ଏବେ ବି ମାଓବାଦୀ ଅଛନ୍ତି ସକ୍ରିୟ । ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲ ପଟୁ ଓଡ଼ିଶା ସରଣ୍ଡା ଜଙ୍ଗଲକୁ ମାଓବାଦୀ ପ୍ରବେଶ କରି ପାରିବେ ନାହିଁ ତାକୁ ନଜର ରେ ରଖି ରାଉରକେଲା ପୋଲିସ , ସିଆରପିଏଫ ସହ କୋବ୍ରା ଟିମ୍ ୨୪ ଘଣ୍ଟିଆ ସର୍ଚ୍ଚ ଅପରେସନ କରୁଛନ୍ତି ବୋଲି ରାଉରକେଲା ଏସପି ସୂଚନା ଦେଇଛନ୍ତି।

# ଶ୍ରୀ ମଦନ ମୋହନ ମନ୍ଦିରରେ ମାଳତୀ ଝୁଲଣ



କାଶୀନଗର ୨୪।୮( ଆନିସ): ଗଜପତି ଜିଲ୍ଲା କାଶୀନଗରରେ ବିଜେ ମଦନ ମୋହନ ମନ୍ଦିରରେ ମାଳତୀ ଝୁଲଣ ଆରମ୍ଭ ହୋଇଛି। ଶ୍ରାବଣ ଦଶମୀ ଠାରୁ ରାଖୀ ପୂର୍ଣ୍ଣମୀ ପର୍ଯ୍ୟନ୍ତ ନବ ଦିନ ବ୍ୟାପୀ ଝୁଲଣ ଯାତ୍ରା ଏକ ଭକ୍ତି ମୟ ପରିବେଶରେ ଅନୁଷ୍ଠିତ ହେଉଛି। ସନ୍ଧ୍ୟା ଆରତୀ ପରେ ଘଣ୍ଟି ମୃଦଙ୍ଗ ନାଦରେ ମହାପ୍ରଭୁଙ୍କ ବିଜେ ହୋଇଥିଲା। ଝୁଲଣ ମଣ୍ଡପରେ ଥିବା ବିମାନକୁ ବିଜେ ହୁଅନ୍ତି। ଏହା ପରେ ଶ୍ରୀକୃଷ୍ଣ ଙ୍କ ରାସ ଗୀତ ଗାନ ଓ ଭଜନ କୀର୍ତ୍ତନ ମଧରେ ମନ୍ଦିର ଅଂଚଳ ପ୍ରକମ୍ପିତ ହୋଇ ଉଠୁଛି। ଶ୍ରୀ ରାଧାକୃଷ୍ଣ ଭଜନା ମଣ୍ଡଳୀ ତରଫରୁ ଭଜନ ଓ ସଂକୀର୍ତ୍ତନ ଗାନ କରାଯାଉଛି। ଆସନ୍ତା ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ମନ୍ଦିର ଅଧିକାରୀ ଜଗଦୀଶ ପାତ୍ର ସୂଚନା ଦେଇଛନ୍ତି। ଗତକାଲି ପ୍ରବଳ ବର୍ଷା ସତ୍ତ୍ୱେ ପାରଳାଖେମୁଣ୍ଡିରୁ ମନ୍ଦିର ପରିଚାଳନା କମିଟିର ବାଞ୍ଛାନିଧି ପାତ୍ର ଯୋଗ ଦେଇଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର



ଜୟପୁର,୨୪।୮(ଆନିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଜୟନ୍ତଗିରି ପଞ୍ଚାୟତ ଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ରେ ଜୟପୁର ବ୍ଲକ ଅଦକ୍ଷା ତିଲତମା ମୁଦୁଲି,ଜୟନ୍ତଗିରି ସରପଞ୍ଚ ଭଦ୍ର ପୁଜାରୀ , ସହକାରୀ ନିର୍ଭାଇ ଯନ୍ତ୍ରୀ ବିଜୟ କୁମାର ନନ୍ଦ,ଏଇ ରଞ୍ଜିତା ରାଣି ପଣ୍ଡା,ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନବୀନ ଚନ୍ଦ୍ର ନାୟକ,ଜିପିଡିଓ ସୁବାସ ଚନ୍ଦ୍ର ଖୀଲ ,ସିଡିପିଓ କାଞ୍ଚନ ପଣ୍ଡା,ସସ୍ମିତା ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଗ୍ରାମବାସୀ ଉପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ, ନୂତନ ରାସ୍ତା, ରାସ୍ତା ମରାମତି, ଷ୍ଟ୍ରିଟ ଲାଇଟ,ଡ୍ରେନ,ପାନୀୟ ଜଳ ର ସମସ୍ୟା ଉପରେ ଆଲୋଚନା ହୋଇଥିଲା ,ବିଭିନ୍ନ ସରକାରୀ ଯୋଜନାର କିପରି ଲାଭ ପାଇପାରିବେ ଉପସ୍ଥିତ ଅଧିକାରୀ ମାନେ ଜଣେଇଥିଲେ ।ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ମଧ୍ୟ ଶୁଣାଣି ହୋଇଥୁଲା।

ଏହି କାର୍ଯ୍ୟକ୍ରମ ରେ ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ,

# ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ଗ୍ରୀନ୍ ଚାମ୍ପିଅନ୍'ଙ୍କୁ ସମ୍ବର୍ଦ୍ଧନା





ବ୍ରହ୍ମପୁର,୨୪।୮(ଆନିସ): ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ଭବିଷ୍ୟତ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ, ସ୍ୱାଧୀନତା ଦିବସ ଅବସରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଗ୍ରାହକ ଓ କର୍ମଚାରୀମାନଙ୍କୁ 'ଗ୍ରୀନ୍ ଚାମ୍ପିଅନ୍' ଭାବେ ସମ୍ବର୍ଦ୍ଧିତ କରାଯାଇଛି। ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜଲି ଯୋଜନା ( ପି ଏମ୍ ଏସ ଜି: ଏମ୍ ବି ୱାଇ) ଅଧୀନରେ ପ୍ରଥମ ସୌର ସଂଯୋଗ ଗ୍ରହଣ କରିଥିବା ୩୨ ଜଣ ଗ୍ରାହକ ଏବଂ ସୌର ଶକ୍ତିର ପ୍ରସାର ଓ ଗ୍ରାହକ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ୫୧ ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ଦକ୍ଷିଣ ଓଡ଼ିଶାରେ ଛାତ ଉପରେ ସୌର ଶକ୍ତିର ବ୍ୟବହାର ଓ ପ୍ରସାରକୁ ଆଗେଇ ନେବାରେ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ରହିଛି।

ଟିପିଏସ୍‌ଓଡିଏଲର ୬ଟି ସର୍କଲ୍ ଅଧୀନରେ ଥିବା ୮ଟି ଜିଲ୍ଲାରୁ ପ୍ରତ୍ୟେକ ଜିଲ୍ଲାର ୪ ଜଣ ଲେଖାଏଁ, ମୋଟ ୩୨ ଜଣ ଗ୍ରାହକଙ୍କୁ ଛାତ ଉପରେ ସୌର ଶକ୍ତି ଆପଣାଇ ଏକ ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସୌର ଶକ୍ତିକୁ ଆପଣାଇ ସେମାନେ କେବଳ ନିଜର ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିନାହାନ୍ତି, ବରଂ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରି ପରିବେଶ ସୁରକ୍ଷାରେ ମଧ ନିଜର ଅବଦାନ ରଖିଛନ୍ତି। ଏହି ସମ୍ମାନ ସେମାନଙ୍କ ସଚେତନତା ଓ ପରିବେଶ ପ୍ରତି ଦାୟିତ୍ୱବୋଧର ସ୍ୱୀକୃତି ସ୍ୱରୂପ।

ସେହିପରି, ସୌର ଶକ୍ତି ଆପଣାଇବାର ସମଗ୍ର ପ୍ରକ୍ରିୟାରେ ଗ୍ରାହକମାନଙ୍କୁ ସହଯୋଗ କରିଥିବା ଟିପିଏସ୍‌ଓଡିଏଲର କର୍ମଚାରୀମାନଙ୍କୁ ମଧ ସେମାନଙ୍କ ଉଲ୍ଲେଖନୀୟ ପ୍ରୟାସ ପାଇଁ ସମ୍ମାନିତ କରାଯାଇଛି। ପଞ୍ଜୀକରଣ ଓ ଆବଶ୍ୟକ ଦଲିଲପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ସୌର ପ୍ରକଳ୍ପର ସ୍ଥାପନ, ଯାଞ୍ଚ, କାର୍ଯ୍ୟକ୍ଷମତା ନିର୍ଦ୍ଧାରଣ ଓ ସବ୍‌ସିଡି ପ୍ରଦାନ ପର୍ଯ୍ୟନ୍ତ ସେମାନେ ଗ୍ରାହକମାନଙ୍କୁ ନିରନ୍ତର ସହଯୋଗ ପ୍ରଦାନ କରିଛନ୍ତି। ସେମାନଙ୍କ ସକ୍ରିୟ ଓ ଦାୟିତ୍ୱପୂର୍ଣ୍ଣ ଭୂମିକା ଗ୍ରାହକମାନଙ୍କ ପାଇଁ ସ୍ୱଚ୍ଛ ଓ ଅକ୍ଷୟ ଶକ୍ତି ଆଡ଼କୁ ପରିବର୍ତ୍ତନର ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରିଛି।

ସମ୍ବର୍ଦ୍ଧିତ 'ଗ୍ରୀନ୍ ଚାମ୍ପିଅନ୍' ଭାବେ ନିଜ ଅନୁଭୂତି ବ୍ୟକ୍ତ କରି ରାୟଗଡ଼ା ଜିଲ୍ଲା ଗୁଣପୁରର ଗ୍ରାହକ ମୁରଲୀଧର ପଣ୍ଡା କହିଛନ୍ତି, ''ଏହି ସ୍ୱାଧୀନତା ଦିବସରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ଗ୍ରୀନ୍ ଚାମ୍ପିଅନ୍' ଭାବେ ସମ୍ମାନିତ ହୋଇ ମୁଁ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛି। ଆମ ସମାଜ ପାଇଁ ଏକ ସ୍ଥାୟୀ ଓ ସୁନ୍ଦର ଭବିଷ୍ୟତ ଗଠନରେ ମୁଁ ନିଜର ଛୋଟ ଅବଦାନ ରଖିପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ମୁଁ ୩ କିଲୋୱାଟ୍‌ର ଏକ ସୌର ପ୍ରକଳ୍ପ ସ୍ଥାପନ କରିଛି, ଯାହା ଫଳରେ ମାସିକ ବିଦ୍ୟୁତ୍ ବିଲ୍‌ରେ ପ୍ରାୟ ୧,୫୦୦ରୁ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରୁଛି। ଏଥିସହ ମୋତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସବ୍‌ସିଡି ସହାୟତା ମଧ ମିଳିଛି। ସୌର ଶକ୍ତି ଆପଣାଇବା, ମୋ ପାଇଁ ଏକ ଅତ୍ୟନ୍ତ ସନ୍ତୋଷଜନକ ଓ ଲାଭଦାୟକ ଅନୁଭବ ହୋଇଛି।''

ଏହି ଅବସରରେ ଟିପିଏସ୍‌ଓଡିଏଲ୍ ର ସିଇଓ ଅମିତ କୁମାର ଗର୍ଗ କହିଛନ୍ତି, ''ଆଜି ସମ୍ବର୍ଦ୍ଧିତ ହୋଇଥିବା 'ଗ୍ରୀନ୍ ଚାମ୍ପିଅନ୍' ସ୍ୱଚ୍ଛ ଶକ୍ତି ଆଡ଼କୁ ଭାରତର ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ସାମୂହିକ ଚେତନତାର ପ୍ରତୀକ। ଆମ ଗ୍ରାହକମାନେ ପ୍ରମାଣ କରିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କ ଛୋଟ ପଦକ୍ଷେପ ମଧ ପରିବେଶ ଓ ସମାଜ ଉପରେ ବଡ଼ ପ୍ରଭାବ ପକାଇପାରେ। ସେହିପରି, ଆମ କର୍ମଚାରୀମାନେ ଗ୍ରାହକମାନଙ୍କ ସହ ନିକଟତର ହୋଇ କାର୍ଯ୍ୟ କରି ସୌର ଶକ୍ତି ଆପଣାଇବାର ସମଗ୍ର ପ୍ରକ୍ରିୟାକୁ ସରଳ କରିଛନ୍ତି। ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡ଼ିଶାର ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ଅକ୍ଷୟ ଶକ୍ତିକୁ ଅଧିକ ସୁଲଭ, ସ୍ୱଳ୍ପ ବ୍ୟୟସାଧ୍ୟ ଓ ସୁବିଧାଜନକ କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ଜାରି ରଖିବ।''

ଛାତ ସୌର ପ୍ରକଳ୍ପ ସ୍ଥାପନ ପାଇଁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗ୍ରାହକମାନଙ୍କ ଠାରୁ ଟିପିଏସ୍‌ଓଡିଏଲ୍ ନିକଟରେ ୫୧,୦୦୦ରୁ ଅଧିକ ଆବେଦନ ଗ୍ରହଣ କରିଛି। ଏହା ଅଞ୍ଚଳରେ ସ୍ୱଚ୍ଛ ଓ ଅକ୍ଷୟ ଶକ୍ତି ପ୍ରତି ବଢ଼ୁଥିବା ଆଗ୍ରହ ଏବଂ ଏହାର ବ୍ୟବହାରକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରୁଛି।

# ଜାନବାଇ ଗୋଷ୍ଠୀ ଶୌଚାଳୟରେ ଝୁଲୁଛି ତାଲା

## ୪ ବର୍ଷ ବିତିଲା ଲୋକଙ୍କ କାମରେ ଆସୁନି



ଚିତ୍ରକୋଣ୍ଡା,୨୪।୮(ଆନିସ): ଲକ୍ଷାଧିକ ଟଙ୍କା ବ୍ୟୟରେ ତିଆରି ହୋଇଥିବା ତିଆରି ହୋଇଥିବା ଗୋଷ୍ଠୀ ଶୌଚାଳୟ ଲୋକଙ୍କ କାମରେ ଲାଗୁନି । ନିର୍ମାଣକୁ ପ୍ରାୟ ୪ ବର୍ଷ ବିତିଯାଇଥିଲେ ମଧ ଶୌଚାଳୟରେ ତାଲା ପଡିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକ ବଡପଡା ପଞ୍ଚାୟତ ଅଧୀନ ଜାନବାଇ ବଜାରରେ । ଅଞ୍ଚଳବାସୀଙ୍କ କହିବା ଅନୁସାରେ ଗତ ୨୦୨୧-୨୨ ରେ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ଚିତ୍ରକୋଣ୍ଡା ବ୍ଲକ ବଡପଡା ପଞ୍ଚାୟତ ଅଧିନସ୍ଥ ଜାନବାଇ ବଜାରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା । ଏଥିପାଇଁ ପଞ୍ଚାୟତ ପକ୍ଷରୁ ଫିଫଟିଂଥ ସିଏଫସି ଫଣ୍ଡରୁ ୯୦ ହଜାର ଟଙ୍କା ଏବଂ ବ୍ଲକର ଏସବିଏମଜି ଫଣ୍ଡରୁ ୨ ଲକ୍ଷ୍ୟ ୧୦ହଜାର ଟଙ୍କାକୁ ମିଶାଇ ମୋଟ ୩ ଲକ୍ଷ୍ୟ ଟଙ୍କା ବ୍ୟୟ କରାଯାଇଥଲା । ବିଭିନ୍ନ କାର୍ଯ୍ୟ ନେଇ ଓ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ପ୍ରତିଦିନ ଜାନବାଇ ବଜାରକୁ ଆସୁଥିବା ପଣସପୁଟ, ଯନ୍ତ୍ରୀ, ଗାଜାଲମାମୁଡି, ପାପରମେଟଲା, ଧୂଳିପୁଟ, ରାଲେଗାଡା, ଯୋଡାମ୍ବ, ବଡପଡା ଏବଂ ବଡପଦର ପଞ୍ଚାୟତର ବହୁ ଗ୍ରାମବାସୀ ଏହି ଜାନବାଇ ବଜାରକୁ ଆସିଥାନ୍ତି । ଅଞ୍ଚଳବାସୀ ଏହାର ସୁବିଧା ନେଇପାରିବେ ବୋଲି ଆଶା କରାଯାଉଥିଲା ।

ଏଠାରେ ଭିନ୍ନକ୍ଷମ, ମହିଳା ଓ ପୁରୁଷ ମାନଙ୍କ ପାଇଁ ମୋଟ ୩ ଟି ପାଇଖାନା ନିର୍ମାଣ କରାଯାଇଛି ।

ଅନ୍ୟପକ୍ଷେ ଜାନାବାଇ ଠାରେ ଥିବା ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟା ସେତୁ ପରିଦର୍ଶନ କରିବା ପାଇଁ ମାଲକାନଗିରି ଜିଲ୍ଲା ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ଲୋକେ ନିଜ ପରିବାର ଲୋକ ଏବଂ ସମ୍ପର୍କୀୟଙ୍କୁ ସାଙ୍ଗରେ ନେଇ ଆସିଥାନ୍ତି। ଖାଲି ଏତିକି ନୁହେଁ, ଏହି ରାସ୍ତା ଦେଇ ପ୍ରତିଦିନ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ,ରୋଗୀ, ଓ ସେମାନଙ୍କର ସମ୍ପର୍କୀୟ ମାନେ ଯାତାୟତ କରୁଛନ୍ତି । ଶୌଚାଳୟର ତାଲା ଖୋଲାଯାଉ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବଡପଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶ୍ରୀ ସଞ୍ଜନା ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୋତେ ବଡପଡା ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି, ହେଲେ ପୂର୍ବରୁ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଜିତ ଦାସ ମୋତେ ଏ ପର୍ଯ୍ୟନ୍ତ ଉକ୍ତ ପଞ୍ଚାୟତର ଦାଇତ୍ୱ ହସ୍ତାନ୍ତର କରିନାହାନ୍ତି ବୋଲି କହିଥିଲେ । ଏ ସମ୍ପର୍କରେ ପଞ୍ଚାୟତର ପୂର୍ବତନ ନିର୍ବାହୀ ଅଧିକାରୀ ଶ୍ରୀ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆଉ କିଛି ଲେଖା ଲେଖି ବାକି ରହିଛି ମୁଁ ଖୁବ ଶୀଘ୍ର ଦାୟିତ୍ୱ ହସ୍ତାନ୍ତର କରିଦେବି ବୋଲି କହିଛନ୍ତି । ତେବେ ଏ ସମ୍ପର୍କରେ ବ୍ଲକ ପୋଗ୍ରାମ କୋଡିନେଟର ପ୍ରଫୁଲ ପୂଜାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଶୌଚାଳୟଟି ଭଲ ଅଛି । ମେଡିକାଲର କିଛି କର୍ମଚାରୀ ମାନେ ଏହାକୁ ବ୍ୟବହାର କରୁଛନ୍ତି

ସେମାନେ ତାଲା ପକାଇ ରଖୁଛନ୍ତି । ଶୌଚାଳୟରେ ପଡ଼ିଥିବା ତାଲା ଖୋଲି ଦେବା ପାଇଁ ମୁଁ ସେମାନଙ୍କୁ କହୁଛି ବୋଲି ଶ୍ରୀ ପୂଜାରୀ କହିଥିଲେ ।

# ବାଲିଶଙ୍କରା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼,୨୪/୦୮(ଆନିସ) : ବାଲିଶଙ୍କରା ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନ ସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୬୮ ଗୋଟି ଅଭିଯୋଗ



ମଧ୍ୟରୁ ୩୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୬ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୦ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



- ୨୨୮ ଅଭିଯୋଗ ପଞ୍ଜିକୃତ,୩୭ ଅଭିଯୋଗର ତତ୍କାଳ ସମାଧାନ,
- ସହରାଞ୍ଚଳ ଚାଷଜମିର ଆଂଶିକ ବିକ୍ରି ପ୍ରତିବନ୍ଧକ ହଟାଯାଉ

ଓଡ଼ଗାଁ ୨୪/୦୮(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ବ୍ଲକ ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ,ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର,ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ,ଗୋଷ୍ଠୀ ଶିକ୍ଷା ଅଧିକାରୀ ପିଣ୍ଟୁ ପ୍ରଧାନ ଏବଂ ଅନ୍ୟ ସମସ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ ମାନଙ୍କ ଉପସ୍ଥିତିରେ ୨୨୮ ଗୋଟି ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୨୦୫ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଗ୍ରାମ ସମୂହ ସମସ୍ୟା ୧୪। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ସମସ୍ୟା ୦୯ ରହିଥିବା ବେଳେ ରେଡ଼କ୍ରସ ସମ୍ବନ୍ଧୀୟ ସମସ୍ୟା ଶୂନ ରହିଥିଲା।ଶିବିରରେ ୩୭ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା। ଅବଶିଷ୍ଟ ମାମଲାଗୁଡିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପଠାଇ ଦିଆଯାଇଥିଲା।ରୋହିବାଙ୍କ ପଞ୍ଚାୟତରେ ବିନା ସୂଚନାରେ ଗ୍ରାମସଭା କରିବା,କାର୍ଡଧାରୀଙ୍କୁ ସଠିକ ଭାବେ ଚାଉଳ ନଦେବା, ଭତ୍ତା ଟଙ୍କା ହଡ଼ପ କରିବା ଅଭିଯୋଗରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ପାଇଁ ଭଗବତୀ ପ୍ରସାଦ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଓଡ଼ଗାଁ ଠାରୁ ରଙ୍ଗଣୀପାଟଣା ଗ୍ରାମଦେଇ କୁରାଳ ସୁନାମୁହିଁ ଯାଇଥିବା ପୂର୍ତ୍ତ ରାସ୍ତା ଦେଓଗାଁ – ଭାଲିଆଡିହି ଠାରେ ଖୁବ୍ ଶୀଘ୍ର ରାସ୍ତା ନିର୍ମାଣ କରିବା ସହିତ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ରହିବା ପାଇଁ ଦେଓଗାଁ ଗ୍ରାମ୍ୟ କମିଟି ଜିଲ୍ଲାପାଳଙ୍କୁ ଜଣାଇଥିଲେ।ବ୍ରାହ୍ମଣସାହି ୨ନଂ ୱାର୍ଡ ଠାରୁ ପୋତା ପୋଖରୀ ପର୍ଯ୍ୟନ୍ତ ରାସ୍ତାର ସଂପ୍ରସାରଣ ଏବଂ ଛାମୁସାହିରେ ଶେଷ ସୀମାରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ସଭାପତି ବୃନ୍ଦାବନ ଦାସ, ଉପସଭାପତି ଶଙ୍କର ବାରିକ ଓ କମିଟି ପକ୍ଷରୁ ସଂପାଦକ ରାଧାରଞ୍ଜନ ଉପାଧ୍ୟାୟ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଓଡ଼ଗାଁ ସହରାଞ୍ଚଳ ଚାଷୀ ଆଂଶିକ ଚାଷ ଜମି ବିକ୍ରି କରିବାକୁ ଥିବା ପ୍ରତିବନ୍ଧକ ହଟାଯାଉ ବୋଲି ସହରାଞ୍ଚଳ ଚାଷୀମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଆଜିର ଜନଶୁଣାଣୀ ଶିବିରରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ବିଡିଓ ପ୍ରିତିବାଳା ରଣା,ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଓଡ଼ଗାଁ ଆଇଆଇସି ସତ୍ୟନାରାୟଣ ବାରିକ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ,ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସୁବାଷ ଚନ୍ଦ୍ର ସ୍ବାଇଁ, ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ମିନୀ ପ୍ରଧାନ,ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ,ଯୋଗାଣ ଅଧିକାରୀ ମଳୟ କୁମାର ମେହେର, ଶିଶୁ ଓ ମହିଳା ସୁରକ୍ଷା ଅଧିକାରୀ ଲହଡ଼ିମାଳା ପ୍ରଧାନ,ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ବିଶ୍ବଜିତ ଯେନାଙ୍କ ସହିତ ଜିଲ୍ଲା ଏବଂ ବ୍ଲକର ବିଭାଗୀୟ ପଦସ୍ଥ ଅଧିକାରୀ ମାନେ ଏଥିରେ ଅଂଶଗ୍ରହଣ କରି ଅଭିଯୋଗ ଶୁଣିଥିଲେ।

# ଟଙ୍କା ଖର୍ଚ୍ଚ ହେଲା କିନ୍ତୁ ଘୋଡ଼ାବନ୍ଧ କାମ ଅଧାପନ୍ତୁରିଆ ଅବସ୍ଥାରେ




ଫୁଲବାଣୀ ,୨୪।୮ (ଆନିସ): କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଖଜୁରୀପଡ଼ା ବ୍ଲକ ଦୁତିପଡ଼ା ପଂଚାୟତର ଜାମୁଝୋରୀ ଗ୍ରାମରେ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ, ଫଳରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ବିଶେଷ କରି ସରକାରୀ ଯୋଜନା ଗ୍ରାମବାସୀଙ୍କ ସୁବିଧା ପାଇଁ ହୋଇଥାଏ, କିନ୍ତୁ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୁତିପଡ଼ା ଗ୍ରାମପଂଚାୟତର ଜାମୁଝୋରୀ ଗ୍ରାମରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି।

ଗ୍ରାମରେ ଥିବା ଘୋଡ଼ାବନ୍ଧ କାର୍ଯ୍ୟ ପାଇଁ ୧ ଲକ୍ଷ ୬୦ ହଜାର ଟଙ୍କା ବ୍ୟ ବରାଦ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ଦୃଶ୍ୟମାନ କାର୍ଯ୍ୟ ହୋଇନାହିଁ। ଟଙ୍କା ଖର୍ଚ୍ଚ ହୋଇଛି ବୋଲି କାଗଜପତ୍ରରେ ଦେଖାଯାଉଥିବା ବେଳେ ବାସ୍ତବରେ ବନ୍ଧ ଅବସ୍ଥା ପୂର୍ବ ପରି ରହିଛି। ଏଥିଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୮୦ଟି ପରିବାର ହେଲେ ନିର୍ଭରଶୀଳ ଅଛନ୍ତି । ଏହି ଘୋଡ଼ାବନ୍ଧ ଉପରେ ପ୍ରାୟ ୮୦ଟି ପରିବାର ନିର୍ଭର କରନ୍ତି। ଗାଧୋଇବା, ପଶୁ ପାଳନ ସମେତ ବନ୍ଧର ନିଷ୍କାସିତ ଜଳ ଦଶ ହେକ୍ଟର ଚାଷ ଜମିକୁ ଜଳସେଚନ କରିଥାଏ। କିନ୍ତୁ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଥିବାରୁ ବର୍ତମାନ ସେହି ୧୦ ହେକ୍ଟର ଜମି ମରୁଭୂମି ପାଲଟିଛି। ଚାଷ ହୋଇପାରୁ ନଥିବାରୁ କୃଷକ ମାନେ ଆର୍ଥିକ କ୍ଷତି ସହୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କାର୍ଯ୍ୟ ଆରମ୍ଭ ହୋଇ ଦୁଇ ବର୍ଷ ହୋଇସାରିଲାଣି। ଠିକାଦାର ଓ କିଛି ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଟଙ୍କା ହଡପ ହୋଇଛି। ବାବୁମାନଙ୍କ ପକେଟ ଗରମ ହୋଇଥିଲେ ମଧ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। କୌଣସି ଅଧିକାରୀ ଏହାକୁ ତଦାରଖ କରୁନାହାନ୍ତି। ଜଣେ ଗ୍ରାମବାସୀ କହିଲେ, ସରକାର ଟଙ୍କା ଦେଇଛନ୍ତି, କିନ୍ତୁ ଆମକୁ କିଛି ମିଳିନାହିଁ। ବନ୍ଧ ଭାଙ୍ଗିରୁଜି ପଡିଛି, ଜଳ ଅଟକୁ ନାହିଁ। ଆମ ପିଲାଙ୍କ ଭବିଷ୍ୟତ କଣ ହେବ? ତୁରନ୍ତ ତଦନ୍ତ ଦାବି, ଏନେଇ ଗ୍ରାମବାସୀମାନେ ଜିଲ୍ଲାପାଳ ଓ ବ୍ଲକ ପ୍ରଶାସନ ତୁରନ୍ତ ତଦନ୍ତ କରି ଦୋଷୀ ଠିକାଦାର ଓ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ବନ୍ଧ କାମକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି। ଖବର ପ୍ରସାରଣ ପରେ ପ୍ରଶାସନ କଣ ତତ୍ପରତା ଦେଖାଉଛି ତାହା ଦେଖିବାକୁ ବାକି ରହିଲା।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ବରଗଡ଼, ୨୪।୮ (ଆନିସ): ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ରବୀନ୍ଦ୍ର ନାଥ ଶତପଥୀଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଶତପଥୀଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହା, ବରଗଡ଼ ଉପ-ଜିଲ୍ଲାପାଳ ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁବାଷ ଅଗ୍ରୱାଲ, ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରିପୁନାଥ ସୁନା ଏବଂ ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାୟକ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟ କି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୭୪ ଗୋଟି ଅଭିଯୋଗ ମଧ୍ୟରୁ ୪୫ ଗୋଟି ବ୍ୟକ୍ତିଗତ ଏବଂ ୨୯ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ

# ଭାରତର ବିଶାଳ ସ୍କୋର

## ପଡିକ୍କଲଙ୍କ ପରେ ଧ୍ରୁବ ଜୁରେଲଙ୍କ ଶତକ

କଲମ୍ବୋ,୨୪।୮:ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ କଲମ୍ବୋରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଯୁବ ଭାରତୀୟ ବ୍ୟାଟର ଦେବଦତ୍ତ ପଡ଼ିକ୍କଲ ଇତିହାସ ରଚିଛନ୍ତି। ପଡ଼ିକ୍କଲ ନିଜର ଚମତ୍କାର ଫର୍ମ ଜାରି ରଖି ଆଉ ଏକ ଦର୍ଶନୀୟ ଶତକ ମାରିଛନ୍ତି। ଏହି ସିରିଜ୍‌ରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ଶତକ। ଏହାପୂର୍ବରୁ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ମଧ ସେ ୧୬୭ ରନ୍‌ର ଏକ ମାରାଥନ୍ ଇନିଂସ ଖେଳିଥିଲେ, ଯେଉଁଥିପାଇଁ ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଚୟନ କରାଯାଇଥିଲା। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ମଧ ପାଡିକଲ ଆରମ୍ଭରୁ ହିଁ ଲୟରେ ଥିବା ନଜର ଆସିଥିଲେ। ପଡ଼ିକ୍କଲ ନିଜର ଏହି ଶତକୀୟ ଇନିଂସରେ ଅଭୁତ ଧୈର୍ଯ୍ୟ ଓ ସଂଯମତା ଦେଖାଇଥିଲେ। ସେ କୌଣସି ବିପଜ୍ଜନକ ଶଟ୍ ନ ଖେଳି ଖୁବ୍ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ ଏବଂ ୧୬୮ଟି ବଲ୍‌ର ସାମ୍ନା କରି ନିଜର ଶତକ ପୂରଣ କରିଥିଲେ। ନିଜର ଏହି ଶତକୀୟ ଇନିଂସ ମଧ୍ୟରେ ସେ ଗୋଟିଏ ହେଲେ ବି ଛକା ନ ମାରି ୧୦ଟି ଚୌକା ମାରିଥିଲେ। ସେ ଅଧିନାୟକ ଶୁବମନ ଗିଲ୍‌ଙ୍କ ସହ ମିଶି ଏକ ମଜଭୁତ ପାର୍ଟନରସିପ୍ ଗଢ଼ିଥିଲେ। ଯାହାଫଳରେ ଭାରତୀୟ ଦଳ ମ୍ୟାଚ୍‌ରେ ବେଶ୍ ମଜଭୁତ ଓ ସମ୍ଭାଳିତ ସ୍ଥିତିରେ ପହଞ୍ଚିଛି। ଟିମ୍ ଇଣ୍ଡିଆ ଏହି ମ୍ୟାଚ୍‌ରେ ମାତ୍ର ୬୬ ରନ୍‌ରେ ନିଜର ଦୁଇଟି ୱିକେଟ୍ ହରାଇଥିଲା। ଏହାପରେ ଗିଲ୍ ଏବଂ ପଡ଼ିକ୍କଲ ତୃତୀୟ ୱିକେଟ୍ ପାଇଁ ୧୨୦ ରନ୍‌ର ଗୁରୁତ୍ୱପୂର୍ଣ୍ଣ ରନ ସଂଗ୍ରହ କରିଥିଲେ। ଏହାପରେ ଧ୍ରୁବ ଜୁରେଲ ମଧ ଶତକୀୟ ପାରି ଖେଳିଥିଲେ। ଜୁରେଲ ୧୧୫ ରନ୍ କରି ଆଉଟ୍ ହୋଇଥିଲେ ।



ବିଗତ କିଛି ସମୟ ଧରି ଭାରତୀୟ ଟେଷ୍ଟ ଦଳ ୩ ନମ୍ବର ସ୍ଥାନ ପାଇଁ ଏଭଳି ଜଣେ ଭରସାଯୋଗ୍ୟ ବ୍ୟାଟରଙ୍କ ସନ୍ଧାନରେ ଥିଲା, ଯିଏ କି ଦ୍ରୁତ ଏବଂ ସ୍ପିନ୍ ଉଭୟ ବୋଲିଂର ଦୃଢ଼ତାର ସହ ସାମ୍ନା କରିପାରୁଥିବେ। ପଡ଼ିକ୍କଲ କ୍ରମାଗତ ଦୁଇଟି ଶତକ ହାସଲ କରି ଏହି ସମସ୍ୟାର ପ୍ରାୟ ସମ୍ପୂର୍ଣ୍ଣ ସମାଧାନ କରିଦେଇଛନ୍ତି। ପଡ଼ିକ୍କଲ ଯେଉଁଭଳି ଭାବରେ ସ୍ପିନ୍ ଏବଂ ଦ୍ରୁତ ବୋଲିଂ ବିପକ୍ଷରେ ସହଜରେ ରନ୍ ସଂଗ୍ରହ କରୁଛନ୍ତି, ସେଥିରୁ ଜଣାପଡ଼ୁଛି ଯେ ସେ ତୃତୀୟ ନମ୍ବର ସ୍ଥାନରେ ନିଜର ଜାଗା ଅନେକାଂଶରେ ପକ୍କା କରିସାରିଛନ୍ତି। ପଡ଼ିକ୍କଲଙ୍କ ଏହି ନିରନ୍ତର ଚମତ୍କାର ପ୍ରଦର୍ଶନ ସେହି ଖେଳାଳିମାନଙ୍କ ପାଇଁ ବାଟ କଷ୍ଟକର କରିଦେଇଛି, ଯେଉଁମାନେ ଦୀର୍ଘ ସମୟ ଧରି ୩ ନମ୍ବର ସ୍ଥାନର ଦୌଡ଼ରେ ରହିଥିଲେ। ଏଥି ମଧ୍ୟରେ ସବୁଠାରୁ ପ୍ରମୁଖ ନାମ ହେଉଛି ସାଇ ସୁଦର୍ଶନଙ୍କର। ସାଇ ସୁଦର୍ଶନ ଆହତ ହେବା ପରେହିଁ ଦେବଦତ୍ତ ପଡ଼ିକ୍କଲଙ୍କୁ ଭାରତୀୟ ଟେଷ୍ଟ ସ୍କ୍ୱାଡ୍‌ରେ ସାମିଲ ହେବାର ସୁଯୋଗ ମିଳିଥିଲା। ବର୍ତ୍ତମାନ ପଡ଼ିକ୍କଲଙ୍କ ଏହି ଦମଦାର ପ୍ରଦର୍ଶନ ପରେ ସୁଦର୍ଶନଙ୍କ ପାଇଁ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଯାଇଛି। ଭାରତର ୩ ନମ୍ବର ବ୍ୟାଟରଙ୍କ ଦ୍ୱାରା କ୍ରମାଗତ ଦୁଇଟି ବିଦେଶୀ ଟେଷ୍ଟରେ ଶତକ ମାରିବାର ପୂର୍ବ ଉଦାହରଣ ୨୦୧୮–୧୯ ବର୍ଡର–ଗାଭାସ୍କର ଟ୍ରଫିରେ ଦେଖିବାକୁ ମିଳିଥିଲା। ସେହି ସମୟରେ ଚେତେଶ୍ୱର ପୂଜାରା ମେଲବର୍ଣ୍ଣ ଟେଷ୍ଟରେ ୧୦୬ ରନ୍ କରିଥିଲେ ଏବଂ ସିଡନୀ ଟେଷ୍ଟରେ ୧୯୩ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ବର୍ତ୍ତମାନ ଶ୍ରୀଲଙ୍କା ବିପକ୍ଷରେ ଦେବଦତ୍ତ ପଡ଼ିକ୍କଲ କ୍ରମାଗତ ଦୁଇଟି ଟେଷ୍ଟରେ ଶତକ ହାସଲ କରି ଏହି ସ୍ୱତନ୍ତ୍ର ସଫଳତାର ସମକକ୍ଷ ହୋଇଛନ୍ତି। ଏହି ପ୍ରଦର୍ଶନ ଦର୍ଶାଉଛି ଯେ ସେ ୩ ନମ୍ବର ସ୍ଥାନରେ ଟିମ୍ ଇଣ୍ଡିଆ ପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜଣେ ଭରସାଯୋଗ୍ୟ ବିକଳ୍ପ ସାଜିପାରିବେ। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଭାରତ ୧୩୧ ଓଭରରେ ସମସ୍ତ ୱିକେଟ୍ ହରାଇ ୫୦୩ ରନ୍ ସଂଗ୍ରହ କରିଛି। ଭାରତକୁ ଏହି ମଜଭୁତ ସ୍ଥିତିରେ ପହାଞ୍ଚାଇବା ପାଇଁ ଦେବଦତ୍ତ ପଡ଼ିକ୍କଲ ପ୍ରମୁଖ ଭୂମିକା ନିଭାଇଥିଲେ। ଯିଏ କି ୧୯୩ଟି ବଲ୍‌ରୁ ୧୨ଟି ଚୌକା ସହାୟତାରେ ୧୧୭ ରନ୍‌ର ଏକ ଚମତ୍କାର ଶତକୀୟ ଇନିଂସ ଖେଳିଛନ୍ତି। ଅଧିନାୟକ ଗିଲ୍ ମଧ ଦଳର ନେତୃତ୍ୱ ନେଇ ୧୦୮ଟି ବଲ୍‌ରେ ୫୦ ରନ୍ କରିଥିଲେ ଏବଂ ପଡ଼ିକ୍କଲଙ୍କ ସହ ମିଶି ତୃତୀୟ ୱିକେଟ୍ ପାଇଁ ୧୨୦ ରନ୍‌ର ଏକ ବହୁମୂଲ୍ୟ ଶତକୀୟ ପାର୍ଟନରସିପ୍ ଗଢ଼ି ଦଳକୁ ଏକ ବଡ଼ ସ୍କୋର ଆଡ଼କୁ ଅଗ୍ରସର କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜୟସ୍ୱାଲ ୪୫, କେଏଲ ରାହୁଲ ୧୮, ଋଷଭ ପନ୍ତ ୬୩ ରନ୍ ଓ ରବୀନ୍ଦ୍ର ଜାଡେଜା ୪୩ ରନ କରିଥିବା ବେଳେ ଧ୍ରୁବ ଜୁରେଲ ୧୧୫ ଓ ସାରାସଂ ଜୈନ ୬ ରନ କରି ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ସଫଳ ବୋଲର ଭାବେ ଆସିଥା ଫର୍ଣ୍ଣାଣ୍ଡୋ ୩ ୱିକେଟ, କୁମାରା ଓ କେଶରା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

## ଶ୍ରୀମନ୍ଦିର ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ!

# ବଡ଼ଦାଣ୍ଡରେ ଜଗନ୍ନାଥ ଜମି ଉପରେ ବେଆଇନ ପେଟ୍ରୋଲ ପମ୍ପ ନିର୍ମାଣ ଅଭିଯୋଗ

ପୁରୀ: ଶ୍ରୀମନ୍ଦିର ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ପୁରୀ ବଡ଼ଦାଣ୍ଡ ଅଞ୍ଚଳରେ, ବଲବଣ୍ଡି ଛକ ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଉପରେ ବେଆଇନ ଭାବେ ଏକ ପେଟ୍ରୋଲ ପମ୍ପ ନିର୍ମାଣ ଚାଲିଥିବା ର ସାମ୍ନାକୁ ଆସିଛି। ପୁରୀ ସଦର ତହସିଲ ଅଧୀନ ପୁରୀ ମୁନିସିପାଲିଟି ଅଞ୍ଚଳର ୱାର୍ଡ ନମ୍ବର ୨୧, ଖାତା ନମ୍ବର ୨୪୫ ଓ ପ୍ଲଟ ନମ୍ବର ୩୬୦ର ଜମିର ମାଲିକାନା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରହିଛି। ଏହି ଜମି 'ଶ୍ରୀକ୍ଷେତ୍ର ମାଫତ ଶ୍ରୀଜଗନ୍ନାଥ, ଶ୍ରୀମନ୍ଦିର ପରିଚାଳନା କମିଟି, ପୁରୀ'




ଅଧୀନରେ ଥିବା ଦାବି କରାଯାଉଛି। ଜାତୀୟ ରାଜପଥ ପାର୍ଶ୍ୱରେ ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ନିର୍ମାଣ ପାଇଁ ସମସ୍ତ ଆଇନଗତ ଅନୁମତି ଓ ଆବଶ୍ୟକ ମଞ୍ଜୁରୀ ନିଆଯାଇଛି କି? ଯଦି ଅନୁମତି ନିଆଯାଇନାହିଁ, ତେବେ ଦିନରାତି ନିର୍ମାଣ କାର୍ଯ୍ୟ କିପରି ଚାଲିଛି?ଏହାସହ ପେଟ୍ରୋଲ ପମ୍ପ ନିକଟରେ ବଡ଼ ମେଡିକାଲ, ଜନଗହଳିପୂର୍ଣ୍ଣ ଅଞ୍ଚଳ ଓ ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନ ଥିବାରୁ ଅଗ୍ନି ନିରାପତ୍ତା, ଯାତାୟାତ ଓ ସାଧାରଣ ଲୋକଙ୍କ ସୁରକ୍ଷା ସମ୍ପର୍କରେ ମଧ ପ୍ରଶ୍ନ ଉଠୁଛି। ଏହି ଘଟଣାରେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲା ପ୍ରଶାସନ, ପୁରୀ ମୁନିସିପାଲିଟି/ ସମ୍ପୃକ୍ତ ଅଧିକାରୀ ଏବଂ ଆଇନ ବିଭାଗ ପକ୍ଷରୁ କାହିଁକି ଏପର୍ଯ୍ୟନ୍ତ ଠୋସ ପଦକ୍ଷେପ ନିଆଯାଇନାହିଁତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହାର ସତ୍ୟତା ଯାଞ୍ଚ କରି ଜମିର ମାଲିକାନା, ନିର୍ମାଣ ଅନୁମତି, ପେଟ୍ରୋଲ ପମ୍ପ ପାଇଁ ଆବଶ୍ୟକ ସମସ୍ତ ଆଇନଗତ ଅନୁମୋଦନ ଏବଂ ସୁରକ୍ଷା ମାନଦଣ୍ଡ ସମ୍ପର୍କରେ ପ୍ରଶାସନ ତୁରନ୍ତ ସ୍ପଷ୍ଟୀକରଣ ଦେବା ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଶ୍ରାବଣ ଶେଷ ସୋମବାରରେ ବିରିପାଲିରେ ଶ୍ରଦ୍ଧାଳୁଙ୍କ ଭିଡ଼

ପଦ୍ମପୁର,୨୪।୮ (ଆନିସ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ



ଜମରତଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିରିପାଲି ଶୈବପୀଠରେ ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଭୋର ସମୟରୁ ହିଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ବିରିପାଲିରେ ପହଞ୍ଚି ମହାଦେବଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଶ୍ରାବଣ ସୋମବାରକୁ ନେଇ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଥିଲା। 'ହର ହର ମହାଦେବ' ଧ୍ୱନିରେ ଶୈବପୀଠ ପରିସର ପ୍ରକମ୍ପିତ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ବେଲପତ୍ର, ଫୁଲ, ଦୁଗ୍ଧ ଓ ଜଳ ଅର୍ପଣ କରି ମହାଦେବଙ୍କ ଆଶୀର୍ବାଦ କାମନା କରିଥିଲେ। ଶ୍ରଦ୍ଧାଳୁଙ୍କ ସୁବିଧା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ଶୈବପୀଠ କମିଟିର ସଭାପତି କରୁଣାକର ସାହୁ, ସମ୍ପାଦକ ମାନସ ପଣ୍ଡା, କୋଷାଧ୍ୟକ୍ଷ ଟୁନୁ ଚନ୍ଦ୍ର ବେହେରା, ପରାମର୍ଶଦାତା ସୁରେଶ ଚାନ୍ଦ ଓ ଧନମାଲି ହାତୀଙ୍କ ସମେତ ଗ୍ରାମର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ। ଏହି ଅବସରରେ ଶୈବପୀଠ ପରିସରରେ କୀର୍ତ୍ତନ ଧାରା ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କ ପାଇଁ ନରେଶ ଅଗ୍ରୱାଲ ଓ କଂସର ମେହେର ସମାଜ ପକ୍ଷରୁ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା। ସେହିପରି ଖଇରପାଲି ଗ୍ରାମର ମିଟୁ ମେହେର, ଡଙ୍ଗରମୁଣ୍ଡା ଗ୍ରାମର ଦିଲ୍ଲୀପ ଓ ପ୍ରକାଶ ବେହେରା ଏବଂ ଦହିତା ଗ୍ରାମର ବୋଲବମ୍ ପାର୍ଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କରାଯାଇଥିଲା। ଶ୍ରାବଣ ମାସର ଶେଷ ସୋମବାରରେ ବିରିପାଲି ଶୈବପୀଠର ଏହି ଭକ୍ତିମୟ ପରିବେଶ ଭକ୍ତମାନଙ୍କ ମନରେ ଆଧାତ୍ମିକ ଭାବନା ସୃଷ୍ଟି କରିବା ସହ ସମଗ୍ର ଅଞ୍ଚଳକୁ ଭକ୍ତିରସରେ ଭିଜାଇ ଦେଇଥିଲା।

# ସୁନା ମୂର୍ତ୍ତିର ଲୋଭରୁ ହତ୍ୟା, ତିନି ଅଭିଯୁକ୍ତ ଗିରଫ

ପୁରୀ,୨୪।୮: ସୁନାର ଦୁର୍ଗା ମୂର୍ତ୍ତି ଓ ଟଙ୍କା କାରବାରକୁ କେନ୍ଦ୍ର କରି ପୁରୀ ଜିଲ୍ଲା କଣାସ ଥାନା ଅଞ୍ଚଳରେ ଘଟିଥିବା ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ମୃତ ପର୍ଶୁରାମ ପ୍ରଧାନଙ୍କୁ ଛୁରିରେ ଆକ୍ରମଣ କରିବା ପରେ ତାଙ୍କ ହାତ, ଗୋଡ଼ ଓ ମୁହଁ ବାନ୍ଧି ନିଆଁ ଲଗାଇବା ସହ ଘଟଣାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ ହୋଇଥିବା ପୋଲିସ ପ୍ରେସ୍ ନୋଟ୍‌ରୁ ଜଣାପଡ଼ିଛି। ଏହି ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଧରାଯାଇଥିବା ବେଳେ ଘଟଣାର ତଦନ୍ତ ଏବେ ବି ଜାରି ରହିଛି। ପୋଲିସର ସୂଚନା ଅନୁଯାୟୀ, କଣାସ ଥାନା ଅନ୍ତର୍ଗତ ମନ୍ଦାରବସ୍ତା ଗାଁରେ ଅଗଷ୍ଟ ୧୧ ତାରିଖ ରାତି ପ୍ରାୟ ୯ଟା ୩୦ରୁ ୧୧ଟା ୫୦ ମଧ୍ୟରେ ଏହି ଘଟଣା ଘଟିଥିଲା। ମୃତ ପର୍ଶୁରାମ ପ୍ରଧାନ ଘରେ ଦେବୀଙ୍କ ମନ୍ଦିର କରି ନିୟମିତ ପୂଜା ଓ ସାଧନା କରୁଥିଲେ। ବିଭିନ୍ନ ସମସ୍ୟାର ସମାଧାନ କରିଦେବା ଦାବିରେ ତାଙ୍କ ନିକଟକୁ ବହୁ ଲୋକ ଆସୁଥିବାରୁ କିଛି ଲୋକଙ୍କ ସହ ତାଙ୍କର ବିବାଦ ମଧ ହୋଇଥିବା ପୋଲିସ କହିଛି। ତଦନ୍ତ ସମୟରେ ରାଜ କିଶୋର ସାହୁଙ୍କ ସହ ମୃତକଙ୍କ ପୂର୍ବ ପରିଚୟ ଥିବା ଜଣାପଡ଼ିଥିଲା। ପୋଲିସ ଅନୁସାରେ, ରାଜ କିଶୋର ତାଙ୍କ ଭାଇ ସୁରେଶ ସାହୁଙ୍କ ମନରେ ସୋନାଲି ସାହୁଙ୍କ ପ୍ରତି ଅପ୍ରୀତି ସୃଷ୍ଟି କରିବା ଆଶାରେ ପର୍ଶୁରାମଙ୍କୁ ପ୍ରାୟ ୧୯ ହଜାର ଟଙ୍କା ଦେଇଥିଲେ। ଏହାପରେ ମାମଲା ଆହୁରି ଜଟିଳ ହୋଇଥିବା ପୋଲିସ କହିଛି। ପର୍ଶୁରାମ ତାଙ୍କ ଜମିରେ ପୋତା ହୋଇଥିବା ବୋଲି କୁହାଯାଉଥିବା ୧୭୦୦ ଗ୍ରାମ ଓଜନର ସୁନା ଦୁର୍ଗା ମୂର୍ତ୍ତି ବାହାର କରିବା ପାଇଁ ଟଙ୍କା ଦାବି କରିଥିଲେ। ରାଜ କିଶୋର ବିଭିନ୍ନ ସମୟରେ ପ୍ରାୟ ୨ ଲକ୍ଷ ଟଙ୍କା ଦେଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। କିନ୍ତୁ ମୂର୍ତ୍ତି ଦେବା କିମ୍ବା ଟଙ୍କା ଫେରସ୍ତ କରିବାରେ ପର୍ଶୁରାମ ବିଫଳ ହେବାରୁ ରାଜ କିଶୋର ତାଙ୍କ ଉପରେ କ୍ଷୁବ୍ଧ ହୋଇଥିବା ପୋଲିସ ଦାବି କରିଛି। ପୋଲିସ ଅନୁଯାୟୀ, ଅଗଷ୍ଟ ୧୧ ରାତିରେ ରାଜ କିଶୋର ସାହୁ ତାଙ୍କ ସହଯୋଗୀ ସତ୍ୟବ୍ରତ ମଲିକଙ୍କ ସହ ଏକ ବ୍ୟାଗ୍‌ରେ ଲଙ୍କାଗୁଣ୍ଡ, ପ୍ରାୟ ଅଧା ଲିଟର ପେଟ୍ରୋଲ ଓ ଏକ ଧାରୁଆ ଛୁରି ନେଇ ପର୍ଶୁରାମଙ୍କ ଘରକୁ ଯାଇଥିଲେ। ସେମାନେ ସୁରେଶ ସାହୁଙ୍କ ସହ ଯୋଗାଯୋଗ କରି ତାଙ୍କୁ ମନ୍ଦାରବସ୍ତା ନିକଟରେ ଛାଡ଼ିବା ପାଇଁ କହିଥିବା ତଦନ୍ତରୁ ସାମ୍ନାକୁ ଆସିଛି।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda